

ସବୁଠାରୁ ଅଳ୍ପରେ ସିଏ ସନ୍ତୁଷ୍ଟ ହୋଇପାରିଲା, ସେ ହିଁ ସଂସାରରେ ଶ୍ରେଷ୍ଠ ଧନୀ। କାରଣ ସନ୍ତୋଷ ହିଁ ପ୍ରକୃତ ସମ୍ପଦ।
- ସକ୍ରେଟିସ୍

## ସଂକ୍ଷେପରେ

### ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ ଘଟଣା, ୨ ଗିରଫ

**ପୁରୁଣା ଭୁବନେଶ୍ୱର, ୧୦।୬ (ଡି.ଏନ୍.ଏ.):** ଶ୍ରୀ ଲିଙ୍ଗରାଜ ଥାନା ଅଧୀନ ବ୍ୟାଙ୍କ କଲୋନୀରେ ଗତ ୮ତାରିଖ ବିଳମ୍ବିତ ରାତିରେ ବିଜୟ୍ ଗୁପ୍ତାଙ୍କୁ ଆକ୍ରମଣ ହୋଇଥିଲା। ଏହି ଘଟଣାରେ ପୋଲିସ ସୋମବାର ଦୁଇ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ରାମେଶ୍ୱର ପାଟଣାର ଦେବରାଜ ମହାନ୍ତି ଓ ଜ୍ୟୋତି ପ୍ରସନ୍ନ ମହାପାତ୍ର। ଏ ନେଇ ଥାନାରେ (ନଂ. ୯୫/୧୯)ରୁଜୁ ହୋଇଛି। ସୂଚନାଥାଉକି, ପୂର୍ବ ଶତ୍ରୁତାକୁ ନେଇ ୪ରୁ ଊର୍ଦ୍ଧ୍ୱ ଯୁବକ ବିଜୟଙ୍କୁ ଆକ୍ରମଣ କରିଥିଲେ।

### ଦୃଷ୍ଟିବାଧିତ ଖେଳାଳିଙ୍କୁ ନିର୍ଯାତନା ଅଭିଯୋଗ

**ପୁରୁଣା ଭୁବନେଶ୍ୱର, ୧୦।୬ (ଡି.ଏନ୍.ଏ.):** ଦୃଷ୍ଟିବାଧିତ ଖେଳାଳିଙ୍କୁ ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଛି। ସୁବିଧାସୁଯୋଗରୁ ବଞ୍ଚିତ କରିବାରି ରାଜ୍ୟର ୪୦ଜଣ ଦୃଷ୍ଟିବାଧିତ ଖେଳାଳି ଘରକୁ ଫେରିଛନ୍ତି। ମାରୱାଡ଼ି ଯୁବମଞ୍ଚ ପକ୍ଷରୁ ପାଉଁରୁଟି, ବିସ୍କୁଟ୍ ଖାଇ ଫେରିଥିବା ଏହି ଖେଳାଳିଙ୍କ ମଧ୍ୟରେ ଚାରିଜଣ ଜାତୀୟସ୍ତରର ଖେଳାଳି ମଧ ହଇହଇଁା ହୋଇଛନ୍ତି। ସୂଚନା ଅନୁଯାୟୀ ଜୁନ୍ ୬ରୁ ୮ ପର୍ଯ୍ୟନ୍ତ ବୌଦ୍ଧ ବୁଟୁପାଲି ସ୍ଥିତ ଓଡ଼ିଶା ଦିବ୍ୟାଙ୍ଗ ସ୍ପୋର୍ଟସ୍ ଆଣ୍ଡ୍ କଲ୍ଚରାଲ ଆସୋସିଏଶନ ଦ୍ୱାରା ବୌଦ୍ଧ କଚେରୀ ପଡ଼ିଆରେ ରାଜ୍ୟସ୍ତରୀୟ ଦୃଷ୍ଟିବାଧିତ କ୍ରିକେଟ ଟୁର୍ନାମେଣ୍ଟ ଆୟୋଜିତ ହୋଇଥିଲା। ଏଥିରେ ଯୋଗ ଦେବା ପାଇଁ ଭଦ୍ରକ, ମୟୂରଭଞ୍ଜ, ବାଲେଶ୍ୱର ଓ କଟକ ଜିଲାରୁ ୪୦ଜଣ ଦୃଷ୍ଟିବାଧିତ କ୍ରିକେଟ ଖେଳାଳି ବୌଦ୍ଧ ଯାଇଥିଲେ। ପ୍ରଥମ ଦିନରୁ ଏହି ଖେଳାଳିଙ୍କ ବିଭିନ୍ନ ସୁବିଧା ସୁଯୋଗରୁ ବଞ୍ଚିତ କରାଯାଇଥିଲା। ଖେଳର ଅନ୍ତିମ ଦିନ ଖାଇବାକୁ ଦିଆଯାଇନଥିଲା। ଖେଳାଳିମାନେ ଗସ୍ତ ଖର୍ଚ୍ଚ ପାଇଁ ଦାବି କରିଥିଲେ। ମୋଟ୍ ୪୨ ହଜାର ଟଙ୍କା ପରିବର୍ତ୍ତେ ଆୟୋଜକ ୧୯ ହଜାର ଟଙ୍କା ଦେଇ ଖସି ଚାଲିଯିବା ପରେ ଖେଳାଳିମାନେ ରାତି ୧୦ଟାରେ ଜିଲ୍ଲା ପ୍ରଶାସନ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ଖବରପାଇ ବିଭାଗୀୟ ଅଧିକାରୀମାନେ ପହଞ୍ଚି ଖେଳାଳିଙ୍କୁ ବୁଝାଶୁଝା କରି ଧାରଣା ପ୍ରତ୍ୟାହୃତ କରିଥିଲେ।

### ଆନ୍ତଃରାଜ୍ୟ ବାଇକ୍ ଲୁଟେରାଙ୍କ ରିମାଣ୍ଡ ଅବଧି ଶେଷ

ପଶ୍ଚିମବଙ୍ଗରୁ ୨ ବାଇକ ଜବତ

**ଭୁବନେଶ୍ୱର, ୧୦।୬ (ବ୍ୟୁରୋ)-** ଖାରବେଳନଗର ଥାନା ପୋଲିସ ରିମାଣ୍ଡରେ ଆଣିଥିବା ୨ ଆନ୍ତଃରାଜ୍ୟ ବାଇକ ଲୁଟେରାଙ୍କ ରିମାଣ୍ଡ ଅବଧି ସୋମବାର ଶେଷ ହୋଇଛି। ରିମାଣ୍ଡ ଆସିଥିବା ୨ ଅଭିଯୁକ୍ତଙ୍କୁ ଧରି ପୋଲିସର ଏକ ସ୍ୱତନ୍ତ୍ର ଟିମ ୩ଦିନ ଧରି ପଶ୍ଚିମବଙ୍ଗର ବିଭିନ୍ନ ଅଞ୍ଚଳରେ ଚଢ଼ାଉ କରିଥିଲା। ଚଢ଼ାଉ ପରେ ସେଠାରୁ ୨ଟି ଆପାଚିର ଚୋରା ବାଇକ ଜବତ କରିଛି। ମାତ୍ର କୌଣସି ସୂତ୍ରରୁ ଖବରପାଇ ଚୋରା ବାଇକ କିଣିଥିବା ଅଭିଯୁକ୍ତମାନେ ଫେରାର ହେବାରେ ସକ୍ଷମ ହୋଇଥିଲେ। ଫଳରେ ଅନେକ ଚୋରା ବାଇକ ପୋଲିସ ଜବତ କରିବାକୁ ଅସମର୍ଥ ହୋଇଥିଲା। ପୋଲିସ ସୋମବାର ଅପରାହ୍ଣରେ ଭୁବନେଶ୍ୱରରେ ପହଞ୍ଚି ୨ ଅଭିଯୁକ୍ତଙ୍କୁ କୋର୍ଟରେ ହାଜର କରିବା ପରେ ଜାମିନ ନ ମିଳିବାରୁ ଉଭୟଙ୍କୁ ଝାରପଡ଼ା ଜେଲ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପ୍ରକାଶ ଥାଉକି ଗତ ୩ ତାରିଖରେ ଆନ୍ତଃରାଜ୍ୟ ବାଇକ ଲୁଟେରା ଗ୍ୟାଙ୍ଗର ଜଣେ ନାବାଳକ ସମେତ ୩ ଜଣ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଥିଲା। ନାବାଳାକ ଜଣଙ୍କ ଖାରବେଳନଗର ଥାନା ମସ୍ଜିଦ କଲୋନୀରେ ରହୁଥିବା ବେଳେ ଅନ୍ୟ ଦୁଇଜଣ ପଶ୍ଚିମବଙ୍ଗ ପୂର୍ବ ମେଦିନାପୁର ପଞ୍ଚକୁଲା ଥାନା ଅଞ୍ଚଳର ସେକ ରୁଲାମିନ ଏବଂ ସେକ ମୁଜବିର ରହୁଥିଲେ। ଏହି ଲୁଟେରା ଗ୍ୟାଙ୍ଗର ସଦସ୍ୟମାନେ ଭୁବନେଶ୍ୱର ଏବଂ ଉପକଣ୍ଠ ଅଞ୍ଚଳରୁ ବାଇକ ଲୁଟ କରି ଜାତୀୟ ରାଜପଥ ୧୬ରେ ବାଇକ ଚଳାଇ ନେଇ ସିଧାସଳଖ ପଶ୍ଚିମବଙ୍ଗରେ ବିକ୍ରି କରୁଥିଲେ। ପୋଲିସ ସେମାନଙ୍କୁ ପୂର୍ବରୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଅଧିକ ଚୋରା ବାଇକ ଜବତ କରିବା ନେଇ ୪ଦିନ ରିମାଣ୍ଡରେ ଆଣିଥିଲେ ମଧ ୨ଟି ବାଇକ ଜବତ କରିବାରେ ସମର୍ଥ ହୋଇଛି।

■ ତତ୍ପରତା ଦେଖାଇ ଶୋଇଗଲା କମିଶନରେଟ ପୋଲିସ

# ବ୍ଲାକ୍ ସ୍ପଟ୍ ସ୍ଥାନରେ ବ୍ୟାରିକେଡ୍, ଇଣ୍ଟରସେପ୍ଟର କଥା ଭୁଲିଗଲେ ଅଧିକାରୀ

■ ପୁଣି ଦୁର୍ଘଟଣାରେ ମୁଣ୍ଡ ଗଡ଼ିଲେ ଚେତା ପଶିବ

■ ସପ୍ତାହ ମଧ୍ୟରେ ବ୍ୟବସ୍ଥା କରାଯିବ: ଏସିପି

**ଭୁବନେଶ୍ୱର, ୧୦।୬ (ବ୍ୟୁରୋ)**

ରାଜଧାନୀ ଦେଇ ଯାଇଥିବା ୧୬ ନଂ. ଜାତୀୟ ରାଜପଥ ଉପରେ ବାରମ୍ବାର ଦୁର୍ଘଟଣା ଘଟି ଜୀବନ ଯାଉଛି। ମାସକ ମଧ୍ୟରେ ୧୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ଯାଇଥିବାବେଳେ ପୋଲିସ ପ୍ରଶାସନର ଖାମଖିଆଲ ମନୋଭାବ ପାଇଁ ଗୋଟିଏ ପରେ ଗୋଟିଏ ମୁଣ୍ଡ ଗଡ଼ିବାରେ ଲାଗିଛି। ଗତ ମାସ ଶେଷ ସପ୍ତାହରେ ଲଗାତାର ୫ ଜଣଙ୍କ ମୃତ୍ୟୁ ଘଟିବା ପରେ କମିଶନରେଟ ପୋଲିସର ଚେତା ପଶିଥିଲା। ତତ୍ପରତା ଦେଖାଇ ତୁରନ୍ତ ବ୍ଲାକ୍ ସ୍ପଟ୍ ଚିହ୍ନଟ ପାଇଁ ପୋଲିସ କମିଶନର ଟ୍ରାଫିକ ପୋଲିସକୁ ନିର୍ଦ୍ଦେଶ ଦେଲେ। ତରବରିଆ ଭାବେ ୫ଟି ସ୍ଥାନରେ ବ୍ଲାକ୍ ସ୍ପଟ୍ ଚିହ୍ନଟ କରାଗଲା। ଏହାପରେ ଉକ୍ତ ସ୍ଥାନରେ ଦୁର୍ଘଟଣା ରୋକିବାକୁ ତୁରନ୍ତ ବ୍ୟାରିକେଡ୍ ନିର୍ମାଣ ଓ ଇଣ୍ଟରସେପ୍ଟର ବ୍ୟବସ୍ଥା ସହ ନିୟମିତ ପାଟ୍ରୋଲିଂ କରିବାକୁ କୁହାଗଲା। ହେଲେ ଏହାପରଠାରୁ ପୁଣି ଶୋଇଗଲା କମିଶନରେଟ ପୋଲିସ। ପୁଣି ଦୁର୍ଘଟଣା ଘଟି ଜୀବନ ଗଲେ ପୋଲିସ ଅଧିକାରୀଙ୍କ ନିଦ ଭାଙ୍ଗିବ ବୋଲି କୁହାଯାଉଛି। ପୋଲିସର ଏଭଳି ଆଭିମୁଖ୍ୟ ସହରରେ ଅପରାଧ ଓ ଦୁର୍ଘଟଣା ବୃଦ୍ଧିର କାରଣ ପାଲଟିଛି। ଦୁର୍ଘଟଣା ରୋକିବାକୁ ହୋଇଥିବା ନିଷ୍ପତ୍ତି ଅନୁସାରେ, ଚିହ୍ନଟ ବ୍ଲାକ୍ ସ୍ପଟ୍ ସ୍ଥାନରେ ସକାଳ ୭ଟାରୁ ରାତି ୯ଟା ପର୍ଯ୍ୟନ୍ତ ବ୍ୟାରିକେଡ୍ ରହିବ। ଏହାସହ ସେଠାରେ ଇଣ୍ଟରସେପ୍ଟର ରଖାଯିବା ସହ ପାଟ୍ରୋଲିଂ କଡ଼ାକଡ଼ି କରାଯିବ। ଦୁର୍ଘଟଣା ପ୍ରବଣ ଅଞ୍ଚଳ ସଂକ୍ରାନ୍ତରେ ସୂଚନା ଫଳକ ଲଗାଯିବ ବୋଲି ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି ସୂଚନା ଦେଇଥିଲେ। ଇତିମଧ୍ୟରେ ଦୁଇ ସପ୍ତାହ ବିତିବାକୁ ବସିଥିଲେ ମଧ କିଛି ବି ପଦକ୍ଷେପ ନିଆଯାଇ ନ ଥିବା ଦେଖିବାକୁ ମିଳୁଛି। ଅନ୍ୟପକ୍ଷରେ ଚିହ୍ନଟ ବ୍ଲାକ୍ ସ୍ପଟ୍‌କୁ ନେଇ ମଧ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଚିହ୍ନଟ ସ୍ଥାନ ହେଲା ଜାତୀୟ ରାଜପଥର ଭୁବନେଶ୍ୱର ଖୋର୍ଦ୍ଧା ମଧ୍ୟବର୍ତ୍ତୀ ବାଟଭୁଆଶୁଣୀ, ଖଣ୍ଡଗିରି ନିକଟ ଆଇଗିଣିଆ, ଆଚାର୍ଯ୍ୟବିହାର ଓଭରବ୍ରିଜ୍, କ୍ରାଉନ ହୋଟେଲ ସମ୍ମୁଖ ଏବଂ ପାହାଳ। ଏହାଛଡ଼ା ଜାତୀୟ ରାଜପଥ ଓଭରବ୍ରିଜ୍ ଉପର ଓ ଅନ୍ୟ କେତେକ ନିର୍ଦ୍ଦିଷ୍ଟ ସ୍ଥାନରେ ବାରମ୍ବାର ଦୁର୍ଘଟଣା ଘଟି ଜୀବନ ଯାଉଛି। ଅଭିଯୋଗ ଉଠିବା ପରେ ପରବର୍ତ୍ତୀ ସମୟରେ ସେସବୁ ସ୍ଥାନ ଚିହ୍ନଟ କରାଯିବ ବୋଲି କୁହାଗଲା। କିନ୍ତୁ ସେ ନେଇ ଏପର୍ଯ୍ୟନ୍ତ କୌଣସି ପ୍ରକ୍ରିୟା ଆରମ୍ଭ ହୋଇ ନ ଥିବା ଜଣାପଡ଼ିଛି। ଏପରିକି ଟ୍ରାଫିକ ପୋଲିସ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷଙ୍କ ସହ ବୈଠକ କରି ଉକ୍ତ ସ୍ଥାନରେ ବୈଷୟିକ ସମସ୍ୟାର ସମାଧାନ ପାଇଁ ତୁରନ୍ତ ପଦକ୍ଷେପ ନିଆଯିବା କଥା। କିନ୍ତୁ ତାହା ବି ଏପର୍ଯ୍ୟନ୍ତ ହେଲାନାହିଁ।



୧୬ ନମ୍ବର ଜାତୀୟ ରାଜପଥ ।

### ଓଭରବ୍ରିଜ ଉପରେ ସେଲ୍ଫି, ମଦ୍ୟପାନ ବିପଦ

ସବୁଠୁ ସ୍ପର୍ଶକାତର ଘଟଣା ହେଲା, ରାଜଧାନୀର ବିଭିନ୍ନ ଓଭରବ୍ରିଜ ଉପରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଯୁବକମାନେ ବିପଦଶଙ୍କୁଳ ଅବସ୍ଥାରେ ସେଲ୍ଫି ନେଉଛନ୍ତି। ସାମାନ୍ୟ ଅସାବଧାନତା ହେଲେ ଜୀବନ ଚାଲିଯିବାର ଆଶଙ୍କା ରହିଛି। ଆଉ କେତେକ ସ୍ଥାନରେ ଡ୍ରାଇଭର ଓଭରବ୍ରିଜ୍ ଉପରେ ଗାଡ଼ି ପାର୍କିଂ କରି ମଦ ପିଉଛନ୍ତି। ପରେ ବୋତଲଗୁଡ଼ିକ ବ୍ରିଜ୍ ଉପରେ ଗଡେଇ ଦେଇ ଯାଉଛନ୍ତି। ପରବର୍ତ୍ତୀ ସମୟରେ ଏହା ଦୁର୍ଘଟଣାର କାରଣ ସାଜୁଛି। ଏଥିପ୍ରତି ପୋଲିସ ପ୍ରଶାସନର ନଜର ନାହିଁ କି କୌଣସି ପଦକ୍ଷେପ ବି ନାହିଁ।

### ଭାରିଯାନ ପାର୍କିଂ ଦୁର୍ଘଟଣାର ଅନ୍ୟତମ କାରଣ

ଓଭରବ୍ରିଜ୍ ଉପରେ କୌଣସି ଭାରିଯାନ ପାର୍କିଂ କରିବାର ନିୟମ ନାହିଁ। ଟ୍ରକ ଡ୍ରାଇଭର ଓଭରବ୍ରିଜ ଉପରେ ଗାଡ଼ିକୁ ପାର୍କିଂ କରି ଶୋଇ ଯାଉଛନ୍ତି। ଫଳରେ ବିଶେଷକରି ରାତି ସମୟରେ ଦ୍ରୁତଗତିରେ ଆସୁଥିବା ଅନ୍ୟ ଟ୍ରକ୍, କାର୍ କିମ୍ବା ବାଇକ୍ ଜାଣି ନ ପାରି ପାର୍କିଂ ଟ୍ରକ୍ ପଛରେ ପିଟି ହୋଇଯାଉଛି। ସ୍ଥାନୀୟ ପୋଲିସ ଓ ଟ୍ରାଫିକ ପୋଲିସ ଏହା ଉପରେ ଗୁରୁତ୍ୱ ଦେବା ଜରୁରୀ ହୋଇପଡ଼ିଛି। ଏ ନେଇ ଟ୍ରାଫିକ୍ ଏସିପି କେ.କେ. ପାଣିଗ୍ରାହୀ କହିଛନ୍ତି, ବ୍ଲାକ୍ ସ୍ପଟ୍ ସ୍ଥାନରେ ଦୁର୍ଘଟଣା ରୋକିବାକୁ ଯେଉଁ ନିଷ୍ପତ୍ତି ହୋଇଛି ତାହା କେତେକ କାଗଜପତ୍ର କାମ ପାଇଁ ଅଟକି ରହିଛି। ଡିସିପି ରିପୋର୍ଟ ଦେବା ପରେ ସପ୍ତାହକ ମଧ୍ୟରେ ସମସ୍ତ ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି।



ସେସୁ ଅଫିସ ଆଗରେ ପରିବାର ସଦସ୍ୟମାନେ ଧାରଣାରେ ବସିଛନ୍ତି ।

■ ଜାଲ୍ କାଗଜପତ୍ରରେ ବିଦ୍ୟୁତ୍ ସଂଯୋଗ, ଭଡ଼ା ଘର କବ୍ଜା

## ସେସୁ ଅଫିସ ଆଗରେ ପରିବାରଙ୍କ ଧାରଣା

**ଭୁବନେଶ୍ୱର, ୧୦।୬ (ବ୍ୟୁରୋ)**

ପୁରୀ ଜିଲା ସତ୍ୟବାଦୀ ଅଞ୍ଚଳରେ ରହୁଥିବା ଲଲାଟ କିଶୋର ଜେନାଙ୍କ ଘରକୁ ଜଣେ ଭଡ଼ାଟିଆ ୩ବର୍ଷ ବେହପ ଜୋର୍ ଜବରଦସ୍ତି କବ୍ଜା କରିଛନ୍ତି। ଏପରିକି ଘରର କାଗଜପତ୍ର ଜାଲିଆତି କରି ବିଭାଗୀୟ ଅଧିକାରୀଙ୍କୁ ହାତ କରି ନିଜ ନାମରେ ଆଉଏକ ବିଦ୍ୟୁତ୍ ସଂଯୋଗ ନେଇଛନ୍ତି। ଉକ୍ତ ଘର ଥିବା ଜମିପଟ୍ଟାରେ ଲଲାଟଙ୍କ ବାପାଙ୍କ ନାଁରେ ପୁରୁଣା କଞ୍ଜୁମର ରହିଛି। ହେଲେ ବିଦ୍ୟୁତ୍ ଅଧିକାରୀମାନେ ଜାଲ୍ କାଗଜପତ୍ରରେ ଉକ୍ତ ଘରକୁ ଭଡ଼ାଟିଆଙ୍କ ନାମରେ ପୁଣି ବିଦ୍ୟୁତ୍ କଞ୍ଜୁମର କରିଥିବାରୁ ଲଲାଟ ଅଭିଯୋଗ କରି ନିରାଶ ହୋଇଛନ୍ତି। ଏନେଇ ସ୍ଥାନୀୟ ଥାନା ଏବଂ ସେସୁ କାର୍ଯ୍ୟାଳୟକୁ ଦୌଡ଼ି ଅଧିକାରୀଙ୍କୁ ଭେଟି ଜଣାଇଥିଲେ ମଧ କିଛି ବି ସୁଫଳ ମିଳୁନି। ଶେଷରେ ଲଲାଟଙ୍କ ପରିବାର ଲୋକ ଭୁବନେଶ୍ୱରସ୍ଥିତ ସେସୁ ଅଫିସ ଆଗରେ ଧାରଣାରେ ବସିଛନ୍ତି। ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯିବାକୁ ସେ ଦାବି କରିବା ସହ ନ୍ୟାୟ ନ ମିଳିଲେ ଧାରଣାରୁ ଉଠିବେ ନାହିଁ ବୋଲି ପରିବାର ସଦସ୍ୟ କହିଛନ୍ତି। ଏ ସଂକ୍ରାନ୍ତରେ ମତାମତ ପାଇଁ ସେସୁ ଅଧିକାରୀଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ ତାହା ସମ୍ଭବ ହୋଇପାରିନି।

## ନାଇଜରର ଅଷ୍ଟମ ସ୍ନାତକ ସମାରୋହ




ସ୍ନାତକ ସମାରୋହରେ ଯୋଗ ଦେଇଥିବା ଅତିଥିମାନେ ।

**ଜଟଣୀ୧୦।୬ (ଡି.ଏନ୍.ଏ.)**

ବିଜ୍ଞାନ ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ଦେଶ ବହୁ ଆଗକୁ ଯିବା ସହ ନୂତନ ପରିଚୟ ସୃଷ୍ଟି କରିବାକୁ ଯାଉଛି। ଏହା ପଛରେ ଜାତୀୟ ବିଜ୍ଞାନ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ(ନାଇଜର)ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସୋମବାର ଜଟଣୀସ୍ଥିତ ନାଇଜରର ଅଷ୍ଟମ ସ୍ନାତକ ସମାରୋହରେ ମୁଖ୍ୟ ଅତିଥିଭାବେ ପରମାଣୁ ଶକ୍ତି ବିଭାଗର ଏମିରିଟସ୍ ପ୍ରଫେସର ତଥା ଟିଆଇଏଫଆର୍‌ର ପ୍ରାକ୍ତନ ନିର୍ଦ୍ଦେଶକ ମୁସ୍ତାନସିର ବର୍ମା ଯୋଗଦେଇ ଏହା କହିଛନ୍ତି। ଆହ୍ଲାବାଦ ହରିଶ୍ଚନ୍ଦ୍ର ଗବେଷଣା ପ୍ରତିଷ୍ଠାନର ନିର୍ଦ୍ଦେଶକ ପ୍ରଫେସର ପିନାକୀ ମୁଜମଦାର କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ନାଇଜର ନିର୍ଦ୍ଦେଶକ ପ୍ରଫେସର ସୁଧାକର ପଣ୍ଡା ବିବରଣୀ ପାଠ କରିବା ସହ ସମାରୋହରେ ୯୪ଜଣ ଛାତ୍ରୀଛାତ୍ରଙ୍କୁ ଏମ୍ଏସି ଓ ୨୧ଜଣଙ୍କୁ ପିଏଚ୍‌ଡି ଡିଗ୍ରୀ ପ୍ରଦାନ କରାଯାଇଥିଲା। ସାମଗ୍ରିକ ଭାବେ ଶ୍ରେଷ୍ଠତ୍ୱ ଅର୍ଜନ କରିଥିବା ପଦାର୍ଥ ବିଜ୍ଞାନର ଛାତ୍ର ବିନୀତ କୁମାର ଦାସଙ୍କୁ ସ୍ୱର୍ଣ୍ଣପଦକ ପ୍ରଦାନ କରାଯାଇଥିଲା। ସେହିପରି ବିଭିନ୍ନ ବିଭାଗରେ ଶ୍ରେଷ୍ଠତ୍ୱ ଅର୍ଜନ କରିଥିବା ରସାୟନ ବିଜ୍ଞାନର ଅମନ କୁମାର ଅଗ୍ରୱାଲା, ଗଣିତରେ ଦିବ୍ୟଜ୍ୟୋତି ଧନଞ୍ଜୟ ଜେନା, ପ୍ରାଣୀ ବିଜ୍ଞାନର ଛାତ୍ର ତେଜସ୍ ଏସ୍‌ଙ୍କୁ ରୌପ୍ୟପଦକ ପ୍ରଦାନ କରାଯାଇଥିଲା। ଶ୍ରେଷ୍ଠ ସନ୍ଦର୍ଭ ପାଇଁ ରସାୟନ ବିଜ୍ଞାନର ଯୁଗଲ କିଶୋର, ପ୍ରାଣୀ ବିଜ୍ଞାନର ତେଜସ୍ ଏସ୍, ଗଣିତର ଗୌରୀଶ କୁରପାଲ ଓ ପଦାର୍ଥ ବିଜ୍ଞାନର ଛାତ୍ର ଶୁଭବ୍ରତ ଚାଟାର୍ଜୀ ପୁରସ୍କୃତ ହୋଇଥିଲେ। ପ୍ରତିଷ୍ଠାନ ରେଜିଷ୍ଟ୍ରର ଡ. ଅଭୟ କୁମାର ନାୟକ ସମାରୋହକୁ ପରିଚାଳନା କରିବା ସହ କହିଥିଲେ ଯ, ନାଇଜରରୁ ଉତ୍ତୀର୍ଣ୍ଣ ବିଦ୍ୟାର୍ଥୀ ଗବେଷଣା ଓ ପିଏଚ୍‌ଡି ପାଇଁ ବିଦେଶର ସୁନାମଧନ୍ୟ ବିଶ୍ୱବିଦ୍ୟାଳୟରେ ମନୋନୀତ ହୋଇଛନ୍ତି। ସମାରୋହରେ ଅନ୍ୟମାନଙ୍କ ମଧ୍ୟରେ ନାଇଜରର ଡିନ୍ ପ୍ରଫେସର ଡ. ବିନୋଦ କୁମାର ସାହୁ, ଡ. କାର୍ତ୍ତିକେଶ୍ୱର ସେନାପତି, ଡ. ଦେବସ୍ମିତା ପଙ୍କଜ ଉପସ୍ଥିତ ଥିଲେ।

## ଯୁବକଙ୍କ ମୃତ୍ୟୁ, କଟକରେ ଗ୍ୟାଙ୍ଗୱାର୍ ଆଶଙ୍କା

**କଟକ ଅଫିସ, ୧୦।୬**

ମାଲଗୋଦାମ ଥାନା ଅନ୍ତର୍ଗତ ଯୋବ୍ରା ମାଟିଆ ମଙ୍ଗଳା ସାହିରେ ରବିବାର ରାତିରେ ଦୁଇଜଣ ଯୁବକଙ୍କୁ ଛୁରାମାଡ଼ ହୋଇଥିଲା। ଏଥିରେ ଗୁରୁତର ହୋଇ ଏସ୍‌ସିବିରେ ଚିକିତ୍ସିତ ହେଉଥିବା ମାଲଗୋଦାମ ଅଞ୍ଚଳର ତପନ ନାୟକଙ୍କର ସୋମବାର ମୃତ୍ୟୁ ଘଟିଛି। ଅନ୍ୟତମ ଆହତ ସିଲୁ ବେହେରା ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ଏହି ଘଟଣାକୁ ନେଇ ଦୁଇ ଅପରାଧୀ ଗୋଷ୍ଠୀ ମୁହାଁମୁହିଁ ହୋଇଥିବାବେଳେ ଗ୍ୟାଙ୍ଗୱାର୍ ହେବା ପରିସ୍ଥିତି ସୃଷ୍ଟି ହୋଇଛି। ମିଳିଥିବା ସୂଚନାନୁସାରେ, ବିଶ୍ୱଜିତ ମହାନ୍ତି ଓରଫ ହାପି ଏହି ଛୁରାମାଡ଼ କରିଥିଲେ। ସେ ହେଉଛନ୍ତି ଏକ ଗ୍ୟାଙ୍ଗ୍‌ର ସଦସ୍ୟ। ତାଙ୍କ ବିରୋଧରେ ବିରୋଧରେ ପୂର୍ବରୁ ମାଲଗୋଦାମ ଥାନାରେ ବେଆଇନ ବନ୍ଧୁକ କାରବାର ଓ ଆକ୍ରମଣ ଆଦି ୩ ମାମଲା ରହିଛି। ପୂର୍ବରୁ ମଧ ତାଙ୍କୁ ଆଇପିସି ଦଫା ୧୧୦ରେ ଗିରଫ କରାଯାଇଥିବା ପୋଲିସ ସୂଚନା ଦେଇଛି। ଅନ୍ୟପକ୍ଷରେ ତପନଙ୍କ ବିରୋଧରେ ମଧ ମାଲଗୋଦାମ ଥାନାରେ ମରଣାନ୍ତକ ଆକ୍ରମଣ, ବୋମାମାଡ଼, ଟେଣ୍ଡର ଫିକ୍ସିଂ, ଡକାୟତି, ବେଆଇନ ବନ୍ଧୁକ କାରବାର ଭଳି ୧୪ଟି ଆପରାଧିକ ମାମଲା ରହିଛି। ୨୦୧୭ ଡିସେମ୍ବରରେ ମାଲଗୋଦାମ ପୋଲିସର ଏନ୍‌କାଉଣ୍ଟରରେ ତପନ ଗୁରୁତର ଆହତ ହୋଇଥିଲେ। ତପନ ଜଣେ ଗ୍ୟାଙ୍ଗଷ୍ଟରଙ୍କ ସହଯୋଗୀ ଭାବେ କାର୍ଯ୍ୟ କରୁଥିବାବେଳେ ହାପି ଅନ୍ୟଏକ ଗ୍ୟାଙ୍ଗଷ୍ଟରଙ୍କ ପାଇଁ କାମ କରୁଥିଲେ। ଟେଣ୍ଡର ଫିକ୍ସିଂ, ଦାଦାବଟି ଆଦି ଘଟଣାକୁ ନେଇ ପୂର୍ବରୁ ଉଭୟଙ୍କ ମଧ୍ୟରେ ଶତ୍ରୁତା ରହିଥିଲା। ରବିବାର ରାତି ୧୦ଟାରେ ତପନ ସାଙ୍ଗ ସିଲୁ ବେହେରାଙ୍କ ସହିତ ଯୋବ୍ରା ମାଟିଆ ମଙ୍ଗଳାସାହି ଯାଇଥିବାବେଳେ ହାପି ଛୁରିରେ ଆକ୍ରମଣ କରି ଫେରାର ହୋଇଯାଇଥିଲେ।




ଭୁବନେଶ୍ୱରସ୍ଥିତ ସୂଚନାଭବନରେ ସୋମବାର ସରତୀର୍ଥ ନିବେଦିତା ଚନ୍ଦନ ପ୍ରତିଭା ଉତ୍ସବରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱମାନେ ।

## ମହିଳାଙ୍କୁ ଅସଦାଚରଣ ଅଭିଯୁକ୍ତଙ୍କୁ ଜେଲ

**ଭୁବନେଶ୍ୱର, ୧୦।୬ (ବ୍ୟୁରୋ)**

ଘରେ ପଶି ମହିଳାଙ୍କୁ ମାଡ଼ ମାରିବା ସହ ଅସଦାଚରଣ କରିଥିବା ଅଭିଯୋଗରେ ଚନ୍ଦ୍ରଶେଖରପୁର ଥାନା ପୋଲିସ ସୋମବାର ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ମଞ୍ଚେଶ୍ୱର ଥାନା ଅଧୀନ ଗାଡ଼କଣ ରାଧାକୃଷ୍ଣ ବସ୍ତି ଅଞ୍ଚଳର ପ୍ରଭାତ କୁମାର ସେଠୀ। ତାଙ୍କ ନାମରେ ଚନ୍ଦ୍ରଶେଖରପୁର ଥାନାରେ ଅନେକ ଆପରାଧିକ ମାମଲା ରହିଛି। ସୂଚନା ମୁତାବକ, ଚନ୍ଦ୍ରଶେଖରପୁର ଥାନା ଅଧୀନ ମଙ୍ଗଳା ବସ୍ତି ଅଞ୍ଚଳରେ ମହିଳା ଜଣକ ସପରିବାର ରୁହନ୍ତି। ମଙ୍ଗଳବାର ଅପରାହ୍ଣରେ ବସ୍ତିରେ ଏକ ଚୋରି ଘଟଣାକୁ କେନ୍ଦ୍ର କରି ପ୍ରଭାତ ଉକ୍ତ ମହିଳାଙ୍କ ଘରେ ପଶି ଗାଳିଗୁଲଜ କରିଥିଲେ। ତେବେ ଏଥିରେ ତାଙ୍କର କୌଣସି ସମ୍ପୃକ୍ତି ନ ଥିବା ସ୍ୱାମୀ କହିବାରୁ ପ୍ରଭାତ ଉଭୟଙ୍କୁ ମାଡ଼ ମାରିବା ସହ ମହିଳାଙ୍କୁ ଅସଦାଚାରଣ କରି ଫେରାର ହୋଇଯାଇଥିଲେ। ଏ ନେଇ ମହିଳା ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ. ୨୧୫/୧୯ରେ ମାମଲା ରୁଜୁ କରିଥିଲା। ଏଥିସହ ଅଭିଯୁକ୍ତଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ବିଚାର ବିଭାଗୀୟ ହାଜତକୁ ପଠାଇଦିଆଯାଇଛି।

## ଘର ସମ୍ମୁଖରୁ ଝାମ୍ପି ନେଲେ ଅଳଙ୍କାର ବ୍ୟାଗ

**ପୁରୁଣା ଭୁବନେଶ୍ୱର, ୧୦।୬ (ଡି.ଏନ୍.ଏ.)**

ଉତ୍ତରା ଫାଣ୍ଡି ଅଧୀନ ନ୍ୟୁ କଲୋନୀରେ ସୋମବାର ଜଣେ ବ୍ୟକ୍ତିଙ୍କ ଘର ସମ୍ମୁଖରୁ ଏକ ସୁନା ବ୍ୟାଗକୁ ଲୁଟେରା ଝାମ୍ପି ନେଇଥିଲେ। ଲୁଟର ଶିକାର ହୋଇଛନ୍ତି ଏହି କଲୋନୀର ଶରତ ଚନ୍ଦ୍ର ରାୟ। ସୂଚନା ମୁତାବକ, ଶରତ ଜଣୈକ ବନ୍ଧୁଙ୍କ ବିବାହ ଉତ୍ସବରେ ମଙ୍ଗଳବାର ଯୋଗଦେବାର ଥିଲା। ତେଣୁ ସେ ସୋମବାର କଟକ ରୋଡସ୍ଥିତ ଆଇସିଆଇସିଆଇ ବ୍ୟାଙ୍କରୁ ନିଜ ଲକରରୁ ପ୍ରାୟ ୫ଲକ୍ଷ ଟଙ୍କାର ସୁନା ଏବଂ ହୀରା ଅଳଙ୍କାର ଧରି ଘରକୁ ଫେରୁଥିଲେ। ମଧ୍ୟାହ୍ନ ୧୨ଟା ୩୦ରେ ନିଜ ଘର ସମ୍ମୁଖରେ ପହଞ୍ଚି ସ୍କୁଟି ରଖି ସ୍କୁଟି ଡିକିରୁ ସୁନା ଅଳଙ୍କାର ବ୍ୟାଗଟିକୁ ବାହାର କରୁଥିଲେ। ଏହି ସମୟରେ ପୂର୍ବରୁ ପଲସରରେ ପିଛା କରୁଥିବା ଦୁଇ ଲୁଟେରା ଆସି ବ୍ୟାଗଟିକୁ ଝାମ୍ପି ନେଇଯାଇ ଫେରାର ହୋଇଯାଇଥିଲେ।

## ୧୯.୫ ଲକ୍ଷ ଠକେଇ, ଅଭିଯୁକ୍ତ ଗିରଫ

**କଟକ ରୋଡ, ୧୦।୬ (ଡି.ଏନ୍.ଏ.):**

ଜ୍ୟୋତିର୍ବିଦ୍ୟାରେ ପାରଙ୍ଗମ, ପରିବାରରେ ଘଟୁଥିବା ଯେ କୌଣସି ସମସ୍ୟା ସମାଧାନ କରିବାରେ ସିଦ୍ଧହସ୍ତ। ଏଭଳି ବିଶ୍ୱାସ ଜନ୍ମାଇ ଜଣେ ବ୍ୟକ୍ତିଙ୍କୁ ଲକ୍ଷାଧିକ ଟଙ୍କା ଠକିଥିବା ଅଭିଯୋଗରେ ଲକ୍ଷ୍ମୀସାଗର ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସେ ହେଲେ ନରସିଂହପୁର ଥାନା ଡମକଟା ଅଞ୍ଚଳର ବିଶ୍ୱଜ୍ୟୋତି ଅରବିନ୍ଦ ମହାନ୍ତି। ସେ ଶହୀଦ ନଗର ଥାନା ଟଙ୍କପାଣି ରୋଡରେ ରହୁଥିଲେ। ସୂଚନା ଅନୁଯାୟୀ, ଶାରଳା ନଗରରେ ରହୁଥିବା ଗିରିଧାରୀ ଲାଲ ଅଗ୍ରୱାଲଙ୍କ ସହ ବିଶ୍ୱଜ୍ୟୋତିଙ୍କ ପରିଚୟ ହୋଇଥିଲା। ବିଶ୍ୱଜ୍ୟୋତି ଜଣେ ଜ୍ୟୋତିର୍ବିଦ ବୋଲି ଗିରିଧାରୀଙ୍କୁ କହି ବିଶ୍ୱାସ ଜନ୍ମାଇଥିଲେ। ୨୦୧୭ରେ ଗିରିଧାରୀ ଝାରପଡ଼ା ଅଞ୍ଚଳରେ ଥିବା ଏକ ଜମି ସାଢେ ୧୯ଲକ୍ଷ ଟଙ୍କାରେ ବିକିଥିବା ଅଭିଯୁକ୍ତ ଜାଣିବାକୁ ପାଇଥିଲେ। ବିଭିନ୍ନ ଲୋଭନୀୟ ସ୍କିମରେ ଉକ୍ତ ଟଙ୍କା ବିନିଯୋଗ କରିବା ପାଇଁ ଗିରିଧାରୀଙ୍କୁ ବିଶ୍ୱଜ୍ୟୋତି ପ୍ରବର୍ତ୍ତାଇବା ସହ ଅଧିକ ସୁଧ ଆଶା ମଧ ଦେଖାଇଥିଲେ। ଗିରିଧାରୀ ସମସ୍ତ ଟଙ୍କା ବିଶ୍ୱଜ୍ୟୋତିଙ୍କୁ ଦେବା ପରେ ସେ ଆଉ ଟଙ୍କା ଫେରାଇ ନ ଥିଲେ। ବାରମ୍ବାର ଗିରିଧାରୀ ଟଙ୍କା ମାଗିବା ପରେ ବିଶ୍ୱଜ୍ୟୋତି ତାଙ୍କୁ ଧମକ ଦେଇଥିଲେ। ଏନେଇ ଗିରିଧାରୀ ମାର୍ଚ୍ଚ ମାସରେ ଥାନାରେ ଅଭିଯୋଗ କରିଥିଲେ ମଧ ପୋଲିସ କୌଣସି ପଦକ୍ଷେପ ନ ନେବାରୁ ସେ ଭୁବନେଶ୍ୱର କୋର୍ଟରେ ଏକ ମାମଲା ଦାଏର କରିଥିଲେ। ପରେ ପୋଲିସ ଥାନାରେ ମାମଲା (ନଂ.୧୧୦/୧୯)ରୁଜୁ କରିଥିଲା। ବିଶ୍ୱଜ୍ୟୋତି ରବିଟକିଜ ଅଞ୍ଚଳରେ ଥିବା ଜଣାପଡ଼ିବା ପରେ ତାଙ୍କୁ ଗିରଫ କରିଥିଲା।

■ ଗ୍ରୀଲ ତାଲା କାଟି କବାଟ ଭାଙ୍ଗିଲେ ଦୁର୍ବୃତ୍ତ

# ଲକ୍ଷାଧିକ ଟଙ୍କା, ଅଳଙ୍କାର ଚୋରି

■ ସିସିଟିଭି ଫୁଟେଜରେ ଚୋରିବେଳର ଦୃଶ୍ୟ

■ ଏକାଧିକ ବ୍ୟକ୍ତିଙ୍କ ସମ୍ପୃକ୍ତି ସନ୍ଦେହ

**ଭୁବନେଶ୍ୱର, ୧୦।୬ (ବ୍ୟୁରୋ)**

ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ପ୍ରାଚୀବିହାର ଅଞ୍ଚଳରେ ରହୁଥିବା ସରୋଜ କୁମାର ପଣ୍ଡାଙ୍କ ଘରୁ ରବିବାର ରାତିରେ ଚୋରି ହୋଇଛି। ଦୁର୍ବୃତ୍ତମାନେ ଘର ତାଲା କାଟି କବାଟ ଭାଙ୍ଗି ଘରୁ ଲକ୍ଷାଧିକ ଟଙ୍କା ଓ ସୁନା ଅଳଙ୍କାର ନେଇଯାଇଛନ୍ତି। ସୋମବାର ସକାଳେ ଏ ସଂକ୍ରାନ୍ତରେ ସରୋଜ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ଦୁର୍ବୃତ୍ତମାନେ ଛାଡ଼ି ଯାଇଥିବା ଲୁହା ରଡ୍ ଓ ଶେଣିକୁ ଜବତ କରିଛି। ଏଥିସହ ସିସିଟିଭି ଫୁଟେଜକୁ ଆଧାର କରି ଅଭିଯୁକ୍ତଙ୍କୁ ଧରିବାକୁ ଉଦ୍ୟମ ଚଳାଇଛି। ପୋଲିସ ସୂଚନାନୁସାରେ, ସରୋଜ ମେଡିକାଲ ମେଶିନାରୀ ସାମଗ୍ରୀ ହୋଲ୍‌ସେଲିଂ ସଂସ୍ଥାରେ କାର୍ଯ୍ୟ କରନ୍ତି। ପ୍ରାଚୀବିହାରରେ ଥିବା ତାଙ୍କ ସମ୍ପର୍କୀୟଙ୍କ ଘରେ ସେ ପରିବାର ସହ ରୁହନ୍ତି। ରବିବାର ସକାଳେ ସେ ତାଙ୍କ ସ୍ତ୍ରୀ ଓ କୁନି ଝିଅଙ୍କୁ ସାଙ୍ଗରେ ନେଇ ନିଜ ଗାଁ ବାଙ୍କୀ ବୁଲିବାକୁ ଚାଲିଯାଇଥିଲେ। ସୋମବାର ସକାଳେ ଫେରିବା ପରେ ଘରୁ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଗ୍ରୀଲ୍ କଟାଯାଇଥିବା ବେଳେ କବାଟ ତଡ଼ା ଯାଇଥିଲା। ଘର ଭିତରେ ଆଟାଚି ଓ ଆଲମିରା ଖୋଲା ପଡିଥିଲାବେଳେ ଜିନିଷପତ୍ର ଏଣେତେଣେ ପଡିଥିଲା। ଆଲମିରା ଭିତରେ ଥିବା ବ୍ୟାଗରୁ ୧ଲକ୍ଷ ୫୭ ହଜାର ଟଙ୍କା ସହ ସୁନା କାନଫୁଲ ଏବଂ ମୁଦି ଚୋରି ହୋଇଥିବା ଜଣାପଡିଥିଲା। ମିଳିଥିବା ସିସିଟିଭି ଫୁଟେଜରୁ ଜଣାପଡିଛି ଯେ, ଜଣେ ଯୁବକ ବିଳମ୍ବିତ ରାତିରେ ମୋବାଇଲ ଟର୍ଚ୍ଚ ଲାଇଟରେ ଲୁଚି ଲୁଚି ପାଚେରି କଡ଼ରେ ଯାଉଛନ୍ତି। ଯିବାବେଳେ ଆଖପାଖ ଘର ଉପରେ ନଜର ରଖି କାହାକୁ ଇସାରା ଦେଉଛନ୍ତି। ତେଣୁ ଏହି ଘଟଣାରେ ଏକାଧିକ ବ୍ୟକ୍ତିଙ୍କ ସମ୍ପୃକ୍ତି ଥିବା ପୋଲିସ ଅନୁମାନ କରୁଛି। ଉକ୍ତ ପରିବାରକୁ ଜାଣିଥିବା ସ୍ଥାନୀୟ ଅଞ୍ଚଳର ବ୍ୟକ୍ତି ଚୋରିରେ ସାମିଲ ଥିବା ସନ୍ଦେହ କରାଯାଉଛି।



ଲୁଟ୍ ହୋଇଥିବା ଆଲମାରି ।



ସର୍ବଦା ପ୍ରାର୍ଥନା କର, ଯେପରି ତୁମ ଶରୀରର ମୃତ୍ୟୁ ପୂର୍ବରୁ ତୁମ ଭିତରେ ଥିବା ଦୁର୍ଗୁଣଗୁଡ଼ିକର ମୃତ୍ୟୁ ହୋଇଯାଉ।
- ଫ୍ରାଙ୍କ୍ଲିନ୍



# ଭୁବନେଶ୍ୱରରେ ମିଳିବ ପ୍ରଶାସନିକ ସେବା ଲାଗି କୋଚିଂ

- ଜୁନ୍ ୨୪ରୁ କ୍ଲାସ୍ ଆରମ୍ଭ
- ପ୍ରଥମ ବର୍ଷରେ ୧୦୦ ଆଶାୟୀଙ୍କୁ ଦିଆଯିବ କୋଚିଂ
- ବର୍ଷେ ଅବଧି ରହିବ କୋଚିଂ କ୍ଲାସ୍

**ଭୁବନେଶ୍ୱର,୧୦।୬(ବ୍ୟୁରୋ)**

ଏଣିକି ପ୍ରଶାସନିକ ସେବା କୋଚିଂ ଲାଗି ବାହାର ରାଜ୍ୟକୁ ଯିବାକୁ ପଡ଼ିବନି। ପ୍ରତିଭାବାନ ଆଶାୟୀଙ୍କୁ ଭୁବନେଶ୍ୱରରେ ଉନ୍ନତମାନର କୋଚିଂ ଦିଆଯିବ। ପ୍ରଶାସନିକ ସେବାରେ ଓଡ଼ିଆଙ୍କ ସଫଳତା ହାର କମୁଥିବାରୁ ଏଥିରେ ସୁଧାର ଆଣିବାକୁ ଉଚ୍ଚ ଶିକ୍ଷା ବିଭାଗ ଅଣ୍ଟା ଭିଡ଼ିଛି। ଜୁନ୍ ୨୪ରୁ କୋଚିଂ କ୍ଲାସ୍ ଆରମ୍ଭ ହେବାକୁ ଥିବାବେଳେ ପ୍ରଥମ ବର୍ଷରେ ୧୦୦ଜଣ ଆଶାୟୀଙ୍କୁ କୋଚିଂ ଦିଆଯିବ। ଏଥିପାଇଁ ଅନେକ ଆଶାୟୀ ଆବେଦନ କରିଛନ୍ତି। ବର୍ଷେ ଅବଧି ରହୁଥିବା ଏହି କୋଚିଂ କ୍ଲାସ୍‌ରେ ପ୍ରିଲିମ୍‌ନାରି ଓ ମେନ୍ ପର୍ଯ୍ୟାୟ ପରୀକ୍ଷା ଲାଗି ପାଠ ପଢ଼ାଯିବ। ଏଥିନିମନ୍ତେ ଉଚ୍ଚ ଶିକ୍ଷା ବିଭାଗ ଏକ ସଂସ୍ଥାକୁ ନିୟୋଜିତ କରିଛି ବୋଲି ବିଭାଗ ଅତିରିକ୍ତ ସଚିବ ପାର୍ଥସାରଥୀ ମିଶ୍ର ସୂଚନା ଦେଇଛନ୍ତି। ଯେଉଁ ଆଶାୟୀଙ୍କ ଅଭିଭାବକଙ୍କ ବାର୍ଷିକ ରୋଜଗାର ୨ଲକ୍ଷ ଟଙ୍କାରୁ ଅଧିକ, ସେମାନେ କୋଚିଂ ପାଇଁ ୨୫ ପ୍ରତିଶତ ଅର୍ଥ ଦେବାକୁ ପଡ଼ିବ। ଯେଉଁ ଆଶାୟୀଙ୍କ ପରିବାରର ବାର୍ଷିକ ରୋଜଗାର ୨ଲକ୍ଷ ଟଙ୍କାରୁ କମ୍ ଥିବ, ସେମାନେ ମାଗଣାରେ କୋଚିଂ ପାଇବେ। ଏହାଦ୍ୱାରା ଆର୍ଥିକ ଦୁର୍ବଳ ଶ୍ରେଣୀର ପ୍ରତିଭାବାନ ଛାତ୍ରୀଛାତ୍ର ଉନ୍ନତମାନର କୋଚିଂ ପାଇପାରିବେ ବୋଲି ଆଶା କରାଯାଉଛି। ପୂର୍ବରୁ ରାଜ୍ୟର ୧୦ ବିଶ୍ୱବିଦ୍ୟାଳୟ ଓ ୫୨ ସରକାରୀ ଡିଗ୍ରୀ କଲେଜରେ ପ୍ରଶାସନିକ ସେବା ଲାଗି କୋଚିଂ ସେଣ୍ଟର ଖୋଲାଯାଇଛି। ଏବେ ରାଜଧାନୀରେ ପ୍ରଶାସନିକ ସେବା ଲାଗି କୋଚିଂ ହବ୍ ଖୋଲିବା ନିଷ୍ପତ୍ତି ଓଡ଼ିଆ ଛାତ୍ରୀଛାତ୍ରଙ୍କୁ ସଫଳତା ଆଣିଦେବ ବୋଲି ଆଶା କରାଯାଉଛି।

## ସଂକ୍ଷେପରେ

### ଓଲଟିଲା ବସ, ୪୦ ଆହତ



**ଖୋର୍ଦ୍ଧା ଅଫିସ,୧୦।୬:** ବଲାଙ୍ଗୀର-ଖୋର୍ଦ୍ଧା ୫୭ନଂ. ଜାତୀୟ ରାଜପଥର ଜାଗୁଲେଇପାଟଣା ଠାରେ ସୋମବାର ମଧ୍ୟାହ୍ନରେ ଏକ ଘରୋଇ ବସର ଆଗ ଚକା ଫାଟିଯିବାରୁ ରାସ୍ତା ତଳକୁ ଖସି ପଡିଥିଲା। ଫଳରେ ବସରେ ଥିବା ୬୦ରୁ ଉର୍ଦ୍ଧ୍ୱ ଯାତ୍ରୀଙ୍କ ମଧ୍ୟରୁ ୪୦ଜଣ ଆହତ ହୋଇଛନ୍ତି। ସମସ୍ତ ଆହତଙ୍କୁ ନିକଟସ୍ଥ ଡାକ୍ତରଖାନା ଓ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ବେବି ଆଣ୍ଡ ବେବି (ଓଆର ୦୨କ୍ୟୁ ୨୯୧୮) ନାମକ ଏକ ଘରୋଇ ବସ ଭୁବନେଶ୍ୱରରୁ ଭାୟା ନୟାଗଡ, ଆଡକଟା ଦେଇ ଗଣିଆ ଯାଏ। ସୋମବାର ଗଣିଆ ଯାଉଥିବାବେଳେ ଜାଗୁଲେଇପାଟଣାରେ ବସର ଆଗଚକା ଫାଟି ଯାଇଥିଲା। ଫଳରେ ବସ୍ ରାସ୍ତା ତଳକୁ ଖସି ଓଲଟି ପଡିଥିଲା। ସ୍ଥାନୀୟ ଲୋକେ ଯାତ୍ରୀଙ୍କୁ ଉଦ୍ଧାର କରି ନିକଟସ୍ଥ ଡାକ୍ତରଖାନା ଓ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଆହତଙ୍କ ମଧ୍ୟରୁ ନୟାଗଡ ଜିଲା ଓଡଗାଁ ପେଟାପଲ୍ଲୀର ରଞ୍ଜନ ନାୟକ(୨୦), ଗଣିଆ ରାଉତପଡା ବଳଭଦ୍ର ବେହେରା(୪୫), ସୁଷମା(୩୫), ପୁଅ ବିବେକ(୧୦) ଓ ଝିଅ ବର୍ଷାରାଣୀ(୧୧), ଖଣ୍ଡପଡା ଜଗନ୍ନାଥପ୍ରସାଦର ଜିତେନ୍ଦ୍ର ମହାପାତ୍ର(୪୮)ଓ ସ୍ତ୍ରୀ ରୀନା(୪୨), ଗଙ୍ଗାଧର ସାମଲ(୬୪), ନୂଆଗାଁ କେରଡାର କାହ୍ନା ବେହେରା(୪୦) ଓ ବେଗୁନିଆର ସନ୍ତୋଷ ଜେନା(୩୫)ଓ ସ୍ତ୍ରୀ ମାନି(୩୦) ପ୍ରମୁଖ ୧୫ଜଣ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହୋଇ ଘରକୁ ଫେରିଛନ୍ତି। ଖବରପାଇ ଖୋର୍ଦ୍ଧା ଆଦର୍ଶ ଥାନା ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବସକୁ ଜବତ କରି ତଦନ୍ତ ଚଳାଇଛି। ଦୁର୍ଘଟଣା ଘଟାଇବା ପରେ ବସର ସମସ୍ତ କର୍ମଚାରୀ ଫେରାର ହୋଇଯାଇଥିଲେ। ଅନ୍ୟପକ୍ଷରେ ଖୋର୍ଦ୍ଧା ଓ ନୟାଗଡ ଜିଲାରେ ଯାଞ୍ଚ ହେଉ ନ ଥିବାରୁ ବସଗୁଡିକରେ ଆବଶ୍ୟକତା ଠାରୁ ଅଧିକ ସଂଖ୍ୟକ ଯାତ୍ରୀ ଯାତ୍ରା କରୁଛନ୍ତି। ଫଳରେ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଥିବା ସାଧାରଣରେ ଅଭିଯୋଗ ହେଉଛି।

## ଇ-ଡାକ୍ତରଖାନା ପରିଚାଳନା ବ୍ୟବସ୍ଥା

# ସବୁ ଜିଲା ମୁଖ୍ୟ ହସ୍ପିଟାଲରେ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ

### ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସମୀକ୍ଷା ବୈଠକ

**ଭୁବନେଶ୍ୱର,୧୦।୬(ବ୍ୟୁରୋ)**

ଆସନ୍ତା ଦୁଇମାସ ମଧ୍ୟରେ ରାଜ୍ୟର ସମସ୍ତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଇ-ଡାକ୍ତରଖାନା ପରିଚାଳନା ବ୍ୟବସ୍ଥା (ଇ-ଏଚ୍‌ଏମ୍‌ଏସ୍) କାର୍ଯ୍ୟକାରୀ କରିବାକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ ନିର୍ଦ୍ଦେଶ ଦେଇଛନ୍ତି। ଜାତୀୟ ସ୍ୱାସ୍ଥ୍ୟ ମିଶନ ସମ୍ମିଳନୀ କକ୍ଷରେ ସୋମବାର ଇ-ଏଚ୍‌ଏମ୍‌ଏସ୍ ସଂକ୍ରାନ୍ତରେ ସମୀକ୍ଷା କରି ଏହି ଯୋଜନାର ଭିତ୍ତିଭୂମି ପ୍ରସ୍ତୁତ ସହ ଏଥିପାଇଁ ଆବଶ୍ୟକ ପଡୁଥିବା ଅର୍ଥ ଓ ମାନବ ସମ୍ବଳ ସମ୍ପର୍କରେ ଅବଗତ କରିବା ଲାଗି କହିଛନ୍ତି। ଏହାସହିତ ଆସନ୍ତା ୨ବର୍ଷ ମଧ୍ୟରେ ଯେଭଳି ରାଜ୍ୟର ସମସ୍ତ ସରକାରୀ ଚିକିତ୍ସାଳୟରେ ଏହା କାର୍ଯ୍ୟକାରୀ ହେବ, ସେଥିଲାଗି ନିର୍ଦ୍ଦେଶ ଦେଇଛନ୍ତି।

ରାଜ୍ୟର ଦୁଇ ପ୍ରମୁଖ ଡାକ୍ତରଖାନା କଟକସ୍ଥିତ ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଓ ହସ୍ପିଟାଲ ଏବଂ ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ହସ୍ପିଟାଲରେ ପାଇଲଟ ପ୍ରକଳ୍ପ ଭାବେ ଇ-ଏଚ୍‌ଏମ୍‌ଏସ୍ କାର୍ଯ୍ୟକାରୀ ହେଉଛି। ଆସନ୍ତା ୬ମାସ ମଧ୍ୟରେ ଏହା ପୂର୍ଣ୍ଣକାଳୀନ ଭାବେ କାର୍ଯ୍ୟ କରିବ। ଏହି ବ୍ୟବସ୍ଥା ମାଧ୍ୟମରେ ରୋଗୀମାନେ ବିଶେଷ ଉପକୃତ ହେଉଛନ୍ତି। ପ୍ରଥମତଃ ଏହି ଯୋଜନାରେ ରୋଗୀମାନଙ୍କର ସମସ୍ତ ସୂଚନା ଇଲେକ୍ଟ୍ରୋନିକ ବ୍ୟବସ୍ଥାରେ ରହିବ। ଏଥିଯୋଗୁ ସେମାନେ ଖର୍ଚ୍ଚାନ୍ତ ହୋଇ ଡାକ୍ତରଖାନା ବାରମ୍ବାର ଦୌଡ଼ି ଟିକେଟ କାଟିବେ ନାହିଁ। ରୋଗର ସମ୍ପୂର୍ଣ୍ଣ ବିବରଣୀ କମ୍ପ୍ୟୁଟରରେ ରହିଥିବା ଯୋଗୁ ଚିକିତ୍ସକମାନେ ସହଜରେ ଚିକିତ୍ସା କରିପାରିବେ। ସର୍ବୋପରି ରୋଗୀଟି ହାତରେ ଡାକ୍ତରଖାନା କାଗଜ ଧରି ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଦୌଡ଼ିବ ନାହିଁ କି ତାହାର ସୂଚନାକୁ କେହି ଅପବ୍ୟବହାର କରିପାରିବେ ନାହିଁ। ବୈଠକରେ ଉପସ୍ଥିତ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ କମିଶନର ତଥା ଶାସନ ସଚିବ ଡା. ପ୍ରମୋଦ କୁମାର ମେହେର୍ଦ୍ଦା ଓ ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ ଇ-ଏଚ୍‌ଏମ୍‌ଏସ୍ ସଂକ୍ରାନ୍ତରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ବର୍ତ୍ତମାନ ଏହି ଯୋଜନାର ପାଇଲଟ ପ୍ରକଳ୍ପକୁ ସିଡାକ୍ କାର୍ଯ୍ୟକାରୀ କରୁଥିବା ବେଳେ ୩୨ ଜିଲା ମୁଖ୍ୟ ଚିକିତ୍ସାଳୟରେ ଏହା କିଭଳି କାର୍ଯ୍ୟକାରୀ ହେବ, ସେଥିପାଇଁ ସମ୍ପୃକ୍ତ ଡାକ୍ତରଖାନା ଗସ୍ତ କରି କ୍ଷେତ୍ର ପ୍ରସ୍ତୁତ କରିବାକୁ ଉକ୍ତ ସଂସ୍ଥାକୁ କୁହାଯାଇଛି।

ସୂଚନାଥାଉ କି, ଏନ୍‌ଏଚ୍‌ଏମ୍ ପିଆଇପିରେ ୨୦୧୮-୧୯ରେ ୪୦୩ ପ୍ରକଳ୍ପ ପାଇଁ ୧୪୪କୋଟି ୬ଲକ୍ଷ ୧୬ହଜାର ଟଙ୍କା ଅନୁମୋଦିତ ହୋଇଥିବା ବେଳେ ୧୨୧କୋଟି ୭୦ଲକ୍ଷ ୧୬ହଜାର ଟଙ୍କା ମଞ୍ଜୁର ହୋଇଛି। ସେହିଭଳି ୨୦୧୯-୨୦ରେ ୭୧ ପ୍ରକଳ୍ପ ପାଇଁ ୧୪୭କୋଟି ୭୧ଲକ୍ଷ ଟଙ୍କା ଅନୁମୋଦିତ ହୋଇଥିବା ବେଳେ ୮୧କୋଟି ୮୬ଲକ୍ଷ ୬୦ହଜାର ଟଙ୍କା ମଞ୍ଜୁର ହୋଇଛି। ଜାତୀୟ ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନ ଯୋଜନାରେ ୨୦୧୫-୧୬ରୁ ୨୦୧୮-୧୯ ପର୍ଯ୍ୟନ୍ତ ୬୯ ପ୍ରକଳ୍ପ ଲାଗି ୭୭କୋଟି ୨୫ଲକ୍ଷ ୩୪ହଜାର ଟଙ୍କା ମଞ୍ଜୁର ହୋଇଛି। ରାଜ୍ୟ ଯୋଜନାରେ ୨୦୧୮-୧୯ରେ ୪୩୩୭ ପ୍ରକଳ୍ପ ଲାଗି ୬୨୫କୋଟି ଓ ୨୦୧୯-୨୦ରେ ୮୯୭୨ ପ୍ରକଳ୍ପ ଲାଗି ୫୭୨କୋଟି ଟଙ୍କା ଅନୁମୋଦିତ ହୋଇଛି। ଏହି ଦୁଇ ଆର୍ଥିକ ବର୍ଷରେ ଏହିସବୁ ପ୍ରକଳ୍ପ ଲାଗି ୬୯୭କୋଟି ୫୫ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ସେହିଭଳି ଓଡ଼ିଶା ଖଣିଜ ଅଞ୍ଚଳ ବିକାଶ ନିଗମ ୨୦୧୯-୨୦ ବର୍ଷରେ ୪୩୩ ପ୍ରକଳ୍ପ ଲାଗି ୬୩୦କୋଟି ୨୧ଲକ୍ଷ ୮୬ହଜାର ଟଙ୍କା ଅନୁମୋଦନ କରିଥିବା ବେଳେ ସେଥିରୁ ୯୪କୋଟି ୫୩ଲକ୍ଷ ୨୮ହଜାର ଟଙ୍କା ମଞ୍ଜୁର ହୋଇଛି। ତେବେ ଅର୍ଥ ମଞ୍ଜୁର ହୋଇଥିବା ପ୍ରକଳ୍ପ କାର୍ଯ୍ୟ ଯେଭଳି ଧାର୍ଯ୍ୟ ସମୟ ମଧ୍ୟରେ ସରିବ, ତାହା ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ଏଥିସହିତ ଆସନ୍ତା ୧୦୦ଦିନ ମଧ୍ୟରେ କେଉଁସବୁ ପ୍ରକଳ୍ପ କାର୍ଯ୍ୟ ସମାପ୍ତ ହେବ, ତାହାର ତାଲିକା ଦେବାକୁ କହିଛନ୍ତି। ଅର୍ଥ ମଞ୍ଜୁର ପରେ ଯେଉଁସବୁ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇପାରି ନାହିଁ, ତାହା ତୁରନ୍ତ ଆରମ୍ଭ କରିବା ସକାଶେ ବିଭାଗୀୟ ଅଧିକାରୀମାନଙ୍କୁ ମନ୍ତ୍ରୀ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଏହି ସମୀକ୍ଷା ବୈଠକରେ ନିର୍ମାଣ ବିଭାଗ ମୁଖ୍ୟଯନ୍ତ୍ରୀ, ବିଭାଗ ସ୍ୱତନ୍ତ୍ର ସଚିବ, ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ, ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ର ନିର୍ଦ୍ଦେଶକ, ଏସ୍‌ସିବିର ଡିନ୍ ତଥା ପ୍ରିନ୍ସପାଲଙ୍କ ସହ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ରଥଯାତ୍ରା ସିଧା ପ୍ରସାରଣ ନିଲାମକୁ ବିରୋଧ

**ପୁରୀ ଅଫିସ, ୧୦।୬**



ମହାପ୍ରଭୁଙ୍କ ରଥଯାତ୍ରାର ସିଧା ପ୍ରସାରଣ ଅଧିକାର ପାଇଁ ଏଥର ନିଲାମ ଆହ୍ୱାନ କରିଛି ଶ୍ରୀମନ୍ଦିର ପ୍ରଶାସନ। ନିଲାମ ଜରିଆରେ ଗୋଟିଏ ଟିଭି ଚ୍ୟାନେଲକୁ ଏହି ଅଧିକାର ଦିଆଯିବା ଲାଗି ନିଷ୍ପତ୍ତି ହୋଇଛି। ତେବେ ଶ୍ରୀମନ୍ଦିର ପ୍ରଶାସନର ଏଭଳି ନିଷ୍ପତ୍ତିକୁ ବିରୋଧ କରି ସୋମବାର ହାଇକୋର୍ଟରେ ମାମଲା ରୁଜୁ ହୋଇଥିବାବେଳେ ମହାପ୍ରଭୁଙ୍କ କାର୍ଯ୍ୟରେ ରାଜନୈତିକ ଶତ୍ରୁତା ନ ରହୁ ବୋଲି କହିଛି ଶ୍ରୀଜଗନ୍ନାଥ ସେନା।

ହାଇକୋର୍ଟରେ ମାମଲା ରୁଜୁ କରିଥିବା ପୁରୀର ବୁଦ୍ଧିଜୀବୀ ପ୍ରସନ୍ନ କୁମାର ଦାଶ କହିଛନ୍ତି, ରଥଯାତ୍ରାର ପ୍ରସାରଣ ଅଧିକାରକୁ ନେଇ ଶ୍ରୀମନ୍ଦିର ପ୍ରଶାସନ ଏଭଳି ନିଲାମ କରିବା ଠିକ୍ ହେଉନାହିଁ। ଲକ୍ଷ ଲକ୍ଷ ଭକ୍ତ ଟିଭିରେ ରଥଯାତ୍ରାର ସିଧା ପ୍ରସାରଣ ଦେଖିଥାନ୍ତି। ଯଦି ଗୋଟିଏ ଚ୍ୟାନେଲକୁ ସିଧା ପ୍ରସାରଣ ଅଧିକାର ଦିଆଯିବ ତେବେ ଅନେକ ରଥଯାତ୍ରା ଦେଖିବାରୁ ବଞ୍ଚିତ ହୋଇପାରନ୍ତି। ତେଣୁ ଏହାକୁ ବିରୋଧ କରି ହାଇକୋର୍ଟରେ ଶ୍ରୀମନ୍ଦିର ପ୍ରଶାସନ ବିରୋଧରେ ମାମଲା ରୁଜୁ କରିଛି ବୋଲି ଦାଶ କହିଛନ୍ତି। ସେହିପରି ଶ୍ରୀଜଗନ୍ନାଥ ସେନା ମଧ୍ୟ ଏଭଳି ନିଷ୍ପତ୍ତିକୁ ବିରୋଧ କରିଛି। ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ କହିଛନ୍ତି ଯେ, କୋଟି କୋଟି ଜଗନ୍ନାଥପ୍ରେମୀ ଶ୍ରୀକ୍ଷେତ୍ରକୁ ନ ଆସି ଟିଭି ଚ୍ୟାନେଲ ମାଧ୍ୟମରେ ଘରେ ବସି ରଥଯାତ୍ରା ଦେଖିପାରୁଥିଲେ। ବିଭିନ୍ନ ଚ୍ୟାନେଲ ଏହାର ସିଧା ପ୍ରସାରଣ କରିବା ସହ ଧାରାବାହିକ ଭାବେ ପଣ୍ଡିତମାନେ ଶ୍ରୀଜଗନ୍ନାଥ ସଂସ୍କୃତିକୁ ବୁଝାଇଥାନ୍ତି। ଲୋକେ ଏହା ଶୁଣି ପରମ ତୃପ୍ତି ଲାଭ କରିଥାନ୍ତି। ହେଲେ ପରିଚାଳନା କମିଟି କିମ୍ବା ଛତିଶା ନିଯୋଗରେ ଏହାକୁ ପାରିତ ନ କରାଇ ଏବଂ ସରକାରଙ୍କର କୌଣସି ଲିଖିତ ନୀତିଗତ ନିର୍ଦ୍ଦେଶ ନ ଥାଇ ହଠାତ୍ ଶ୍ରୀମନ୍ଦିର ପ୍ରଶାସନ ଏଭଳି ନିଷ୍ପତ୍ତି ଦୁର୍ଭାଗ୍ୟଜନକ। କାହା ସ୍ୱାର୍ଥରେ ଏଭଳି ନିଷ୍ପତ୍ତି ନିଆଯାଇଛି ବୋଲି ପଟ୍ଟନାୟକ ପ୍ରଶ୍ନ କରିବା ସହ ରାଜନୈତିକ ଉଦ୍ଦେଶ୍ୟ ରଖି ଏଭଳି ଷଡ଼ଯନ୍ତ୍ର କରାଯାଇଥିବା ସନ୍ଦେହ ପ୍ରକଟ କରିଛନ୍ତି।

## ନାଗରିକ ଫୋରମ୍‌ର ବିରୋଧ

**ଭୁବନେଶ୍ୱର,୧୦।୬(ବ୍ୟୁରୋ)**

ରଥଯାତ୍ରାର ସିଧା ପ୍ରସାରଣ ବ୍ୟବସାୟୀକରଣକୁ ବିରୋଧ କରିଛି ଓଡ଼ିଶା ସଚେତନ ନାଗରିକ ଫୋରମ୍। ଫୋରମ୍ ପକ୍ଷରୁ କୁହାଯାଇଛି, ଜମି ମାଫିଆମାନେ ମାଡ଼ିବସିଥିବା ମହାପ୍ରଭୁଙ୍କର ହଜାର ହଜାର ଏକର ଜମିକୁ ଉଦ୍ଧାର କରିବାରେ ମନ୍ଦିର ପ୍ରଶାସନ ବିଫଳ ହୋଇଛି। ଏପଟେ ରଥଯାତ୍ରାର ସିଧା ପ୍ରସାରଣ ନିମନ୍ତେ ଟେଣ୍ଡର ଡାକି ପ୍ରସାରଣ ଦାୟିତ୍ୱ ଦେବାର ଯେଉଁ ମସୁଧା କରିଛନ୍ତି, ତାହା କୋଟିକୋଟି ଭକ୍ତଙ୍କ ମନରେ ଆଘାତ ଦେଇଛି। ଏହାଫଳରେ ଆସନ୍ତା ରଥଯାତ୍ରା ସମୟରେ ଟେଲିଭିଜନ ପ୍ରସାରଣ ଅଧିକାରକୁ ନେଇ ଭକ୍ତଙ୍କ ଭିତରେ ଅଶାନ୍ତି ଓ ଅସନ୍ତୋଷର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। ଜଗନ୍ନାଥପ୍ରେମୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ରାଜ୍ୟ ସରକାର ତୁରନ୍ତ ଏହି ଟେଣ୍ଡର ପ୍ରକ୍ରିୟାକୁ ବନ୍ଦ କରିବାକୁ ନାଗରିକ ଫୋରମ୍ ଦାବି କରିଛି। ସରକାର ଯଦି ଏ ଦିଗରେ ବିହିତ ପଦକ୍ଷେପ ନ ନିଅନ୍ତି, ତା'ହେଲେ ରଥଯାତ୍ରାର ସିଧା ପ୍ରସାରଣ ଦେଖିବାର ଭକ୍ତଙ୍କ ଭିତରେ ଯେଉଁ ଆଗ୍ରହ ଓ ଉତ୍ସାହ ଥାଏ, ତାହା ମଉଳିଯିବ। ଏଭଳି ସ୍ଥିତିରେ ମନ୍ଦିର ପ୍ରଶାସନର ଏହି ବ୍ୟବସାୟିକ ମନୋବୃତ୍ତି ଓ ଅପରିଣାମଦର୍ଶୀ ନିଷ୍ପତ୍ତି ବନ୍ଦ କରିବା ପାଇଁ ସରକାର ତୁରନ୍ତ ହସ୍ତକ୍ଷେପ କରିବାକୁ ଫୋରମ୍ ପକ୍ଷରୁ ସଭାପତି ପ୍ରଦୋଷ ପଟ୍ଟନାୟକ ଓ ସମ୍ପାଦକ ଦିଲ୍ଲୀପ ହାଲି ମୁଖ୍ୟମନ୍ତ୍ରୀ ଏବଂ ଆଇନ ମନ୍ତ୍ରୀଙ୍କ ନିକଟରେ ଦାବି କରିଛନ୍ତି।

## ଖେଳ ଖବର

### ଅରୁଣାଚଳ ପ୍ରଦେଶ ବିଜୟୀ

**କଟକ ଅଫିସ, ୧୦।୬:** ଅଲ ଇଣ୍ଡିଆ ଫୁଟବଲ ଫେଡେରେଶନ (ଏଆଇଏଫ୍‌ଏଫ) ଆନୁକୂଲ୍ୟରେ କଟକରେ ଚାଲିଥିବା ସବ୍‌ଜୁନିୟର ବାଳିକା ଜାତୀୟ ଫୁଟବଲ ଚାମ୍ପିୟନଶିପରେ ସୋମବାର ୫ଟି ମ୍ୟାଚ୍ ଖେଳାଯାଇଥିଲା। ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚ୍‌ରେ ଅରୁଣାଚଳ ପ୍ରଦେଶ ୩-୧ ଗୋଲରେ ମିଜୋରାମକୁ ହରାଇଥିଲା। ପ୍ରାରମ୍ଭରୁ ଆକ୍ରମଣାତ୍ମକ ଶୈଳୀରେ ଖେଳୁଥିବା ମିଜୋରାମ ୧୮ତମ ମିନିଟରେ ପ୍ରଥମ ଗୋଲ ସ୍କୋର କରିଥିଲା। ଫରୱାର୍ଡ ଏମ ଇମାନୁଏଲ ଏହି ଗୋଲ ଦେଇଥିଲେ । ମାତ୍ର ୩୪ ତମ ମିନିଟରେ ଅରୁଣାଚଳପ୍ରଦେଶର ଟାଲୋ ଆନା ଏକ ଗୋଲ ଦେଇ ପ୍ରଥମାର୍ଦ୍ଧର ଖେଳକୁ ବରାବର ରଖିଥିଲେ । ଦ୍ୱିତୀୟାର୍ଦ୍ଧର ୫୦ତମ ମିନିଟରେ ବାମଙ୍ଗ ୟାରୋ ଓ ୬୬ତମ ମିନିଟରେ ଆନା ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ଦେଇ ଅରୁଣାଚଳପ୍ରଦେଶକୁ ବିଜୟ ପଏଣ୍ଟ ପ୍ରଦାନ କରିଛନ୍ତି। ଖେଳାଯାଇଥିବା ଅନ୍ୟ ମ୍ୟାଚ୍ ଗୁଡ଼ିକରେ ଉତ୍ତରାଖଣ୍ଡ ୨-୦ ଗୋଲରେ ଗୋଆକୁ, ବିହାର ୫-୦ ଗୋଲରେ ଦିଲ୍ଲୀକୁ, ଗୁଜୁରାଟ ୪-୦ ଗୋଲରେ କେରଳକୁ ଓ ହିମାଚଳପ୍ରଦେଶ ୮-୦ ଗୋଲରେ ଆନ୍ଧ୍ରପ୍ରଦେଶକୁ ପରାସ୍ତ କରିଛି।

# ହାମିଲଟନ ଜିତିଲେ କାନାଡିଆନ୍ ଗ୍ରାଁପ୍ରି

**ମଣ୍ଟ୍ରିଲ, ୧୦।୬ (ଏଏଫ୍‌ପି):** ମର୍ସିଡିଜ୍‌ର ଲୁଇସ୍ ହାମିଲଟନ କାନାଡିଆନ୍ ଫର୍ମୁଲା ୱାନ୍ ମୋଟର ରେସ୍ ଗ୍ରାଁ ପ୍ରି ଟାଇଟଲ ଜିତିଛନ୍ତି। ରବିବାର ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ୫ ସେକେଣ୍ଡ ପେନାଲ୍ଟି ଯୋଗୁ ଫେରାରିର ସେବାଷ୍ଟିଆନ ଭେଟେଲ ବିଜୟରୁ ବଞ୍ଚିତ ହୋଇଥିଲେ। ୫୦ତମ ଲାପ୍‌ରେ ଏହି ଦୁଇ ଡ୍ରାଇଭରଙ୍କ ମଧ୍ୟରେ ଜୋର୍‌ଦାର ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଦୁହିଁଙ୍କ ମଧ୍ୟରେ ଦୁର୍ଘଟଣା ପରିସ୍ଥିତି ସୃଷ୍ଟି ହୋଇଥିଲା। ଭେଟେଲ ରେସ୍‌ର ଅଧିକାଂଶ ସମୟ ଅଗ୍ରଣୀ ରହିଥିଲେ। କିନ୍ତୁ ତାଙ୍କ ବିପଜ୍ଜନକ ଡ୍ରାଇଭିଂ ଯୋଗୁ ହାମିଲଟନଙ୍କ କାର୍ ବ୍ୟାରିକେଡ୍‌ରେ ପିଟିହୋଇଯିବା ଆଶଙ୍କା ସୃଷ୍ଟି ହୋଇଥିଲା। ଏହି କାରଣରୁ ଭେଟେଲଙ୍କୁ ୫ ସେକେଣ୍ଡ ଟାଇମ୍ ପେନାଲ୍ଟି ହୋଇଥିଲା। ଫଳରେ ହାମିଲଟନଙ୍କୁ ବିଜୟୀ ଘୋଷଣା କରାଯାଇଥିଲା। ଏହି ବିଜୟ ଦ୍ୱାରା ଡ୍ରାଇଭର୍ସ ଚାମ୍ପିୟନଶିପ୍‌ରେ ତାଙ୍କ ଅଗ୍ରଣୀ ବ୍ୟବଧାନ ୨୯ ପଏଣ୍ଟକୁ ବୃଦ୍ଧି କରିପାରିଛନ୍ତି। ଫେରାରିର ଚାର୍ଲସ ଲେକ୍‌ରେକ୍ ତୃତୀୟ ଏବଂ ମର୍ସିଡିଜର ଭାଲଟେରି ବୋଟାସ ଚତୁର୍ଥ ହୋଇଥିଲେ। ଟପ୍ ୧୦ରେ ଯଥାକ୍ରମେ ସ୍ଥାନ ପାଇଥିବା ଅନ୍ୟ ଡ୍ରାଇଭରମାନେ ହେଲେ ମାକ୍ସ ଭର୍ଷ୍ଟାପେନ (ରେଡ୍‌ବୁଲ), ଡାନିଏଲ ରିକାର୍ଡୋ(ରେନଲ୍ଟ), ନିକୋ ହକେନବର୍ଗ (ରେନଲ୍ଟ), ପିଏରେ ଗାସ୍‌ଲି (ରେଡ୍‌ବୁଲ୍), ଲାନ୍ସ ଷ୍ଟ୍ରୋଲ (ରେସିଂ ପଏଣ୍ଟ) ଏବଂ ଡାନିଲ କ୍ୟାଟ୍(ଟୋରୋ ରୋସୋ)।



# ଡିଏଲ୍‌ରେ ଜିତିଲା ଶ୍ରୀଲଙ୍କା-ଏ

**ବେଲାଗାଭି (କର୍ନାଟକ), ୧୦।୬:** ସୋମବାର ଘରୋଇ ଭାରତ-ଏ ବିପକ୍ଷରେ ଅନୁଷ୍ଠିତ ୩ୟ ଅନ୍‌ଅଫିସିଆଲ ଦିନିକିଆ ମ୍ୟାଚ୍‌କୁ ଶ୍ରୀଲଙ୍କା-ଏ ଡିଏଲ୍ ପଦ୍ଧତିରେ ୬ ଉଇକେଟ୍‌ରେ ଜିତିନେଇଛି। ଭାରତ-ଏ ଓପନର୍ ପ୍ରଶାନ୍ତ ଚୋପ୍ରା (୧୨୫)ଙ୍କ ଶତକ ବଳରେ ନିର୍ଦ୍ଧାରିତ ୫୦ ଓଭରରେ ୮ ଉଇକେଟ୍ ହରାଇ ୨୯୧ ରନ କରିଥିଲା। ବୋଲର ଚାମିକା କରୁଣାରତ୍ନେ (୧୦-୦-୩୬-୫) ସୁନ୍ଦର ବୋଲିଂ କରିଥିଲେ। ଜବାବରେ ୨୯୧ ରନର ଟାର୍ଗେଟ୍‌କୁ ପିଛା କରିଥିବା ଭ୍ରମଣକାରୀ ଶ୍ରୀଲଙ୍କା-ଏ'ର ଇନିଂସରେ ବର୍ଷା ହୋଇ ଖେଳ କିଛି ସମୟ ବନ୍ଦ ରହିଥିଲା। ବର୍ଷା ଛାଡ଼ିବା ପରେ ଶ୍ରୀଲଙ୍କା-ଏ ସାମ୍ନାରେ ୪୬ ଓଭରରେ ୨୬୬ ରନର ଟାର୍ଗେଟ୍ ଧାର୍ଯ୍ୟ ହୋଇଥିଲା। ନିରେଶାନ ଡିକ୍‌ୱେଲା (୬୨ ରନ) ଓ ସଙ୍ଗୀତ କୋରେ (୮୮)ଙ୍କ ସମେତ ଶେହାନ ଜୟସୂରିୟା (୬୬*)ଙ୍କ ଅର୍ଦ୍ଧଶତକ ବଳରେ ଦଳ ୪୩.୫ ଓଭରରେ ଲକ୍ଷ୍ୟ ହାସଲ କରିନେଇଥିଲା।



ଦିଲ୍ଲୀର ତାଲକୋଟ୍ରା ଇନ୍‌ଡୋର ଷ୍ଟାଡିୟମରେ ହେବାକୁଥିବା ଜାତୀୟ ସିନିୟର ଓ ସବ୍‌ଜୁନିୟର କରାଟେ ପ୍ରତିଯୋଗିତାରେ ଭାଗନେବା ପାଇଁ ମନୋନୀତ ଖେଳାଳି ଓ କୋଚ୍‌ମାନେ କର୍ମକର୍ତ୍ତାଙ୍କ ଗହଣରେ।

## ଭାରତୀୟ ଜୁନିୟର ମହିଳା ହକି ହାରିଲା

**ବାରନୋଭିଚି(ବେଲାରୁସ),୧୦।୬ (ପି.ଟି.):** ଭାରତୀୟ ଜୁନିୟର ମହିଳା ହକି ଦଳ ୧-୪ ଗୋଲରେ ବେଲାରୁଷ୍ ସିନିୟର ଦଳଠାରୁ ହାରିଯାଇଛି। ୨୧ ବର୍ଷରୁ କମ୍ ଅନ୍ତର୍ଜାତୀୟ ଚତୁଃରାଷ୍ଟ୍ରୀୟ ଟୁର୍ନାମେଣ୍ଟ ଜିତିଥିବା ଭାରତୀୟ ଦଳ ସମ୍ପୂର୍ଣ୍ଣ ଆତ୍ମବିଶ୍ୱାସ ସହ ପଡ଼ିଆକୁ ଓହ୍ଲାଇଥିଲା। ମ୍ୟାଚ୍‌ର ପ୍ରଥମ ମିନିଟ୍‌ରେ ଟିମ୍ ଇଣ୍ଡିଆକୁ ପେନାଲ୍ଟି କର୍ନର ମିଳିଥିଲା। ଗଗନଦୀପ କୌର କୌଣସି ତ୍ରୁଟି ନ କରି ଏହାକୁ ଗୋଲରେ ପରିଣତ କରିଥିଲେ। ଫଳରେ ଭାରତ ୧-୦ ଗୋଲରେ ଅଗ୍ରଣୀ ହାସଲ କରିଥିଲା। କିନ୍ତୁ ପରେ ଭାରତୀୟ ଦଳ ସ୍ଥିତିକୁ ବଜାୟ ରଖିବାରେ ବିଫଳ ହୋଇଥିଲା। ବେଲାରୁଷ୍ ପକ୍ଷରୁ ସ୍ୱିତଲାନା ବାହୁଶେଭିଚ, କ୍ରିଷ୍ଟିନା ପାପ୍ଲୋଭା ଓ ୟୁଲିଆ ମିଖେଚ୍ୟ ଗୋଲ ଦେଇଥିଲେ।

# ଧୀମନଙ୍କୁ ଟାଇଟଲ୍

**କଟକ ଅଫିସ,୧୦।୬:** ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ସେଭେନ ପିଲାର ଅଫ ୱିଜଡମ ଠାରେ ଟ୍ରିପଲ ସି ଚେସ୍ କ୍ଲବ ଆନୁକୂଲ୍ୟରେ ଚାଲିଥିବା ସର୍ବଭାରତୀୟ ଫିଡ଼େ ରେଟିଂ (୧୬୦୦ରୁ କମ୍) ଚେସ୍ ଚାମ୍ପିୟନଶିପ୍ ସୋମବାର ଉଦ୍‌ଯାପିତ ହୋଇଯାଇଛି। ୯ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ପଶ୍ଚିମବଙ୍ଗର ଧୀମନ ମିତ୍ର ୮ ପଏଣ୍ଟ ହାସଲ କରି ଚାମ୍ପିୟନ ହୋଇଛନ୍ତି। ସମାନ ପଏଣ୍ଟ ପାଇ ସୁଦ୍ଧା ଆନ୍ଧ୍ରପ୍ରଦେଶର ବିଶ୍ୱନାଥ କନମ, ତାମିଲନାଡୁର ଜି.କାର୍ତ୍ତିକେୟନ ଓ ଆନ୍ଧ୍ରପ୍ରଦେଶର ରାମ କୁମାର ଯଥାକ୍ରମେ ୨ୟରୁ ୪ର୍ଥ ସ୍ଥାନରେ ରହିଛନ୍ତି। ପ୍ରାରମ୍ଭରୁ ଭଲ ଖେଳିଥିବା ଧୀମନ ଅନ୍ତିମ ଦୁଇ ରାଉଣ୍ଡ ମ୍ୟାଚ୍‌ରେ ଡ୍ର ପଏଣ୍ଟ ପାଇ ମଧ୍ୟ ଚାମ୍ପିୟନ ହୋଇଥିଲେ। ଓଡ଼ିଶାର ମିରାକିଲ ପଣ୍ଡା ଓ ପି. ସାଇରୂପା ୭.୫ ପଏଣ୍ଟ ଲେଖାଏ ହାସଲ କରି ଶ୍ରେଷ୍ଠ ୧୦ଜଣଙ୍କ ମଧ୍ୟରେ ରହିଛନ୍ତି । ଟୁର୍ନାମେଣ୍ଟର ଟପ୍‌ସିଡ଼ ଖେଳାଳି ସଞ୍ଜୀବ ମାଲି ୨୧ତମ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲେ । ସଞ୍ଜୀବ ୬.୫ ପଏଣ୍ଟ ପାଇଛନ୍ତି। ରେଭେନ୍‌ଶା ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଇଶାନ କୁମାର ପାତ୍ର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଟ୍ରିପଲ ସି ଚେସ୍ କ୍ଲବ ସଭାପତି କମଳାକାନ୍ତ ବିଶୋୟୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏସ୍‌ଆର୍ ଚେସ୍ ସେଣ୍ଟର ସମ୍ପାଦକ ସତ୍ୟରଞ୍ଜନ ପଟ୍ଟନାୟକ, ଖୋର୍ଦ୍ଧା ଜିଲା ଚେସ୍ ଆସୋସିଏଶନ ସମ୍ପାଦକ ଶୁଭାଶିଷ ପଟ୍ଟନାୟକ, ଅଲ ଓଡ଼ିଶା ଚେସ୍ ଆସୋସିଏଶନ ସମ୍ପାଦକ ଦେବବ୍ରତ ଭଞ୍ଜ, ଉପସଭାପତି ରଞ୍ଜନ ମହାନ୍ତି ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। କ୍ଲବ ଉପସଭାପତି ବିଶ୍ୱଜିତ ରାୟ ଧନ୍ୟବାଦ ଅର୍ପଣ କରିଥିଲେ।




**ସର୍ବଭାରତୀୟ ଫିଡ଼େ ରେଟିଂ ଚେସ୍:** ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

## ପୂର୍ବତନ ଫୁଟବଲ ଖେଳାଳି ସିଦ୍ଧାର୍ଥଙ୍କ ପରଲୋକ

**କଟକ ଅଫିସ,୧୦।୬:** ପୂର୍ବତନ ଜାତୀୟ ଫୁଟବଲ ଖେଳାଳି ସିଦ୍ଧାର୍ଥ ଶଙ୍କର ପୁରୁସେଠ୍‌ଙ୍କ ୩୫ବର୍ଷ ବୟସରେ ସୋମବାର ପରଲୋକ ଘଟିଛି । ରାଜ୍ୟ ପକ୍ଷରୁ ଏକାଧିକ ଥର ସନ୍ତୋଷ ଟ୍ରଫି ଟୁର୍ନାମେଣ୍ଟରେ ପ୍ରତିନିଧିତ୍ୱ କରୁଥିବା ସିଦ୍ଧାର୍ଥଙ୍କ ଘର ସୁନ୍ଦରଗଡ଼ ଜିଲାରେ। ସେ ଓଡ଼ିଶା ପୋଲିସ, ରାଇଜିଂ ଷ୍ଟୁଡେଣ୍ଟ କ୍ଲବ, ସମ୍ବଲପୁର ଫୁଟବଲ ଏକାଡେମୀ ଓ ଯୋବ୍ରା ଦୁର୍ଗା କ୍ଲବ ପକ୍ଷରୁ ମଧ୍ୟ ଘରୋଇ ଟୁର୍ନାମେଣ୍ଟ ଖେଳିଛନ୍ତି। ସିଦ୍ଧାର୍ଥ ଓଡ଼ିଶା ପୋଲିସରେ ଚାକିରି କରିଥିଲେ। ଫାଓ ସମ୍ପାଦକ ସଞ୍ଜୟ ବେହେରା ଶୋକପ୍ରକାଶ କରିଛନ୍ତି ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ମଙ୍ଗଳବାର, ଜୁନ୍ ୧୧/୨୦୧୯ Bhubaneswar, Tuesday, June 11/2019

# ଏସ୍‌ସିବି କାଜୁଆଲ୍‌ଟିରେ ନାହିଁ ପ୍ଲାଷ୍ଟର



■ ହୋହଲ୍ଲା କଲେ ରୋଗୀ ସମ୍ପର୍କୀୟ

■ ଟେଣ୍ଡର ନେଇଥିବା ସଂସ୍ଥା ଯୋଗାଣ କରୁନି

କଟକ ଅଫିସ, ୧୦।୬

ଯେତେ ବ୍ୟବସ୍ଥା କଲେ ମଧ୍ୟ ଏସ୍‌ସିବି ମେଡ଼ିକାଲ କାଜୁଆଲ୍‌ଟି ଅବସ୍ଥା ସୁଧୁରୁନାହିଁ। ମେଡିକାଲର ମୁଖଶାଳା କୁହାଯାଉଥିବା କାଜୁଆଲ୍‌ଟିକୁ ନେଇ ଆଉ ଏକ ବଡ଼ଧରଣର ଅବ୍ୟବସ୍ଥା ସାମ୍ନାକୁ ଆସିଛି। ଯାହାକୁ ନେଇ ରବିବାର ରାତିରେ ରୋଗୀ ସମ୍ପର୍କୀୟମାନେ ହୋହଲ୍ଲା କରିବାରୁ ଏକ ଅପ୍ରୀତିକର ପରିସ୍ଥିତି ଉପୁଜିଥିଲା। ସମସ୍ୟାଟି ହେଉଛି କାଜୁଆଲ୍‌ଟିରେ ପ୍ଲାଷ୍ଟରର ଘୋର ଅଭାବ।

ବିଭିନ୍ନ ସମୟରେ କାଜୁଆଲ୍‌ଟିକୁ ହାଡ଼ଭଙ୍ଗା ରୋଗୀ ଆସିଥାନ୍ତି। ସେମାନଙ୍କୁ ପ୍ରାଥମିକ ଭାବେ ଏଠାରେ ପ୍ଲାଷ୍ଟର କରାଯାଇ ନିର୍ଦ୍ଦିଷ୍ଟ ବିଭାଗକୁ ପଠାଯାଇଥାଏ। ମାତ୍ର ପାଖାପାଖି ୧ ମାସ ହେବ ପ୍ଲାଷ୍ଟରର ଅଭାବ ଦେଖାଦେଇଥିବା ନେଇ କାଜୁଆଲ୍‌ଟି ମେଡିକାଲ ଅଫିସର ଡା. ଜେ.ପି. ବିଶ୍ୱାଳ ସୋମବାର ଏସ୍‌ସିବି ଅଧୀକ୍ଷକ ପ୍ରଫେସର ଡା. ସିବିକେ ମହାନ୍ତିଙ୍କୁ ଜଣାଇଥିଲେ। ପ୍ଲାଷ୍ଟର ଯୋଗାଇବା ପାଇଁ ଟେଣ୍ଡର ନେଇଥିବା ଏକ ଘରୋଇ ସଂସ୍ଥା ପକ୍ଷରୁ ଯୋଗାଣ କରା ନ ଯିବାରୁ ଏଭଳି ଅବସ୍ଥା ଉପୁଜିଛି। ଟେଣ୍ଡର ନେଇଥିବା ସଂସ୍ଥା ପ୍ଲାଷ୍ଟର ଯୋଗାଣରେ ବିଳମ୍ବ କରିବାରୁ ମେଡିକାଲ ପକ୍ଷରୁ ଲୋକାଲ ପର୍ଚେଜ୍ ମାଧ୍ୟମରେ ଏହାକୁ କିଣାଯାଉଥିଲା। ମାତ୍ର ଶନିବାର ଓ ରବିବାର ୨ ଦିନ ଛୁଟି ପଡ଼ିଯିବାରୁ ଲୋକାଲ ପର୍ଚେଜ୍ ହୋଇପାରି ନ ଥିଲା। ଫଳରେ ୨ ଦିନ ଧରି ରୋଗୀମାନଙ୍କୁ ପ୍ଲାଷ୍ଟର ବାହାରୁ କିଣିବା ପାଇଁ ଡାକ୍ତରମାନେ ପରାମର୍ଶ ଦେଉଥିଲେ। ଗତ ରବିବାର ରାତିରେ ପ୍ଲାଷ୍ଟରକୁ ନେଇ ରୋଗୀ ସମ୍ପର୍କୀୟମାନେ ଏସ୍‌ସିବିରେ ହୋହଲ୍ଲା କରିଥିଲେ। ରାଜ୍ୟରେ ମାଗଣା ସ୍ୱାସ୍ଥ୍ୟସେବା ମିଳୁଥିବା ସରକାର ଡିଣ୍ଡିମ ପିଟୁଛନ୍ତି। ହେଲେ ଏଠାରେ ପ୍ଲାଷ୍ଟର ପାଇଁ ଡାକ୍ତରମାନେ କାହିଁକି ବାହାରକୁ ପଠାଉଛନ୍ତି ବୋଲି କହି ରୋଗୀ ସମ୍ପର୍କୀୟମାନେ ପାଟିତୁଣ୍ଡ କରିଥିଲେ।

## ମାଗଣା ସ୍ୱାସ୍ଥ୍ୟସେବା ଏମିତି

ରବିବାର ଘଟଣାକୁ ନେଇ ସୋମବାର କାଜୁଆଲ୍‌ଟି ମେଡିକାଲ ଅଫିସର ଡା. ଜେ.ପି. ବିଶ୍ୱାଳ ଅଧୀକ୍ଷକଙ୍କ ଚାମ୍ବରକୁ ଆସି ଘଟଣା ସମ୍ପର୍କରେ କହିଥିଲେ। ଅଧୀକ୍ଷକ ପ୍ରଫେସର ଡା. ସିବିକେ ମହାନ୍ତି ତୁରନ୍ତ ମେଡିକାଲ ଷ୍ଟୋର ଦାୟିତ୍ୱରେ ଥିବା କର୍ମଚାରୀମାନଙ୍କୁ ଡକାଇଥିଲେ। ଟେଣ୍ଡର ନେଇଥିବା ସଂସ୍ଥା ପ୍ଲାଷ୍ଟର ଯୋଗାଣରେ ବିଳମ୍ବ କରୁଥିବାରୁ ଏଭଳି ଅବସ୍ଥା ଉପୁଜିଥିବା ଷ୍ଟୋର କର୍ମଚାରୀମାନେ କହିଥିଲେ। ୨୪ ଘଣ୍ଟା ମଧ୍ୟରେ ଯଦି ସମ୍ପୃକ୍ତ ସଂସ୍ଥା କାଜୁଆଲ୍‌ଟିକୁ ପ୍ଲାଷ୍ଟର ଯୋଗାଣ ନ କରେ ତେବେ ଉକ୍ତ ସଂସ୍ଥାର ଟେଣ୍ଡରକୁ ବାତିଲ କରିବା ପାଇଁ ଅଧୀକ୍ଷକ ମହାନ୍ତି ଷ୍ଟୋର ମେଡିକାଲ ଅଫିସରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କେବଳ ପ୍ଲାଷ୍ଟର ନୁହେଁ ସାମାନ୍ୟ ବ୍ଲେଡ୍ ମଧ୍ୟ କାଜୁଆଲ୍‌ଟିରେ ଉପଲବ୍ଧ ନାହିଁ। ରାତିଅଧରେ ରୋଗୀ ସମ୍ପର୍କୀୟମାନଙ୍କୁ ବ୍ଲେଡ୍ ପାଇଁ ପଠାଇବାକୁ ପଡୁଛି। ମାତ୍ର ରାତିରେ ଦୋକାନଗୁଡ଼ିକ ବନ୍ଦ ହୋଇଯାଉଥିବାରୁ ସେମାନେ ବ୍ଲେଡ୍ ନ ପାଇ ଖାଲିହାତରେ ଫେରି ଅସନ୍ତୋଷ ବ୍ୟକ୍ତ କରୁଥିବା କାଜୁଆଲ୍‌ଟି ମେଡିକାଲ ଅଫିସର ଡା. ବିଶ୍ୱାଳ ଅଧୀକ୍ଷକଙ୍କ ନିକଟରେ ଅଭିଯୋଗ କରିଥିଲେ। ସେହିପରି କାଜୁଆଲ୍‌ଟିରେ ରୋଗୀଙ୍କ ଭାର ଦିନକୁ ଦିନ ବଢ଼ିବାରେ ଲାଗିଛି। ମାତ୍ର କାଜୁଆଲ୍‌ଟିର ଓଟି ଟେବୁଲ ଭାଙ୍ଗି ଯାଇଥିବାବେଳେ ଓଟି ଲାଇଟ୍ କାମ କରୁ ନ ଥିବା ଡା. ବିଶ୍ୱାଳ କହିଥିଲେ। ଯାହାଫଳରେ ଜରୁରିକାଳୀନ ସ୍ଥିତିରେ ପ୍ରାଥମିକ ଅପରେଶନ ଆବଶ୍ୟକ କରୁଥିବା ରୋଗୀମାନଙ୍କୁ ଉକ୍ତ ଟେବୁଲ ଓ ଲାଇଟ୍ ମାଧ୍ୟମରେ ଅପରେଶନ କରିବା ଅସମ୍ଭବ ହୋଇପଡୁଛି ବୋଲି ଡା. ବିଶ୍ୱାଳ ଅଧୀକ୍ଷକଙ୍କୁ ଅବଗତ କରାଇଥିଲେ। କାଜୁଆଲ୍‌ଟିରେ ଏଭଳି ପରିସ୍ଥିତିକୁ ନେଇ ଏକ ଉଚ୍ଚସ୍ତରୀୟ ବୈଠକ କରାଯିବ ବୋଲି ପ୍ରଫେସର ମହାନ୍ତି କହିଛନ୍ତି। କାଜୁଆଲ୍‌ଟିରେ କ'ଣ ଅସୁବିଧା ରହିଛି ଏବଂ କ'ଣ କରାଗଲେ ରୋଗୀ ସେବାକୁ ସୁଦୃଢ଼ କରିହେବ ସେ ନେଇ କାଜୁଆଲ୍‌ଟିର ଡାକ୍ତର ଓ ନୋଡାଲ ଅଫିସରଙ୍କ ପରାମର୍ଶକ୍ରମେ ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି ଅଧୀକ୍ଷକ ମହାନ୍ତି କହିଛନ୍ତି।

ସୂଚନାଥାଉ କି, କାଜୁଆଲ୍‌ଟିକୁ ସୁଦୃଢ଼ କରିବା ପାଇଁ ବାରମ୍ବାର ରାଜ୍ୟର ସ୍ୱାସ୍ଥ୍ୟମନ୍ତ୍ରୀମାନେ ଗୁରୁତ୍ୱ ଦେଇଥାନ୍ତି। ତତ୍କାଳୀନ ସ୍ୱାସ୍ଥ୍ୟମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଓ ପ୍ରତାପ ଜେନା ଅଚାନକ କାଜୁଆଲ୍‌ଟି ଗସ୍ତ କରି ଏଠାକାର ଅସୁବିଧାକୁ ଆଖିରେ ଦେଖିବା ପରେ ଲମ୍ବା ପ୍ଲାନ ପ୍ରସ୍ତୁତ କରିଥିଲେ। ମାତ୍ର ତାହା ଆଜିପର୍ଯ୍ୟନ୍ତ ଫଳବତୀ ହୋଇପାରିଲାନାହିଁ। କାଜୁଆଲ୍‌ଟିକୁ ଦିନକୁ ୫୦୦ରୁ ୬୦୦ ରୋଗୀ ଆସୁଥିବାବେଳେ ଏଠାରେ ଜଣେ ମାତ୍ର ଡ୍ରେସର ରହିଛନ୍ତି। ସେହିପରି ନର୍ସମାନଙ୍କର ଘୋର ଅଭାବ ଥିବାବେଳେ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ଅଭାବ ପରିସ୍ଥିତିକୁ ଅଧିକ ଜଟିଳ କରୁଛି। ତେବେ ୫୦ ଜଣ ଡ୍ରେସରଙ୍କୁ ନିଯୁକ୍ତି ଦେବା ପାଇଁ ନିକଟରେ ହୋଇଥିବା ସ୍ୱାସ୍ଥ୍ୟ ବିକାଶ ସମିତି ବୈଠକରେ ନିଷ୍ପତ୍ତି ହୋଇଥିବା ଅଧୀକ୍ଷକ ମହାନ୍ତି କହିଛନ୍ତି। ଅଧିକ ନର୍ସ ଯୋଗାଇବା ପାଇଁ ମଧ୍ୟ ବ୍ୟବସ୍ଥା ହେଉଥିବା ସେ ସୂଚନା ଦେଇଛନ୍ତି।

ADMISSION GUIDANCE FOR 2019-20
NIIS HIGHER SECONDARY SCHOOL
(Permanently Recognised by Govt. of Odisha & Affiliated to CHSE Odisha)
+2 Science Including Engineering & Medical Coaching
& +2 Commerce Including CA / CS / CMA / MGMT
SPECIAL FEATURES
❖ Expert & Experienced Faculty members ❖ Doubt Clearing Classes
❖ Separate Furnished Hostel both Boys & Girls
For more details:
SARADA VIHAR, MADANPUR, BHUBANESWAR - 752054
Visit us: www.niisinst.com / www.niisgroup.org / Email: niisadmission2019@gmail.com
Mob.: 9778899990 / 9778899991 / 9040004375 / 9438767679 / 9348233984
NIIS also offers : B.Sc.(Hons), B.A.(Hons), B.Com.(Hons), B.Sc. (Comp.Sc.), B.Sc. (ITM), B.Sc. (Biotech)

# ଡାକ୍ତରଖାନାରୁ ଫେରି ଘରେ ପ୍ରସବ କଲେ ମହିଳା

ଗୋପ, ୧୦।୬ (ଡି.ଏନ୍.ଏ.)

ରୋଗୀମାନଙ୍କ ଲାଗି ଡାକ୍ତର ଭଗବାନ ସ୍ୱରୂପ। ମାତ୍ର ଅନେକ ସମୟରେ ଡାକ୍ତରଙ୍କ ଅବହେଳା କାରଣରୁ ରୋଗୀମାନେ ନାନା ପ୍ରକାର ଅସୁବିଧା ଭୋଗୁଥିବା ନେଇ ଅଭିଯୋଗ ଆସୁଛି। ଫଳରେ ଡାକ୍ତରଙ୍କ ଉପରୁ ଲୋକମାନେ ଧୀରେ ଧୀରେ ଆସ୍ଥା ହରାଉଛନ୍ତି। ଏହିଭଳି ଏକ ଗୁରୁତର ଅବହେଳା ଘଟଣା ସାମ୍ନାକୁ ଆସିଛି ପୁରୀ ଜିଲା ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ। ମଧୁମେହ ରୋଗର ଚିକିତ୍ସା ଲାଗି ଆସିଥିବା ଜଣେ ମହିଳା ଗର୍ଭବତୀ ଥିବା ସମ୍ପର୍କରେ ତାଙ୍କୁ ଚିକିତ୍ସା କରୁଥିବା ଡାକ୍ତର ଜାଣିପାରି ନ ଥିଲେ। ଫଳରେ ତାଙ୍କୁ ଡିସ୍‌ଚାର୍ଜ କରିବାର ୨ଘଣ୍ଟା ପରେ ମହିଳା ଜଣଙ୍କ ଘରେ ଏକ ପୁତ୍ର ସନ୍ତାନ ପ୍ରସବ କରିଥିଲେ। ପରେ ପୁଣିଥରେ ମହିଳାଙ୍କୁ ଡାକ୍ତରଖାନା ଅଣାଯାଇଥିବାବେଳେ ଡାକ୍ତର ତାଙ୍କୁ ପୁରୀ ମେଡିକାଲକୁ ସ୍ଥାନାନ୍ତର କରିଛନ୍ତି।

ଗୋପ ନିକଟବର୍ତ୍ତୀ ବେଣୀପୁର ଗ୍ରାମର କୈଳାସ ଦାସଙ୍କ ସ୍ତ୍ରୀ ସେବତୀ ଦାସ(୩୫) ୬ ତାରିଖ ସକାଳେ ମଧୁମେହ ରୋଗରେ ପୀଡ଼ିତ ହୋଇ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ଏହି ମହିଳାଙ୍କୁ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘ ଚାରିଦିନ ଧରି ଚିକିତ୍ସା କରାଯିବା ପରେ ସୋମବାର ସକାଳେ ତାଙ୍କୁ ଡିସ୍‌ଚାର୍ଜ କରାଯାଇଥିଲା। ମାତ୍ର ଡିସ୍‌ଚାର୍ଜର ୨ଘଣ୍ଟା ପରେ ମହିଳା ଜଣଙ୍କ ତାଙ୍କ ବାପଘର ଗ୍ରାମ ଇଟାକୁଦରେ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ। ଏହି ଘଟଣା ଏବେ ଗୋପ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଥିବାବେଳେ ଡାକ୍ତରମାନେ କିଭଳି ଭାବରେ ରୋଗୀମାନଙ୍କୁ ଚିକିତ୍ସା କରୁଛନ୍ତି ସେନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏନେଇ ସେବତୀଙ୍କୁ ପଚାରିବାରେ ମୋର ଦୁଇଗୋଟି କନ୍ୟା ସନ୍ତାନ ଥିବାବେଳେ ପୁତ୍ର ସନ୍ତାନ ମୋ ପାଇଁ ଭଗବାନଙ୍କ ବରଦାନ ସଦୃଶ। ଏହା ସହ ଡାକ୍ତରମାନେ ମୁଁ ଗର୍ଭବତୀ ଥିବା ସମ୍ପର୍କରେ କିପରି ଜାଣିପାରି ନ ଥିଲେ ତାହା ଆଶ୍ଚର୍ଯ୍ୟର ବିଷୟ ବୋଲି ସେ କହିଥିଲେ। ଏ ସମ୍ପର୍କରେ ଗୋପ ଡାକ୍ତରଖାନାର ଡାକ୍ତର ସୁଗନ୍ଧା କାଶ୍ୟପଙ୍କୁ ପଚାରିବାରେ ମୁଁ ସନ୍ତାନ ପ୍ରସବ ପରେ ମହିଳାଙ୍କୁ ଚିକିତ୍ସା କରିଛି। ପୂର୍ବ ଘଟଣା ସମ୍ପର୍କରେ କିଛି ଜାଣି ନ ଥିବା କହିଥିଲେ।

## ଜମି ବଣ୍ଟାକୁ ନେଇ ଗଣ୍ଡଗୋଳ: ୭ ଗିରଫ

ବାଲିପାଟଣା,୧୦।୬(ଡି.ଏନ୍.ଏ.): ବାଲିପାଟଣା ଥାନା ଅନ୍ତର୍ଗତ ଝିଣ୍ଟି ଗ୍ରାମରେ ଜମି ଭାଗବଣ୍ଟାକୁ ନେଇ ଗଣ୍ଡଗୋଳ ଘଟଣାରେ ପୋଲିସ ୭ଜଣଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ନଗେନ ମୁଦୁଲି, କୈଳାସ ଚନ୍ଦ୍ର ମୁଦୁଲି, ପ୍ରଭାକର ମୁଦୁଲି, ଲୋଡାଞ୍ଜଳି ମୁଦୁଲି, ବାସନ୍ତୀ ମୁଦୁଲି, ଲକ୍ଷ୍ମୀଧର ମୁଦୁଲି ଓ ଜ୍ଞାନରଞ୍ଜନ ମୁଦୁଲି। ପୋଲିସ ଏ ସମ୍ପର୍କରେ ଏକ ମାମଲା (ନଂ.୧୩୩/୧୯)ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଝିଣ୍ଟି ଗ୍ରାମର ଦୁଇ ପରିବାର ମଧ୍ୟରେ ଜମି ବଣ୍ଟାକୁ ନେଇ କୋର୍ଟରେ ମାମଲା ଚାଲିଛି। ଶନିବାର ଦୁଇ ପରିବାର ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ରବିବାର ଏହା ଉଗ୍ରରୂପ ନେଇ ୪ଜଣ ଗୁରୁତର ହୋଇଥିଲେ।

## ବୁଝାଇବାକୁ ଥାନାକୁ ଡାକି ପୋଲିସ ମାରିଦେବା ଘଟଣା
## ଓଏଚ୍ଆର୍‌ସିରେ ଅଭିଯୋଗ

ଭୁବନେଶ୍ୱର, ୧୦।୬(ବ୍ୟୁରୋ): ଅନୁଗୋଳ ଜିଲା କଣିହାଁ ଥାନା ପୋଲିସ ଏକ ପାରିବାରିକ ଝଗଡ଼ାର ସମାଧାନ ପାଇଁ ସ୍ୱାମୀସ୍ତ୍ରୀଙ୍କୁ ଥାନାକୁ ଡାକିଥିଲା ପୋଲିସ। ହେଲେ ପୋଲିସ ସ୍ୱାମୀ ଦୀପକ ବାରିକଙ୍କୁ ମାଡ଼ ମାରିବାରୁ ତାଙ୍କର ମୃତ୍ୟୁ ଘଟିଥିବା ପରିବାର ଲୋକେ ଅଭିଯୋଗ କରିଥିଲେ। ଏହି ଘଟଣାକୁ ନେଇ ରବିବାର ଜାତୀୟ ମାନବାଧିକାର କମିଶନ(ଏନ୍‌ଏଚ୍ଆର୍‌ସି)ଙ୍କ ନିକଟରେ ଅଭିଯୋଗ ହୋଇଥିବାବେଳେ ସୋମବାର ରାଜ୍ୟ ମାନବାଧିକାର କମିଶନ(ଓଏଚ୍ଆରସି)ରେ ଏକ ପିଟିଶନ ହୋଇଛି। ମାନାବାଧିକାର କର୍ମୀ ପ୍ରଦୀପ୍ତ ନାୟକ ଦାଖଲ କରିଥିବା ପିଟିଶନରେ ଉଲ୍ଲେଖ କରିଛନ୍ତି ଯେ, ମଦ ପିଇବା ଦ୍ୱାରା ଦୀପକଙ୍କ ମୃତ୍ୟୁ ଘଟିଥିବା ନେଇ ପୋଲିସ ଯେଉଁ ସଫେଇ ଦେଉଛି ତାହା ମିଛ। ଅପମୃତ୍ୟୁ ମାମଲା ବଦଳରେ ହତ୍ୟା ମାମଲା ରୁଜୁ କରାଯାଉ। ତାଙ୍କ ପରିବାରକୁ କ୍ଷତିପୂରଣ ଦେବା ସହ ଘଟଣାର ନିରପେକ୍ଷ ତଦନ୍ତ କରି ଦୋଷୀ ପୋଲିସ ବିରୋଧରେ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ରାଜ୍ୟ ଅତିରିକ୍ତ ଡିଜିପିଙ୍କୁ ନିର୍ଦ୍ଦେଶ ଦେବାକୁ ସେ ନିବେଦନ କରିଛନ୍ତି। ସୂଚନା ଅନୁଯାୟୀ, କଣିହାଁ ଥାନା ବଡ଼ଗୁଣ୍ଡୁରୀ ଅଞ୍ଚଳର ଦୀପକ ଓ ସ୍ତ୍ରୀ ଡଲି ବାରିକଙ୍କ ମଧ୍ୟରେ ଝଗଡା ହୋଇଥିଲା। ଅଭିଯୋଗ ପରେ ଉଭୟଙ୍କୁ ପୋଲିସ କାଉନସେଲିଂ ପାଇଁ ଥାନାକୁ ଡାକିଥିଲେ। ଶୁକ୍ରବାର ଜଣେ ପୋଲିସ ଅଧିକାରୀ ଦୀପକ ଓ ଡଲିଙ୍କୁ କାଉନ୍‌ସେଲିଂ କରିବା ସମୟରେ ସ୍ୱାମୀସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ପୋଲିସ ଅଧିକାରୀ ଜଣକ ଦୀପକଙ୍କୁ ଏକ ଶକ୍ତ ଚାପୁଡା ମାରିଥିଲେ। ଫଳରେ ସେ ଚେତାଶୂନ୍ୟ ହୋଇ ସେଠାରେ ପଡ଼ିଯାଇଥିଲେ। ତାଙ୍କୁ ତୁରନ୍ତ କଣିହାଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା, ମାତ୍ର ଡାକ୍ତର ଦୀପକଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପକ୍ଷରେ ଏହି ଘଟଣାକୁ ନେଇ ଏନ୍‌ଏଚ୍ଆର୍‌ସି ଓ ଓଏଚ୍ଆର୍‌ସିରେ ଅଭିଯୋଗ ହେବା ପରେ ପୋଲିସ ଉପରେ ଚାପ ବଢ଼ିବାରେ ଲାଗିଛି।



ବିଦ୍ୟୁତ୍ ଯୋଗାଣ ଦାବି କରି ସୋମବାର ଗୋପ-କୋଣାର୍କ ରାସ୍ତାରେ ବସିଥିବା ୧୨ଟି ଗ୍ରାମର ବାତ୍ୟାବିପନ୍ନ।

# ବିଦ୍ୟୁତ୍ ପାଇଁ ରାସ୍ତାରେ ବସିଲେ ୧୨ ଗ୍ରାମର ବାତ୍ୟାବିପନ୍ନ

## ୩ ଘଣ୍ଟା ଅଟକିଲେ ଶହ ଶହ ଯାତ୍ରୀ, ପର୍ଯ୍ୟଟକ

ଗୋପ, ୧୦।୬(ଡି.ଏନ୍.ଏ.)

ପ୍ରଳୟଙ୍କରୀ ବାତ୍ୟା ଫନୀରେ ପୁରୀ ଜିଲାର ବିଦ୍ୟୁତ୍ ଭିତ୍ତିଭୂମି ଭୁଶୁଡ଼ି ପଡ଼ିଛି। ଏ ପର୍ଯ୍ୟନ୍ତ ଜିଲାର ଅନେକ ସ୍ଥାନକୁ ବିଦ୍ୟୁତ୍ ଆସି ନ ଥିବାରୁ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏନେଇ ସୋମବାର ଗୋପ-କୋଣାର୍କ ରାସ୍ତାର ତହସିଲ ଛକ ନିକଟରେ ୧୨ ଖଣ୍ଡ ଗ୍ରାମର ଗ୍ରାମବାସୀ ମୁଖ୍ୟ ରାସ୍ତା ଅବରୋଧ କରିଥିଲେ। ରାସ୍ତା ଅବରୋଧ ଯୋଗୁ ପୁରୀ-କୋଣାର୍କ ବୁଲିବାକୁ ଆସିଥିବା ଦେଶ ବିଦେଶର ଶହ ଶହ ଯାତ୍ରୀ ଓ ପର୍ଯ୍ୟଟକ ରାସ୍ତାରେ ଅଟକି ରହିଥିଲେ। ଦୀର୍ଘ ୩ଘଣ୍ଟା ରାସ୍ତା ଅବରୋଧ ପରେ ଗୋପ ଥାନାଧିକାରୀ ଦିଲୀପ କୁମାର ସ୍ୱାଇଁ ଅବରୋଧକାରୀଙ୍କୁ ବୁଝାଶୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା।

ଗୋପ ବିଦ୍ୟୁତ୍ ସେକ୍ସନ ଅଧୀନ ଲୁଣହାର, ବିଶରପୁର, ମାଞ୍ଜିଆ, ତିଲୁପଦାଗଡ଼, କୋଶଳଦା, ଇଟାକୁଦ, ଭଦିଶ, ଶଙ୍ଖତିରା, ଆଇମା, ପୋଡ଼ପଡ଼ା, ସିଆର ଓ ବାଲିବସ୍ତ ଗ୍ରାମକୁ ବିଦ୍ୟୁତ୍ ତାର ଟଣା ଯାଇଥିଲେ ମଧ୍ୟ ଶିଶୋ କଳଘର ନିକଟରେ କେତେକ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଗୋଟିଏ ବିଦ୍ୟୁତ୍ ଖୁଣ୍ଟ ପକାଇବା ନେଇ ବିବାଦ ହେବାରୁ ବିଦ୍ୟୁତ୍ ସଂଯୋଗ ଦିଆଯାଇପାରି ନ ଥିଲା। ଫଳରେ ଏହି ୧୨ ଖଣ୍ଡ ଗ୍ରାମରେ ବିଦ୍ୟୁତ୍ ସେବା ପହଞ୍ଚିପାରି ନ ଥିଲା। ଫନୀ ପରଠାରୁ ଲୋକମାନେ ଅନ୍ଧାରରେ ଥିବାବେଳେ ବାଧ୍ୟରେ ସୋମବାର ଅପରାହ୍ନ ୩ଟା ସମୟରେ ତହସିଲ ଛକରେ ରାସ୍ତା ଅବରୋଧ କରିଥିଲେ। ସନ୍ଧ୍ୟା ୬ ଘଟିକା ସମୟରେ ଗୋପ ଥାନାଧିକାରୀ ଉତ୍ତ୍ୟକ୍ତ ଲୋକଙ୍କୁ ପୋଲିସ ଉପସ୍ଥିତିରେ ବିଦ୍ୟୁତ୍ ଖୁଣ୍ଟ ପଡ଼ିବା ସହ ବିଦ୍ୟୁତ୍ ସେବା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ରାସ୍ତା ଅବରୋଧରୁ ହଟିଥିଲେ।



ଭୁବନେଶ୍ୱର ରବୀନ୍ଦ୍ରମଣ୍ଡପଠାରେ ମ୍ୟୁଜିକ ସିଜ୍‌ଲର୍ସ ପକ୍ଷରୁ ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ମ୍ୟୁଜିକାଲ ଶୋ 'ପ୍ୟାର୍ ହୁଆ ଚୁପ୍‌କେ ସେ...'ରେ ଦୁଇ କଣ୍ଠଶିଳ୍ପୀଙ୍କ ସଙ୍ଗୀତ ଗାନ।

# ପୁରୀ ଜିଲାକୁ ଘରଭଙ୍ଗା ସହାୟତା ୧୯୭.୫୯ କୋଟି

## ଖୁବ୍‌ଶୀଘ୍ର ସହାୟତା ଦେବା ଶେଷ ହେବ:ଏସ୍ଆର୍‌ସି

ଭୁବନେଶ୍ୱର,୧୦।୬(ବ୍ୟୁରୋ)

ବାତ୍ୟା ଫନୀରେ ପୁରୀ ଜିଲାରେ ୨,୮୭,୭୬୨ ପରିବାରଙ୍କ ଘର ଭାଙ୍ଗିଯିବାରୁ କ୍ଷତିଗ୍ରସ୍ତ ହୋଇଛନ୍ତି। ସେଥିମଧ୍ୟରୁ ୯୦୫୯ଟି ପକ୍କା ଏବଂ କଚ୍ଚାଘର ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିବାବେଳେ ୧,୦୪,୭୧୫ ଚାଳଘର ଅଧିକ କ୍ଷତିଗ୍ରସ୍ତ ହୋଇଛି। ସେହିପରି ୧,୧୩,୨୨୧ ପକ୍କାଘର ଏବଂ ୪୯,୫୨୯ କଚ୍ଚାଘର ଆଂଶିକ କ୍ଷତିଗ୍ରସ୍ତ ହୋଇଛି। ୨୧୭୮ କୁଡ଼ିଆ ଓ ୧,୧୯,୬୯୪ ଗୁହାଳ ଘର ଭାଙ୍ଗିଯାଇଛି। ଜିଲାପାଳଙ୍କ ରିପୋର୍ଟ ଆଧାରରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଏସ୍‌ଡିଆର୍‌ଏଫ୍ ଏବଂ ଏନ୍‌ଡିଆର୍‌ଏଫ୍ ନର୍ମ ଅନୁଯାୟୀ ପକ୍କା କିମ୍ବା କଚ୍ଚାଘର ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିଲେ ୯୫,୧୦୦ ଟଙ୍କା ସହାୟତା ଯୋଗାଇ ଦିଆଯିବ। ସେହିପରି ପକ୍କାଘର ଆଂଶିକ ଭାଙ୍ଗିଥିଲେ ୫୨୦୦ ଏବଂ କଚ୍ଚାଘର ଆଂଶିକ ଭାଙ୍ଗିଥିଲେ ୩୨୦୦ ଟଙ୍କା ପ୍ରଦାନ କରାଯିବ। କୁଡ଼ିଆ ଭାଙ୍ଗିଥିଲେ ୪୧୦୦ ଏବଂ ଗୁହାଳ ଭାଙ୍ଗିଥିଲେ ୨୧୦୦ ଟଙ୍କା ସହାୟତା ରାଶି ଯୋଗାଇ ଦିଆଯିବ।

ପ୍ରଥମ ପର୍ଯ୍ୟାୟରେ ଘରଭଙ୍ଗା ସହାୟତା ବାବଦରେ ପୁରୀ ଜିଲାପାଳଙ୍କୁ ୧୯୭ କୋଟି ୫୯ ଲକ୍ଷ ଟଙ୍କା ଯୋଗାଇ ଦିଆଯାଇଛି। ସମ୍ପୂର୍ଣ୍ଣ ଭାଙ୍ଗିଥିବା ପକ୍କା/କଚ୍ଚା ଘରକୁ ପ୍ରଥମ କିସ୍ତିରେ ୨୦ହଜାର, ଅଧିକ କ୍ଷତିଗ୍ରସ୍ତ ହୋଇଥିବା ଘରକୁ ପ୍ରଥମ କିସ୍ତିରେ ୧୦ହଜାର, ଆଂଶିକ ପକ୍କାଘରକୁ ୫୨୦୦ ଏବଂ କଚ୍ଚା ଘରକୁ ୩୨୦୦ ଟଙ୍କା ଯୋଗାଇ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ସମସ୍ତ ସହାୟତା ଡାଇରେକ୍ଟ ବେନିଫିଟ ଟ୍ରାନ୍ସଫର (ଡିବିଟି) ମାଧ୍ୟମରେ ହିତାଧିକାରୀଙ୍କ ଆକାଉଣ୍ଟକୁ ସିଧାସଳଖ ପ୍ରଦାନ କରିବାର ବ୍ୟବସ୍ଥା ହୋଇଛି। ଖୁବଶୀଘ୍ର ଘରଭଙ୍ଗା ସହାୟତା ପ୍ରଦାନ ଶେଷ କରାଯିବ ବୋଲି ସ୍ୱତନ୍ତ୍ର ରିଲିଫ କମିଶନର(ଏସ୍ଆର୍‌ସି) ବିଷ୍ଣୁପଦ ସେଠୀ କହିଛନ୍ତି।

■ ଓଡ଼ିଶାରେ ଉନ୍ନତ ସେବା ଯୋଗାଉଛି ଡାକ ବିଭାଗ

# ୩୦ ବର୍ଷ ପରେ ୨ ନୂଆ ଡାକ ମଣ୍ଡଳ





■ ରାଉରକେଲା ଡାକମଣ୍ଡଳରେ ଆଜିଠୁ ମିଳିବ ସେବା

■ ଦକ୍ଷିଣ, ପଶ୍ଚିମ ଓଡ଼ିଶା ଉପରେ ଫୋକସ୍

■ ଖୋଲିବ ଆଉ ୪ ନୂଆ ଡାକଘର

■ ଆଇପିପିବି ଆକାଉଣ୍ଟ ଖୋଲିବାରେ ଭୁବନେଶ୍ୱର ଡିଭିଜନର ରେକର୍ଡ

ଭୁବନେଶ୍ୱର, ୧୦।୬(ବ୍ୟୁରୋ)

ଓଡ଼ିଶାରେ ଉନ୍ନତ ଡାକ ସେବା ପ୍ରତି ଲୋକଙ୍କ ଭରସା ଓ ବିଶ୍ୱାସ ବଢ଼ିବାରେ ଲାଗିଛି। ବୈଷୟିକ ଜ୍ଞାନକୌଶଳ ସହ ଓଡ଼ିଶା ଡାକ ପରିମଣ୍ଡଳ ତା'ର ପରିସରକୁ ପରିବ୍ୟାପ୍ତ କରିବାରେ ଲାଗିଛି। ଦୀର୍ଘ ୩୦ ବର୍ଷ ପରେ ରାଜ୍ୟରେ ଦୁଇଟି ନୂଆ ଡାକ ମଣ୍ଡଳ ଖୋଲିଛି। ବିଶେଷକରି ଦକ୍ଷିଣ ଓ ପଶ୍ଚିମ ଓଡ଼ିଶା ଉପରେ ଫୋକସ୍ ରହିଛି। ଗତ ଏପ୍ରିଲ ୧ରୁ ରାୟଗଡ଼ା ଡାକମଣ୍ଡଳ ସେବା ଯୋଗାଉଥିବାବେଳେ ମଙ୍ଗଳବାର ୧୧ ତାରିଖରୁ ରାଉରକେଲା ଡାକମଣ୍ଡଳ କାର୍ଯ୍ୟାରମ୍ଭ କରିବାକୁ ଯାଉଛି। ଚଳିତ ବର୍ଷ ଆଉ ୪ଟି ନୂଆ ଡାକଘର ଖୋଲିବାକୁ ଯାଉଛି। ସେହିଭଳି ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ (ଆଇପିପିବି), ଦର୍ପଣ ପ୍ରକଳ୍ପ, ପିଏନ୍‌ଓପି, ଇ-କମର୍ସ ପୋର୍ଟାଲ, ଓଡ଼ିଶା ସହ ଜଡିତ ପୋଷ୍ଟାଲ ଷ୍ଟାମ୍ପ ପ୍ରଚଳନ ଆଦି ରାଜ୍ୟରେ ଡାକ ସେବା କ୍ଷେତ୍ରରେ ବଡ଼ ପଦକ୍ଷେପ। ଅନ୍ୟପକ୍ଷରେ ପାସ୍‌ପୋର୍ଟ, ଆଧାର, ରିଟେଲ, ରେଲ୍‌ୱେ ଟିକେଟ ଓ ବିଲ୍ ପେମେଣ୍ଟ ସେବା ପ୍ରଦାନ ଉପରେ ଗୁରୁତ୍ୱ ଦିଆଯାଉଛି। ଏଥିସହ ସ୍ପିଡ୍ ପୋଷ୍ଟ କ୍ଷେତ୍ରକୁ ତ୍ୱରାନ୍ୱିତ କରିବା ଓ ବ୍ୟାପକ ନିଯୁକ୍ତି ସୃଷ୍ଟି କରିବାରେ ମଧ୍ୟ ସକ୍ଷମ ହୋଇପାରିଛି। ଫଳରେ ୨୦୧୮-୧୯ ଆର୍ଥିକ ବର୍ଷରେ ରାଜସ୍ୱ ୫.୮୧ ପ୍ରତିଶତ ଓ ସ୍ପିଡ୍‌ପୋଷ୍ଟ କାରବାରରେ ୧୦ ପ୍ରତିଶତ ବୃଦ୍ଧି ହୋଇଥିବା ଓଡ଼ିଶା ଡାକ ପରିମଣ୍ଡଳର ମୁଖ୍ୟ ଡାକପାଳ ସନ୍ତୋଷ କାମିଲା କହିଛନ୍ତି।

ସୋମବାର ଖବରଦାତା ସମ୍ମିଳନୀରେ ସୂଚନା ଦେଇ କାମିଲା କହିଛନ୍ତି, ଭାରତୀୟ ଡାକ ବିଭାଗ ଓଡ଼ିଶାରେ ତା'ର ସେବାକୁ ଆହୁରି ବ୍ୟାପକ କରାଯିବାକୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ରାଜ୍ୟରେ ଗତବର୍ଷ ସେପ୍ଟେମ୍ବରରୁ ଆରମ୍ଭ ହୋଇଥିବା ଆଇପିପିବିର ଇତିମଧ୍ୟରେ ୩୩ଟି ଶାଖା କାର୍ଯ୍ୟ କରୁଥିବାବେଳେ ୬୮୫୯ଟି ଡାକଘରେ ଏହି ସେବା ଉପଲବ୍ଧ ହେଉଛି। ଏବେସୁଦ୍ଧା ୨ଲକ୍ଷ ୯ହଜାର ୪୯୮ଟି ଆଇପିପିବି ଆକାଉଣ୍ଟ ଖୋଲାଯାଇଥିବାବେଳେ ଏକ୍ଷେତ୍ରରେ ଭୁବନେଶ୍ୱର ଡାକମଣ୍ଡଳ ରେକର୍ଡ କରିଛି। ୬୯୧୭ଟି ଡାକଘରେ ଦର୍ପଣ ପ୍ରକଳ୍ପ ମାଧ୍ୟମରେ କମ୍ପ୍ୟୁଟର ଦ୍ୱାରା ସେବା ପ୍ରଦାନ କରାଯାଉଛି। ୧୨୦୭ ଡାକଘର ମଧ୍ୟରୁ ୧୦୨୩ଟିରେ କୋର୍ ବ୍ୟାଙ୍କିଙ୍ଗ୍ ସେବା ମିଳୁଥିବାବେଳେ ୭୦୦୭ ଶାଖା ଡାକଘର ମଧ୍ୟରୁ ୫୧୭୧ଟିକୁ କୋର୍ ସିଷ୍ଟମ ଇଣ୍ଟିଗ୍ରେଶନ (ସିଏସ୍ଆଇ) ଯୋଡ଼ାଯାଇଛି। ତ୍ୱରିତ ପାର୍ସଲ ସେବା ପ୍ରଦାନ ପାଇଁ ଭୁବନେଶ୍ୱରରେ ଗୋଟିଏ ଜାତୀୟ ପାର୍ସଲ ହବ୍ (ଏନ୍‌ପିଏଚ୍), ୭ଟି ସ୍ଥାନରେ ଷ୍ଟେଟ୍ ପାର୍ସଲ ହବ୍ (ଏସ୍‌ପିଏଚ୍) ରହିଥିବାବେଳେ ୩ ସ୍ଥାନରେ ନୋଡାଲ ଡେଲିଭରି ସେଣ୍ଟର ସ୍ଥାପନ କରାଯାଉଛି। ଚଳିତବର୍ଷ ଲୋକେ ୨୫ ଲକ୍ଷ ୨୬ହଜାର ୬୦୪ଟି ନୂଆ ଆକାଉଣ୍ଟ ଖୋଲିଥିବାରୁ ମୁଖ୍ୟ ଡାକପାଳ କାମିଲା ଧନ୍ୟବାଦ ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ବ୍ରହ୍ମପୁର ମୁଖ୍ୟ ଡାକପାଳ କଲୋନେଲ ଜଳେଶ୍ୱର କଅଁର, ଡାକପାଳ ଜି. ଗୁରୁନାଥନଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

ସବୁଠାରୁ ଅଳ୍ପରେ ସିଏ ସନ୍ତୁଷ୍ଟ ହୋଇପାରିଲା, ସେ ହିଁ ସଂସାରରେ ଶ୍ରେଷ୍ଠ ଧନୀ। କାରଣ ସନ୍ତୋଷ ହିଁ ପ୍ରକୃତ ସମ୍ପଦ।
-ସକ୍ରେଟିସ୍



## ସଂକ୍ଷେପରେ

### ମଦ ଜବତ, ଯୁବକ ଗିରଫ

**ସାଲେପୁର,୧୦।୬(ଡି.ଏନ.ଏ.):** ସାଲେପୁର ଜପକୁଦ ଫାଣ୍ଡି ଅଧୀନ ପଟୁଆ ହାଟ ନିକଟରୁ ସୋମବାର ଜପକୁଦ ପୋଲିସ ଜଣେ ଚୋରା ମଦ ବ୍ୟବସାୟୀଙ୍କୁ ଗିରଫ କରିଛି। ଏଥିସହ ତାଙ୍କ ନିକଟରୁ ୧୩୦ ବୋତଲ ଦେଶୀ ମଦ ଓ ଏକ ସ୍କୁଟର ଜବତ କରିଛି। ଗିରଫ ଅଭିଯୁକ୍ତ ହେଲେ ବିହାର ରାଜ୍ୟର ଅମରକାନ୍ତ ଜୟସ୍ୱାଲ୍(୩୮)। ସେ ଏକ ସ୍କୁଟରରେ ଚୋରାମଦ ନେଇ କୌଣସି ସ୍ଥାନକୁ ଯାଉଥିଲେ। ଖବର ପାଇ ପୋଲିସ ତାଙ୍କୁ ପିଛାକରି ପଟୁଆ ହାଟଠାରେ ଧରିଥିଲା। ଏ ନେଇ ଏକ ମାମଲା ନଂ-୧୩୫/୧୯ରୁଜୁ କରାଯାଇ ଅମରକାନ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଫାଣ୍ଡି ଅଧିକାରୀ ବ୍ରଜକିଶୋର ଦକ୍ଷିଣ କବାଟ ସୂଚନା ଦେଇଛନ୍ତି।

### ହୃଦ୍‌ଘାତରେ ଯୁବ ବ୍ୟବସାୟୀଙ୍କ ମୃତ୍ୟୁ

**ସାଲେପୁର,୧୦।୬(ଡି.ଏନ.ଏ.):** ସାଲେପୁର ବ୍ଲକ ଅଧୀନ ଚନ୍ଦ୍ରାଦେଇପୁର ପଞ୍ଚାୟତ ଲୁଣାହାର ଗ୍ରାମର ଯୁବବ୍ୟବସାୟୀ ତଥା ସାମାଜିକ କର୍ମୀ ସମୀର କରଙ୍କ ରବିବାର ରାତିରେ ହୃଦ୍‌ଘାତ ଜନିତ ମୃତ୍ୟୁ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୫୩ ବର୍ଷ ବୟସ ହୋଇଥିଲା। ସେ ଅଞ୍ଚଳରେ ଜଣେ ମିଷ୍ଟଭାଷୀ, ପରୋପକାରୀ, ବନ୍ଧୁବତ୍ସଳ ଓ ଧର୍ମପରାୟଣ ବ୍ୟକ୍ତିଭାବେ ପରିଚିତ ଥିଲେ। ମୃତ୍ୟୁ ଖବର ପାଇ ବିଧାୟକ ପ୍ରଶାନ୍ତ କୁମାର ବେହେରା, ପିସିସି ସାଧାରଣ ସମ୍ପାଦକ ଜ୍ଞାନ ବେହୁରା, ସାଲେପୁର ବ୍ଲକ୍ ପ୍ରାକ୍ତନ ଉପାଧ୍ୟକ୍ଷ ଦିଲୀପ ଦାଶଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଅନ୍ତିମ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ସାଲେପୁର ବଜାରର ସେଣ୍ଟ୍ରାଲ୍ ମାର୍କେଟ ସମେତ ବହୁ ବ୍ୟବସାୟ ପ୍ରତିଷ୍ଠାନ ସୋମବାର ବନ୍ଦ କରାଯାଇଥିଲା। ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ଡମପଡ଼ାଗଡ଼ରେ ବିଶ୍ୱଶାନ୍ତି ମହାଯଜ୍ଞ

**ବାଙ୍କୀ,୧୦।୬(ବି.ପ୍ର.):** ଡମପଡ଼ାଗଡସ୍ଥିତ ଶ୍ରୀଶ୍ରୀ ଲୋକନାଥ ଦେବ ଯଜ୍ଞ କମିଟି ଆନୁକୂଲ୍ୟରେ ୪ ଦିନ ବ୍ୟାପୀ ଶିବ ବିବାହ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଶିବ ବିବାହ କାର୍ଯ୍ୟକ୍ରମରେ କନ୍ୟାପିତା ନିରାକାର ସାମନ୍ତରାୟ ଓ ବରପିତା ଅକ୍ଷୟ ଦାସ କାର୍ଯ୍ୟ ସମ୍ପାଦନା କରିଥିଲେ। ମହାଯଜ୍ଞରେ କର୍ତ୍ତା ନରୋତ୍ତମ ଧଳ କାର୍ଯ୍ୟ ସମ୍ପାଦନା କରିଥିଲେ। ପଣ୍ଡିତ ପ୍ରମୋଦ ପାଇଯୋଶୀ, ଶ୍ରୀନିବାସ ଷଡ଼ଙ୍ଗୀ, ଅମିତ୍ କର, ପ୍ରଭାତ ତ୍ରିପାଠୀ, କୃଷ୍ଣଚନ୍ଦ୍ର ଦାସ ପ୍ରମୁଖ ପୂଜାର୍ଚ୍ଚନା କରିଥିଲେ। କମିଟି ସଭ୍ୟ ଦିଲୀପ ମହାନ୍ତି, ଉମେଶ ଧଳ, ସ୍ମୃତିରଞ୍ଜନ ଦାସ, କୁମାର ପଟ୍ଟନାୟକ, ମନୋଜ ଦାସ, ସାରଦା ପଟ୍ଟନାୟକ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଉତ୍ସବରେ ବିଭିନ୍ନ ଅଞ୍ଚଳରୁ ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

■ ଛୁରାମାଡ଼ରେ ଯୁବକଙ୍କ ମୃତ୍ୟୁ

# କଟକରେ ଗ୍ୟାଙ୍ଗୱାର ଆଶଙ୍କା

**କଟକ ଅଫିସ, ୧୦।୬**

■ରବିବାର ଦୁଇ ଯୁବକଙ୍କୁ ଛୁରାମାଡ଼ ହୋଇଥିଲା
■ଅଭିଯୁକ୍ତଙ୍କୁ ଧରିବାରେ ପୋଲିସ ବିଫଳ

ମାଲଗୋଦାମ ଥାନା ଅନ୍ତର୍ଗତ ଯୋବ୍ରା ମାଟିଆ ମଙ୍ଗଳା ସାହିରେ ରବିବାର ରାତିରେ ଦୁଇଜଣ ଯୁବକଙ୍କୁ ଛୁରାମାଡ଼ ହୋଇଥିଲା। ଏଥିରେ ଗୁରୁତର ହୋଇ ଏସ୍‌ସିବିରେ ଚିକିତ୍ସିତ ହେଉଥିବା ତପନ ନାୟକଙ୍କର ସୋମବାର ମୃତ୍ୟୁ ଘଟିଛି। ତାଙ୍କ ଘର ମାଲଗୋଦାମ ଥାନା ଅଞ୍ଚଳରେ। ତେବେ ଉକ୍ତ ଘଟଣାକୁ ୨୪ ଘଣ୍ଟା ବିତିଯାଇଥିଲେ ମଧ୍ୟ ଛୁରାମାଡ଼ କରିଥିବା ବିଶ୍ୱଜିତ ମହାନ୍ତି ଓରଫ ହାପିଙ୍କୁ ଅଦ୍ୟାବଧି ପୋଲିସ ଗିରଫ କରିପାରିନାହିଁ। ହାପିଙ୍କୁ ୧୦ ଘଣ୍ଟା ମଧ୍ୟରେ ଗିରଫ କରାଯିବ ବୋଲି ଭାରପ୍ରାପ୍ତ ଡିସିପି ତ୍ରିନାଥ ପଟେଲ କହିଛନ୍ତି। ହାପିଙ୍କ ବିରୋଧରେ ପୂର୍ବରୁ ମାଲଗୋଦାମ ଥାନାରେ ବେଆଇନ ବନ୍ଧୁକ କାରବାର ଓ ଆକ୍ରମଣ ଭଳି ୩ଟି ମାମଲା ରହିଛି। ପୂର୍ବରୁ ମଧ୍ୟ ତାଙ୍କୁ ଆଇପିସି ଦଫା ୧୧୦ରେ ଗିରଫ କରାଯାଇଥିବା ପୋଲିସ ସୂଚନା ଦେଇଛି। ଅନ୍ୟପକ୍ଷରେ ତପନଙ୍କ ବିରୋଧରେ ମଧ୍ୟ ମାଲଗୋଦାମ ଥାନାରେ ମରଣାନ୍ତକ ଆକ୍ରମଣ, ବୋମାମାଡ, ଟେଣ୍ଡର ଫିକ୍ସିଂ, ଡକାୟତି, ବେଆଇନ ବନ୍ଧୁକ କାରବାର ଭଳି ୧୪ଟି ଆପରାଧିକ ମାମଲା ରହିଛି। ୨୦୧୭ ଡିସେମ୍ବରରେ ତପନଙ୍କୁ ମାଲଗୋଦାମ ପୋଲିସ ଏନ୍‌କାଉଣ୍ଟର କରିଥିଲା। ଏଥିରେ ତପନ ଗୁରୁତର ହୋଇଥିଲେ। ତେବେ ତପନ ଜଣେ ଗ୍ୟାଙ୍ଗଷ୍ଟରଙ୍କ ସହଯୋଗୀ ଭାବେ କାର୍ଯ୍ୟ କରୁଥିବାବେଳେ ହାପି ଅନ୍ୟଏକ ଗ୍ୟାଙ୍ଗଷ୍ଟରଙ୍କ ପାଇଁ କାମ କରୁଥିଲେ। ଟେଣ୍ଡର ଫିକ୍ସିଂ, ଦାଦାବଟି ଆଦି ଘଟଣାକୁ ନେଇ ପୂର୍ବରୁ ଉଭୟଙ୍କ ମଧ୍ୟରେ ଶତ୍ରୁତା ରହିଥିଲା।

ରବିବାର ରାତି ୧୦ଟାରେ ତପନ ଏବଂ ତାଙ୍କର ସାଙ୍ଗ ସିଲୁ ବେହେରାଙ୍କ ସହିତ ଯୋବ୍ରା ମାଟିଆ ମଙ୍ଗଳାସାହି ଯାଇଥିଲେ। ସେଠାରେ ତାଙ୍କର ହାପିଙ୍କ ସହିତ ଯୁକ୍ତିତର୍କ ହୋଇଥିଲା। ପରେ ହାପି ଉତ୍ତ୍ୟକ୍ତ ହୋଇ ଉଭୟଙ୍କୁ ଛୁରିରେ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକେ ତପନ ଏବଂ ସିଲୁଙ୍କୁ ଉଦ୍ଧାର କରି ମେଡିକାଲ ପଠାଇଥିଲେ। ତେବେ ସୋମବାର ପୂର୍ବାହ୍ନ ୯ଟାରେ ଏସ୍‌ସିବିରେ ଚିକିତ୍ସାଧୀନ ଅବସ୍ଥାରେ ତପନଙ୍କ ମୃତ୍ୟୁ ହୋଇଥିଲା। ବେକ, ଛାତି ଏବଂ ପେଟରେ ଗଭୀର କ୍ଷତ ସୃଷ୍ଟି ହୋଇ ପ୍ରବଳ ରକ୍ତସ୍ରାବ ହେବା ଯୋଗୁ ତପନଙ୍କ ମୃତ୍ୟୁ ଘଟିଥିବା ତାଙ୍କୁ ଚିକିତ୍ସା କରୁଥିବା ଡାକ୍ତର କହିଛନ୍ତି। ଅନ୍ୟତମ ଆହତ ସିଲୁ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। ସୋମବାର ତପନଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ମାଲଗୋଦାମ ଥାନା ଅଧିକାରୀ ରବି ନାରାୟଣ ଭଞ୍ଜ କହିଛନ୍ତି। ତପନଙ୍କ ମୃତ୍ୟୁ ପରେ କଟକରେ ପୁଣି ଥରେ ଗ୍ୟାଙ୍ଗୱାର ଆଶଙ୍କା ଦେଖାଦେଇଛି। କାରଣ ହାପି ଏକ ଗ୍ୟାଙ୍ଗର ସଦସ୍ୟ ଥିବାବେଳେ ତପନ ମଧ୍ୟ ଅନ୍ୟ ଏକ ଗ୍ୟାଙ୍ଗର ସଦସ୍ୟ ଥିଲେ ବୋଲି ପୋଲିସ କହିଛି। ମୁଖ୍ୟତଃ ଉକ୍ତ ଘଟଣା ପରେ ପୁଣି ଥରେ ଟେଣ୍ଡର ଫିକ୍ସିଂ ଓ ଦାଦାବଟିକୁ ନେଇ କଟକରେ ଆତଙ୍କ ଖେଳିଛି। କାରଣ ଉଭୟ ଗୋଷ୍ଠୀ ଟେଣ୍ଡର ଫିକ୍ସିଂ ଓ ଦାଦାବଟି ଆଦାୟରେ ଲିପ୍ତ ଅଛନ୍ତି। ଧଳସାମନ୍ତ ଭ୍ରାତା ଗିରଫ ହେବା ପରେ କଟକରେ ଗ୍ୟାଙ୍ଗୱାର ଅନେକ ମାତ୍ରାରେ ହ୍ରାସ ପାଇଥିଲା। ଧଳସାମନ୍ତ ଭ୍ରାତାଙ୍କ ଅନୁପସ୍ଥିତିରେ ଅନ୍ୟ ଗ୍ୟାଙ୍ଗଗୁଡ଼ିକ ସକ୍ରିୟ ହୋଇ ଉଠିବା ସହିତ କଟକ ଅପରାଧ ଜଗତକୁ ହାତମୁଠାକୁ ନେବା ପାଇଁ ପ୍ରତିଯୋଗିତା ଚଳାଇଥିବା ଜଣେ ପୋଲିସ ଅଧିକାରୀ ନିଜ ପରିଚୟ ଗୋପନ ରଖି କହିଛନ୍ତି।

■ ବାୟା ଚଢ଼େଇ ସୁରକ୍ଷା ଚିନ୍ତା

# ଲଗାଯିବ ୨ ହଜାର ତାଳଗଛ

**ବାଙ୍କୀ,୧୦।୬(ସ୍ୱ.ପ୍ର.)**

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପ୍ରାଣୀବିଜ୍ଞାନ ବିଭାଗ, ଜାତୀୟ ସେବା ଯୋଜନା ଓ ବାଙ୍କୀ ପରିବେଶ ସୁରକ୍ଷା ସମିତିର ମିଳିତ ସହଯୋଗରେ ବାଙ୍କୀ ଉପଖଣ୍ଡରେ ବାୟା ଚଢ଼େଇ ସୁରକ୍ଷା ଅଭିଯାନ ସୋମବାରଠାରୁ ଆରମ୍ଭ ହୋଇଛି। ଏ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସୂଚନା ଦିଆଯାଇ କୁହାଯାଇଥିଲା, ପୂର୍ବରୁ ପ୍ରାଣୀବିଜ୍ଞାନ ବିଭାଗ ପକ୍ଷରୁ ଘରଚଟିଆ ସୁରକ୍ଷା ଓ ବଂଶବିସ୍ତାର ପାଇଁ କୃତ୍ରିମ ମାଟି ତିଆରି ବସା ବିଭିନ୍ନ ଗ୍ରାମରେ ସ୍ଥାପନ କରାଯାଇଥିଲା। ବାୟା ଚଢ଼େଇମାନେ ବିଶେଷ କରି ତାଳଗଛ ଓ ଖଜୁରୀ ଗଛରେ ବସାବାନ୍ଧି ରହିଥାନ୍ତି। ଏବେ ଖଜୁରୀ ଓ ତାଳଗଛର ସଂଖ୍ୟା କମି ଗଲାଣି। କାରଣ ଖଜୁରୀ ଗଛରୁ ରସ ବା ତାଡି ସଂଗ୍ରହ ଯୋଗୁ ବହୁ ଖଜୁରୀ ଗଛ ଲୋପ ପାଇଯାଉଛି। ବାଙ୍କୀଗଡ଼ସ୍ଥିତ ସୁନାଦେଈ ପାହାଡ଼ଠାରୁ ବାଙ୍କୀ ମହାବିଦ୍ୟାଳୟ ପର୍ଯ୍ୟନ୍ତ ମହାନଦୀ ବନ୍ଧ କଡ଼େକଡ଼େ ପୂର୍ବରୁ ବହୁ ଖଜୁରୀ ଗଛ ଥିଲା। ତାହା ଏବେ ଆଉ ଦେଖା ଯାଉନାହିଁ। ସେହିପରି ତାଳଗଛ ରୋପଣ କରିବା ପାଇଁ କେହି ଆଗ୍ରହ ଦେଖାଉନାହାନ୍ତି। ଫଳରେ ବାୟା ଚଢ଼େଇର ସୁରକ୍ଷା ଓ ବଂଶବିସ୍ତାର ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଭେଡ଼ା ରାମଚନ୍ଦ୍ରପୁର ଓ କୁରୁମଚଇନି ଗ୍ରାମର ମହାନଦୀ କୂଳରେ ଆଜକୁ ୮୦ବର୍ଷ ତଳେ ସ୍ୱର୍ଗତ ପଦ୍ମନାଭ ଛାଟୋଇ ୨୦୦ରୁ ଉର୍ଦ୍ଧ୍ୱ ତାଳଗଛ ଲଗାଇଥିଲେ। ସେଥିରୁ ବହୁଗଛ ନଷ୍ଟ ହୋଇଗଲାଣି। ସେହିପରି ବୈଦେଶ୍ୱର ରାମନାଥ ପାହାଡସ୍ଥ ମହାନଦୀ କୂଳେ ଓ ଡମପଡ଼ା ଅଞ୍ଚଳରେ କିଛି ତାଳ ଏବଂ ଖଜୁରୀ ଗଛ ରହିଛି। ଗତ ଫନୀ ବାତ୍ୟା ଦ୍ୱାରା ଡମପଡ଼ା ଅଞ୍ଚଳରେ କିଛି ଖଜୁରୀ ଗଛ ଭାଙ୍ଗି ପଡିଛି। ଏହି ପରିପ୍ରେକ୍ଷୀରେ ବାଙ୍କୀ ବୈଦ୍ୟେଶ୍ୱରଠାରୁ ସୁନାଦେଈ ପାହାଡ ପର୍ଯ୍ୟନ୍ତ ମହାନଦୀ କୂଳେକୂଳେ ୨ ହଜାର ତାଳଗଛ ଲଗାଯିବା ପାଇଁ ମଞ୍ଜି ସଂଗ୍ରହ କରାଯାଇଛି। ତାହା ଆଗାମୀ ବର୍ଷା ଋତୁରେ ରୋପଣ କରାଯିବା ପାଇଁ ସ୍ଥିର କରାଯାଇଛି ବୋଲି ବାୟାଚଢ଼େଇ ସୁରକ୍ଷା ଅଭିଯାନ ସଭାପତି ତଥା ପରିବେଶବିତ୍ ପ୍ରାଧ୍ୟାପକ ମନୋଜ ମହାପାତ୍ର ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ ଅଧ୍ୟାପକ ସତ୍ୟଜିତ୍ ଦାସ, ପ୍ରକୃତି ବନ୍ଧୁ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ, କୁମୁଦ ରଞ୍ଜନ ମହାରଣା, ପରିବେଶବିତ୍ ଦୀପକ୍ ସାମନ୍ତରା, ପ୍ରକୃତି ପ୍ରେମୀ ରବିନାରାୟଣ ମଙ୍ଗରାଜ, ସାମାଜିକ କର୍ମୀ ଗୌତମ ମିଶ୍ର, ଲଳୀତ ମୋହନ ପଣ୍ଡା, ସୁଦର୍ଶନ ସାହୁ ଓ ଦିଗ୍‌ବିଜୟ ସ୍ୱାଇଁ ପ୍ରମୁଖ ଯୋଗଦାନ କରିଥିଲେ।

# ଦୁଇ ସ୍ଥାନରେ କୃଷକ ତାଲିମ ଶିବିର



ତେନ୍ତୁଳପୁରଠାରେ ଅନୁଷ୍ଠିତ ଶିବିରରେ ଯୋଗଦେଇଥିବା ଚାଷୀମାନେ।

**ନିଶ୍ଚିନ୍ତକୋଇଲି,୧୦।୬ (ସ୍ୱ.ପ୍ର./ଡି.ଏନ.ଏ.)**

ଫନୀ ବାତ୍ୟା ପ୍ରଭାବରେ କୃଷକମାନେ ବହୁ ପ୍ରଭାବିତ ହୋଇଛନ୍ତି। ସେମାନଙ୍କ ଆର୍ଥିକ ମାନଦଣ୍ଡକୁ ସୁଦୃଢ଼ କରିବା ସହ ଉନ୍ନତ ଜ୍ଞାନକୌଶଳ ଦେଇ କିପରି ପୁନର୍ବାର ସେମାନଙ୍କୁ ଦୃଢ଼ିଭୂତ କରାଯିବ ସେନେଇ ନାବାର୍ଡ ସହାୟତାରେ ଏକ ତାଲିମ ପ୍ରଦାନ କରାଯାଇଛି। ନିଗମ ଅନୁଷ୍ଠାନ ପକ୍ଷରୁ ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ ତେନ୍ତୁଳପୁର ଓ କଟରପଡାକୁ କୃଷକ ସମୃଦ୍ଧି ପାଇଲଟ ଅଞ୍ଚଳଭାବେ ଘୋଷଣା କରାଯାଇ ସେଠାରେ ଚାଷୀଙ୍କୁ ତାଲିମ ଦିଆଯାଇଛି।

ଶନିବାର କଟରପଡ଼ାରେ ଆୟୋଜିତ ତାଲିମ ଶିବିରରେ ନାବାର୍ଡ କଟକ ଜିଲା ଏଜିଏମ ସିଦ୍ଧାର୍ଥ ଶଙ୍କର ପଣ୍ଡା ଯୋଗଦେଇ ପରିବର୍ତ୍ତନ ଚାଷ ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଜିଲା କୃଷି ପ୍ଲାଣ୍ଟ୍ ପ୍ରୋଟେକଶନ ଅଫିସର ଡ. ଆୟୁରଦେହୀ ମିଶ୍ର ଯୋଗଦେଇ ଚାଷୀଙ୍କୁ ନୂତନ ଜ୍ଞାନକୌଶଳ ପ୍ରଦାନ କରିଥିଲେ। ଆତ୍ମାର ସହାୟତା ସମ୍ପର୍କରେ ଅରବିନ୍ଦ ସାହୁ ଯୋଗଦେଇ ଆଖୁଚାଷୀମାନେ ଶକ୍ତିସୁଗାର ସହାୟତାରେ ଆଖୁଚାଷ କଲେ ଲାଭବାନ ହେବେ ବୋଲି ମତ ରଖିଥିଲେ। ଶକ୍ତିସୁଗାର ଅଧିକାରୀ ଯଦୁମଣୀ ଭୋଇ ଓ ଧରଣୀଧର ରାଉତ ଯୋଗଦେଇ ଆଖୁଚାଷ ଉପରେ ପରାମର୍ଶ ଦେଇଥିଲେ। ସେହିପରି ତେନ୍ତୁଳପୁରରେ ରବିବାର ଅନୁରୂପଭାବେ ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଶିକ୍ଷକଭାବେ ଫାର୍ମର ଟ୍ରେନିଂ ସ୍କୁଲର ସଂଯୋଜକ ନୀଳମାଧବ ନନ୍ଦ, କୃଷକ ସମୃଦ୍ଧି ପାଇଲଟ ପ୍ରକଳ୍ପର କୃଷି ପରାମର୍ଶ ଦାତା ସୁରେଶ କୁମାର ଜେନା, ନିଗମ ସଙ୍ଗଠନର ସମ୍ପାଦକ ସୁରେଶ କୁମାର ତ୍ରିପାଠୀ ପ୍ରମୁଖ ଯୋଗଦେଇ ପ୍ରଶିକ୍ଷଣ ଦେଇଥିଲେ। କାର୍ଯ୍ୟକ୍ରମକୁ ନିଗମ ଅନୁଷ୍ଠାନର ପ୍ରଭାକର ବେହେରା, ସୁଧାଂଶୁ ନାୟକ, ବିଚିତ୍ରାନନ୍ଦ ସ୍ୱାଇଁ, ଅନନ୍ତ ପ୍ରତିହାରୀ, ମମତା କର, ଅନୀଲ ଘଡ଼େଇ ପ୍ରମୁଖ ପରିଚାଳନା କରିଥିଲେ। ୮୦ରୁ ଉର୍ଦ୍ଧ୍ୱ ଚାଷୀ ପୃଥକ ସ୍ଥାନରେ ପ୍ରଶିକ୍ଷଣ ନେଇଥିଲେ।

### ଅବକାରୀ ଚଢ଼ାଉ, ୫ ଗିରଫ

**ବାଙ୍କୀ,୧୦।୬(ବି.ପ୍ର.)**

ବାଙ୍କୀ ଓ ଡମପଡ଼ା ବ୍ଲକ ଅଞ୍ଚଳରେ ସୋମବାର ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ୫ ଜଣଙ୍କୁ ଗିରଫ କରାଯାଇଛି। କଟକ ଜିଲା ଅବକାରୀ କମିଶନ ସରୋଜ ସେଠୀଙ୍କ ନିର୍ଦ୍ଦେଶକ୍ରମେ ଜିଲା ଫ୍ଲାଇଂ ସ୍କ୍ୱାଡ୍ ଡମପଡ଼ା ବ୍ଲକର କଇଁମୁଣ୍ଡି ଓ ହରିରାଜପୁର ଗ୍ରାମରେ ଚଢାଉ କରି କଇଁମୁଣ୍ଡି ଗ୍ରାମର ଗନ୍ଧର୍ବ ନାଏକ ଓ ହରିରାଜପୁର ଗ୍ରାମର ଜିତେନ ନାୟକଙ୍କଠାରୁ ଦେଶୀ ରନ୍ଧା ମଦ ଜବତ କରିବା ସହ ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଇନ୍ସପେକ୍ଟର ପ୍ରମୋଦ ପଣ୍ଡାଙ୍କ ତତ୍ତ୍ୱାବଧାନରେ ହୋଇଥିବା ଚଢ଼ାଉରେ ଫ୍ଲାଇଂ ସ୍କ୍ୱାଡ୍ ସବ୍‌ଇନ୍ସପେକ୍ଟର କାଳନ୍ଦୀ ଚରଣ ବେହେରା, ଏଏସ୍‌ଆଇ ସରୋଜ ବାଗ୍, ଭାସ୍କର ସ୍ୱାଇଁ, ସରତ ଦାସ, କନେଷ୍ଟବଳ ଗୋଖେନ୍ଦ୍ର ପରିଡ଼ା, ନଟବର ମଲ୍ଲିକ ଓ ସବିତା ମଲ୍ଲିକ ପ୍ରମୁଖ ସାମିଲ ହୋଇଥିଲେ।

ସେହିପରି ବାଙ୍କୀ ଅବକାରୀ ବିଭାଗ ପକ୍ଷରୁ ବାଙ୍କୀ ବ୍ଲକ ଅଧୀନ କୁମୁସର, ବରପୁଟ ଓ ଡମପଡ଼ା ବ୍ଲକର ହରିରାଜପୁର ଗ୍ରାମରେ ଚଢ଼ାଉ କରାଯାଇଥିଲା। ଏହି ସମୟରେ ବନ୍ଧି ପରିଡ଼ା, ପ୍ରମୋଦ ପ୍ରଧାନ ଓ ଦୁଃଖୀଶ୍ୟାମ ନାଏକଙ୍କଠାରୁ ଚୋରାମଦ ଜବତ କରାଯିବା ସହିତ ସେମାନଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିଲା। ଏହି ଚଢ଼ାଉରେ ସବ୍‌ଇନ୍ସପେକ୍ଟର ଥାପା ମାରାଣ୍ଡି, ଏ.ଏସ.ଆଇ ବନମାଳି ଖଟୁଆ, କନଷ୍ଟେବଳ ସନ୍ତୋଷ ମହାରଣା, ସଞ୍ଜୟ ରାଉତ ଓ ସୋନାଲୀ ନାଏକ ପ୍ରମୁଖ ସାମିଲ ହୋଇଥିଲେ।

ସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନରେ ବହୁ ପଦବୀ ଖାଲି

# ଉନ୍ନୟନ କାର୍ଯ୍ୟ, ଶିକ୍ଷାଦାନ ବାଧାପ୍ରାପ୍ତ

**ବାଙ୍କୀ,୧୦।୬(ସ୍ୱ.ପ୍ର.)**

ବାଙ୍କୀ ଉପଖଣ୍ଡର ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଓ ଶିକ୍ଷାନୁଷ୍ଠାନରେ ବିଭାଗୀୟ ଅଧିକାରୀଙ୍କଠାରୁ ଆରମ୍ଭ କରି ଅନ୍ୟାନ୍ୟ ପଦବୀ ଖାଲି ପଡ଼ିଛି। ଫଳରେ ସରକାରଙ୍କ ଉନ୍ନୟନ କାର୍ଯ୍ୟ ଓ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ଖାଲିଥିବା ପଦବୀଗୁଡ଼ିକ ପୂରଣ କରିବା ପାଇଁ ଅନେକ ଦିନ ହେବ ଦାବି ହୋଇ ଆସୁଥିଲେ ମଧ୍ୟ ଏଥିପତି କେହି ଦୃଷ୍ଟି ଦେଉନାହାନ୍ତି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ବିଶେଷ କରି ବାଙ୍କୀର ସର୍ବପୁରାତନ ହାଇସ୍କୁଲ୍ ବି.କେ.ବିଦ୍ୟାପୀଠରେ ପ୍ରଧାନଶିକ୍ଷକ, ସରକାରୀ ବାଳିକା ହାଇସ୍କୁଲରେ ପ୍ରଧାନଶିକ୍ଷୟିତ୍ରୀ, ରଗଡି ସି.ଟି ସ୍କୁଲରେ ପ୍ରଧାନଶିକ୍ଷକ, ଉପଖଣ୍ଡ ଚିକିତ୍ସାଳୟରେ ମୁଖ୍ୟ ଚିକିତ୍ସା ଅଧିକାରୀ, ଭେଷଜ ବିଶେଷଜ୍ଞ ଓ ନିଶ୍ଚେତକ ବିଶେଷଜ୍ଞ, ବାଙ୍କୀ ଉପଖଣ୍ଡ ସେସୁର ସହକାରୀ ଯନ୍ତ୍ରୀ, ବାଙ୍କୀ ଓ ଡମପଡ଼ା ବ୍ଲକର ସିଡିପିଓ, ବାଙ୍କୀ କଲେଜ ଓ ମହିଳା କଲେଜର ସ୍ଥାୟୀ ଅଧ୍ୟକ୍ଷ ପଦ ଦୀର୍ଘବର୍ଷ ଧରି ଖାଲି ପଡିଛି। ୨୦୧୧ମସିହାଠାରୁ ବାଙ୍କୀ କଲେଜରେ ସ୍ଥାୟୀ ଅଧ୍ୟକ୍ଷ ନ ଥିବାରୁ ଏ ପର୍ଯ୍ୟନ୍ତ ସେହି ପଦ ପୂରଣ କରା ନ ଯାଇ ବରିଷ୍ଠତା ଭିତ୍ତିରେ କଲେଜର ଅଧ୍ୟାପକଙ୍କ ମଧ୍ୟରୁ ଅଧ୍ୟକ୍ଷ ଚୟନ କରାଯାଉଛି। ସେହିପରି ରାଣୀ ଶୁକଦେଈ ମହିଳା କଲେଜରେ ବାଙ୍କୀ କଲେଜର ଜଣେ ଅଧ୍ୟାପକଙ୍କୁ ଅଧ୍ୟକ୍ଷ ଦାୟିତ୍ୱରେ ରଖାଯାଇଛି। ତେଣୁ ଏହି ସବୁ ପଦଗୁଡ଼ିକ ଶୀଘ୍ର ପୂରଣ କରିବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି। ଏ ସମ୍ପର୍କରେ ବାଙ୍କୀ ଉପଜିଲାପାଳ ଅରୁଣ କୁମାର ବଶ୍ୱାଳ କହିଛନ୍ତି, ଖାଲିଥିବା ପଦବୀ ପୂରଣ ପାଇଁ ଖୁବ୍‌ଶୀଘ୍ର ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରାଯାଇ ପଦକ୍ଷେପ ନିଆଯିବ। ଏବେ ଦେଖିବାକୁ ଅପେକ୍ଷା କେବେ ଏହି ପଦବୀ ପୂରଣ ହେଉଛି।

### ଆଜି କବି ବ୍ରଜନାଥ ରଥଙ୍କ ତୈଳଚିତ୍ର ଉନ୍ମୋଚନ

**କଟକ ଅଫିସ, ୧୦।୬**

ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ବିଶିଷ୍ଟ କବି ବ୍ରଜନାଥ ରଥଙ୍କ ତୈଳଚିତ୍ର ଉନ୍ମୋଚନ ଉତ୍ସବ ମଙ୍ଗଳବାର ଶ୍ରୀରାମଚନ୍ଦ୍ର ଭବନଠାରେ ଅନୁଷ୍ଠିତ ହେବ। ଉତ୍କଳ ସାହିତ୍ୟ ସମାଜର ସଭାପତି ଡ. ବିଜୟାନନ୍ଦ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ କବି ଉତ୍କଳରତ୍ନ ରମାକାନ୍ତ ରଥ ଯୋଗଦେଇ ଏହି ତୈଳଚିତ୍ର ଉନ୍ମୋଚନ କରିବେ। ଅନୁଷ୍ଠାନର ସଭ୍ୟସଭ୍ୟା, ସାରସ୍ୱତ ସାଧକ ଓ ସାହିତ୍ୟପ୍ରେମୀ ଏଥିରେ ଯୋଗଦେବାକୁ ଅନୁଷ୍ଠାନ ପକ୍ଷରୁ କୁହାଯାଇଛି।

■ ଗ୍ରୀଲ ତାଲା କାଟି କବାଟ ଭାଙ୍ଗିଲେ ଦୁର୍ବୃତ୍ତ

# ଲକ୍ଷାଧିକ ଟଙ୍କା, ଅଳଙ୍କାର ଚୋରି

**ଭୁବନେଶ୍ୱର,୧୦।୬(ବ୍ୟୁରୋ)**

■ସିସିଟିଭି ଫୁଟେଜରେ ଚୋରିବେଳର ଦୃଶ୍ୟ
■ଏକାଧିକ ବ୍ୟକ୍ତିଙ୍କ ସମ୍ପୃକ୍ତି ସନ୍ଦେହ

ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ପ୍ରାଚୀବିହାର ଅଞ୍ଚଳରେ ରହୁଥିବା ସରୋଜ କୁମାର ପଣ୍ଡାଙ୍କ ଘରୁ ରବିବାର ରାତିରେ ଚୋରି ହୋଇଛି। ଦୁର୍ବୃତ୍ତମାନେ ଘର ତାଲା କାଟି କବାଟ ଭାଙ୍ଗି ଘରୁ ଲକ୍ଷାଧିକ ଟଙ୍କା ଓ ସୁନା ଅଳଙ୍କାର ନେଇଯାଇଛନ୍ତି। ସୋମବାର ସକାଳେ ଏ ସଂକ୍ରାନ୍ତରେ ସରୋଜ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ଦୁର୍ବୃତ୍ତମାନେ ଛାଡ଼ି ଯାଇଥିବା ଲୁହା ରଡ୍ ଓ ଶେଣିକୁ ଜବତ କରିଛି। ଏଥିସହ ସିସିଟିଭି ଫୁଟେଜକୁ ଆଧାର କରି ଅଭିଯୁକ୍ତଙ୍କୁ ଧରିବାକୁ ଉଦ୍ୟମ ଚଳାଇଛି।

ପୋଲିସ ସୂଚନାନୁସାରେ, ସରୋଜ ମେଡିକାଲ ମେଶିନାରୀ ସାମଗ୍ରୀ ହୋଲ୍‌ସେଲିଂ ସଂସ୍ଥାରେ କାର୍ଯ୍ୟ କରନ୍ତି। ପ୍ରାଚୀବିହାରରେ ଥିବା ତାଙ୍କ ସମ୍ପର୍କୀୟଙ୍କ ଘରେ ସେ ପରିବାର ସହ ରୁହନ୍ତି। ରବିବାର ସକାଳେ ସେ ତାଙ୍କ ସ୍ତ୍ରୀ ଓ କୁନି ଝିଅଙ୍କୁ ସାଙ୍ଗରେ ନେଇ ନିଜ ଗାଁ ବାଙ୍କୀ ବୁଲିବାକୁ ଚାଲିଯାଇଥିଲେ। ସୋମବାର ସକାଳେ ଫେରିବା ପରେ ଘରୁ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଗ୍ରୀଲ୍ କଟାଯାଇଥିବା ବେଳେ କବାଟ ତଡ଼ା ଯାଇଥିଲା। ଘର ଭିତରେ ଆଟାଚି ଓ ଆଲମିରା ଖୋଲା ପଡିଥିଲାବେଳେ ଜିନିଷପତ୍ର ଏଣେତେଣେ ପଡିଥିଲା। ଆଲମିରା ଭିତରେ ଥିବା ବ୍ୟାଗରୁ ୧ଲକ୍ଷ ୫୭ ହଜାର ଟଙ୍କା ସହ ସୁନା କାନଫୁଲ ଏବଂ ମୁଦି ଚୋରି ହୋଇଥିବା ଜଣାପଡିଥିଲା। ମିଳିଥିବା ସିସିଟିଭି ଫୁଟେଜରୁ ଜଣାପଡିଛି ଯେ, ଜଣେ ଯୁବକ ବିଳମ୍ବିତ ରାତିରେ ମୋବାଇଲ ଟର୍ଚ୍ଚ ଲାଇଟରେ ଲୁଚି ଲୁଚି ପାଚେରି କଡ଼ରେ ଯାଉଛନ୍ତି। ଯିବାବେଳେ ଆଖପାଖ ଘର ଉପରେ ନଜର ରଖି କାହାକୁ ଇସାରା ଦେଉଛନ୍ତି। ତେଣୁ ଏହି ଘଟଣାରେ ଏକାଧିକ ବ୍ୟକ୍ତିଙ୍କ ସମ୍ପୃକ୍ତି ଥିବା ପୋଲିସ ଅନୁମାନ କରୁଛି। ଉକ୍ତ ପରିବାରକୁ ଜାଣିଥିବା ସ୍ଥାନୀୟ ଅଞ୍ଚଳର ବ୍ୟକ୍ତି ଚୋରିରେ ସାମିଲ ଥିବା ସନ୍ଦେହ କରାଯାଉଛି।





ଦୁର୍ବୃତ୍ତ କବାଟ ଓ ଆଲମାରି ଭାଙ୍ଗି ଲୁଟ୍ କରିଛନ୍ତି।

# ଭାଙ୍ଗିଥିବା ଘର ତାଲିକାରେ ନାହିଁ

**ରଘୁନାଥପୁର,୧୦।୬(ଡି.ଏନ୍.ଏ.)**



■ଫନୀ ଘରଭଙ୍ଗା ତାଲିକା ପ୍ରସ୍ତୁତିରେ ଅନିୟମିତତା
■ଆର୍‌ଆଇ, ସୁପରଭାଇଜରଙ୍କ କଥାରେ ରହୁନି ତାଳମେଳ

ବାତ୍ୟା ଫନୀ ଆସି ବହୁ ଲୋକଙ୍କ ଧନଜୀବନ ନଷ୍ଟ କରିଦେଇଛି। ପରେ ସରକାର ପକ୍ଷରୁ ବିପନ୍ନଙ୍କୁ ଚିହ୍ନଟ କରି ଆବଶ୍ୟକ ସେବା ଯୋଗାଇଦେବା ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ହୋଇଥିଲା। ନିର୍ଦ୍ଦେଶ ପାଇ ଆରଆଇଙ୍କ ଠାରୁ ଆରମ୍ଭ କରି ତହସିଲ ସୁପରଭାଇଜରଙ୍କ ପକ୍ଷରୁ ତଦନ୍ତ କରାଯାଇଥିଲେ ସୁଦ୍ଧା ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ତାଲିକାରେ ନାମ ନ ଥିବା ଅଭିଯୋଗ ହୋଇଛି। ଏଭଳି ବ୍ୟତିକ୍ରମ କଟକ ଜିଲାର କିଶନନଗର ତହସିଲ ଅଧୀନ ତଇଲ(ବିରିବନ୍ଧ) ଗ୍ରାମର ଝରି ବାରିକଙ୍କ କ୍ଷେତ୍ରରେ ଦେଖାଯାଇଛି। ଅନ୍ୟପକ୍ଷରେ ଆରଆଇ ଓ ତହସିଲ ସୁପରଭାଇଜରଙ୍କ କଥାରେ ତାଳମେଳ ନ ଥିବାରୁ ଯୋଗ୍ୟ ହିତାଧିକାରୀ ସରକାରୀ ସହାୟତାରୁ ବଞ୍ଚିତ ରହିବା ଭଳି ଆଶଙ୍କା ସୃଷ୍ଟି ହେଉଛି।

ପ୍ରକାଶ ଯେ, ଝରିଙ୍କ ଦୁଇପୁଅ ଥିବାବେଳେ ବଡପୁଅ ଘରଠାରୁ ସମ୍ପୂର୍ଣ୍ଣ ଅଲଗା ହୋଇ ନିଜ ପରିବାର ସହ ରୁହନ୍ତି। କିନ୍ତୁ ସାନପୁଅ ପ୍ରଶାନ୍ତ ୬ସଦସ୍ୟ ସହ ତାଙ୍କ ମାଆଙ୍କୁ ନେଇ ଦୁଇ ବଖରା ଚାଳଘରେ ରୁହନ୍ତି। ବାତ୍ୟାରେ ପ୍ରଶାନ୍ତଙ୍କ ଦୁଇ ବଖରା ଚାଳଘର ଉଡିଯିବା ସହ ଘରର କାନ୍ଥ ଧରାଶାୟୀ ହୋଇଥିଲା। ପରେ ଉତ୍ତରକୂଳ ଆରଆଇ ସତ୍ୟବ୍ରତ ସାହୁ ଓ ତହସିଲ ସୁପରଭାଇଜର ଯୋଗୀନାଥ ମହାନ୍ତି ଦୁଇଥର ଆସି ଭଙ୍ଗା ଘରଗୁଡ଼ିକୁ ତଦନ୍ତ କରିଥିଲେ। ତେବେ ଗାଁରେ କେତେ ବିପନ୍ନଙ୍କୁ ପଲିଥିନ ଦିଆଯାଇଥିବାବେଳେ ଅଦ୍ୟାବଧି ଝରି ପରିବାରଙ୍କୁ ସରକାର ପକ୍ଷରୁ ଗୋଟିଏ ମଧ୍ୟ ପଲିଥିନ ମିଳିନି। ଏପରିକି ତାଙ୍କର ନାମ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ତାଲିକାରେ ନାଁ ନଥିବା ଝରି କହିଛନ୍ତି। ଫଳରେ ହୋଇଥିବା ତଦନ୍ତ ପ୍ରକ୍ରିୟାକୁ ଦାୟୀ କରିଛନ୍ତି ପରିବାର ଲୋକେ। ଏ ସମ୍ପର୍କରେ ପ୍ରଶାନ୍ତ, ସ୍ଥାନୀୟ ନେତାଙ୍କ ପ୍ରରୋଚନାରେ ତଦନ୍ତ ଅଧିକାରୀମାନେ ଜାଣିଶୁଣି ତାଙ୍କ ପରିବାରକୁ ଉପେକ୍ଷିତ କରିଥିବା ଅଭିଯୋଗ କରିଛନ୍ତି।

ଏ ନେଇ ଆରଆଇ ସାହୁ କୁହନ୍ତି, ମୁଁ ଏ ବିଷୟରେ କୌଣସି ତଦନ୍ତ କରିନାହିଁ, ଯାହା ସୁପରଭାଇଜର ତଦନ୍ତ କରିଥିବେ ବୋଲି କହିଛନ୍ତି। କିନ୍ତୁ ସୁପରଭାଇଜର ମହାନ୍ତିଙ୍କୁ ପଚାରିବାରୁ, ଯେଉଁ ତାଲିକା ମୋତେ ଆରଆଇ ଦେଇଥିଲେ କେବଳ ସେହି ଘରଗୁଡିକ ତଦନ୍ତ କରିଥିବା ପ୍ରକାଶ କରିଛନ୍ତି। ତେବେ ଉଭୟ ଅଧିକାରୀଙ୍କ କଥାରେ ତାଳମେଳ ରହୁ ନଥିବାରୁ ତଦନ୍ତ ପ୍ରକ୍ରିୟାକୁ ନେଇ ପ୍ରଶ୍ନ ଉଠୁଛି। ଅନ୍ୟପକ୍ଷେ ସୋମବାର ପ୍ରଶାନ୍ତ କିଶନନଗର ତହସିଲଦାରଙ୍କୁ ଦେଖାକରି ଅଭିଯୋଗପତ୍ର ଦେବାରୁ ସେ ରଖି ନଥିଲେ। ପରୋକ୍ଷରେ ଉକ୍ତ ତାଲିକା ସରକାରଙ୍କୁ ପଠାଇ ଦିଆଯାଇଥିବାବେଳେ ଯଦି ପୁନଃ ତଦନ୍ତ ପାଇଁ ନିର୍ଦ୍ଦେଶ ଆସେ, ତେବେ ନିଶ୍ଚୟ ଦେଖିବା ବୋଲି ତହସିଲଦାର ଆଶ୍ୱସନା ଦେଇଥିବା ପ୍ରଶାନ୍ତ କହିଛନ୍ତି। ଏଭଳି ଆହୁରି କେତେକ ଯୋଗ୍ୟ ହିତାଧିକାରୀ ସହାୟତାରୁ ବଞ୍ଚିତ ଥିବାବେଳେ ତଦନ୍ତର ପକ୍ଷପାତିତା କରାଯାଇଥିବା ନେଇ କରାଯାଇଥିବା ଅଭିଯୋଗ ପ୍ରତି କଟକ ଜିଲାପାଳ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସ୍ଥାନୀୟ ବୁଦ୍ଧିଜୀବୀମାନେ ମତପ୍ରକାଶ କରିଛନ୍ତି।



ସବୁଠାରୁ ଅଳ୍ପରେ ସିଏ ସନ୍ତୁଷ୍ଟ ହୋଇପାରିଲା, ସେ ହିଁ ସଂସାରରେ ଶ୍ରେଷ୍ଠ ଧନୀ। କାରଣ ସନ୍ତୋଷ ହିଁ ପ୍ରକୃତ ସମ୍ପଦ।

- ସକ୍ରେଟିସ୍

## ସଂକ୍ଷେପରେ

### ପ୍ରଫେସର ସୁଦର୍ଶନ ଆଚାର୍ଯ୍ୟ ପାଇବେ ସାହିତ୍ୟଭୂଷଣ ସମ୍ମାନ

**କଟକ ଅଫିସ, ୧୦।୬:** ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ବିଶିଷ୍ଟ ଗବେଷକ, ପ୍ରାବନ୍ଧିକ ଓ ଗ୍ରନ୍ଥ ସମ୍ପାଦକ ପ୍ରଫେସର ଡକ୍ଟର ସୁଦର୍ଶନ ଆଚାର୍ଯ୍ୟଙ୍କୁ ସାହିତ୍ୟଭୂଷଣ ସମ୍ମାନ ପ୍ରଦାନ କରାଯିବ। ଉତ୍କଳ ସାହିତ୍ୟ ସମାଜର ସଭାପତି ଡ. ବିଜୟାନନ୍ଦ ସିଂହଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟନିର୍ବାହିକା ସମିତି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ମଧ୍ୟଯୁଗୀୟ ସାହିତ୍ୟ ସମେତ ବିଭିନ୍ନ ପତ୍ରପତ୍ରିକାର ବିଶିଷ୍ଟ ଗବେଷକ ଆଚାର୍ଯ୍ୟ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରଫେସର ଭାବେ କାର୍ଯ୍ୟ କରି ଅବସର ଗ୍ରହଣ କରିଛନ୍ତି। ୧୯୩୯ ଜାନୁୟାରୀ ୨୮ରେ ମଞ୍ଜୁଷା (ଆନ୍ଧ୍ର ପ୍ରଦେଶ)ରେ ଜନ୍ମଗ୍ରହଣ କରିଥିବା ପ୍ରଫେସର ଆଚାର୍ଯ୍ୟ ପ୍ରବନ୍ଧ ଓ ସମାଲୋଚନା ସାହିତ୍ୟରେ ସ୍ୱତନ୍ତ୍ର ଆସନର ଅଧିକାରୀ। ପୋଥି ଅଧ୍ୟୟନ ଓ ସମ୍ପାଦନା କ୍ଷେତ୍ରରେ ମଧ ସେ କାର୍ଯ୍ୟ କରିଆସିଛନ୍ତି। ତାଙ୍କର କୃତି ମଧରେ ରହିଛି, 'ସାହିତ୍ୟ ଓ ସାହିତ୍ୟିକ', 'ସ୍ରଷ୍ଟା ଓ ସୃଷ୍ଟି', 'ଓଡ଼ିଆ କାବ୍ୟ କୌଶଳ' 'ଓଡ଼ିଆ ଅସ୍ମିତା ସନ୍ଧାନ ଓ ଉପେନ୍ଦ୍ର ଭଞ୍ଜ କାବ୍ୟାଲୋଚନା' ଇତ୍ୟାଦି। କଥାସରିତ ସାଗର(୫ଟି ଖଣ୍ଡ), 'ଜୟଦେବ', 'ତେଲୁଗୁ ସାହିତ୍ୟର ଇତିହାସ' ଆଦି ପୁସ୍ତକ ସେ ଅନୁବାଦ କରିଛନ୍ତି। କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର, ଅତିବଡ଼ୀ ଜଗନ୍ନାଥ ଦାସ ପୁରସ୍କାର, ଭାଷା ଭାରତୀ ସମ୍ମାନ ଆଦି ସେ ଲାଭ କରିଛନ୍ତି। ପ୍ରତିବର୍ଷ ଓଡ଼ିଆ ଭାଷା-ସାହିତ୍ୟର ଆଜୀବନ ସାଧକଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ ବୋଲି ସାଧାରଣ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ଚାନ୍ଦ ଓ ସଙ୍ଗଠନ ସମ୍ପାଦକ ଜୀବନାନନ୍ଦ ଅଧିକାରୀ ଜଣାଇଛନ୍ତି।

### ଆଜି କବି ବ୍ରଜନାଥ ରଥଙ୍କ ତୈଳଚିତ୍ର ଉନ୍ମୋଚନ

**କଟକ ଅଫିସ, ୧୦।୬:** ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ବିଶିଷ୍ଟ କବି ବ୍ରଜନାଥ ରଥଙ୍କ ତୈଳଚିତ୍ର ଉନ୍ମୋଚନ ଉତ୍ସବ ମଙ୍ଗଳବାର ଶ୍ରୀରାମଚନ୍ଦ୍ର ଭବନଠାରେ ଅନୁଷ୍ଠିତ ହେବ। ଉତ୍କଳ ସାହିତ୍ୟ ସମାଜର ସଭାପତି ଡ. ବିଜୟାନନ୍ଦ ସିଂହଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ କବି ଉତ୍କଳରତ୍ନ ରମାକାନ୍ତ ରଥ ଯୋଗଦେଇ ଏହି ତୈଳଚିତ୍ର ଉନ୍ମୋଚନ କରିବେ। ଅନୁଷ୍ଠାନର ସଭ୍ୟସଭ୍ୟା, ସାରସ୍ୱତ ସାଧକ ଓ ସାହିତ୍ୟପ୍ରେମୀ ଏଥିରେ ଯୋଗଦେବାକୁ ଅନୁଷ୍ଠାନ ପକ୍ଷରୁ କୁହାଯାଇଛି।

■ ଛୁରାମାଡ଼ରେ ଯୁବକଙ୍କ ମୃତ୍ୟୁ

# କଟକରେ ଗ୍ୟାଙ୍ଗୱାର ଆଶଙ୍କା

**କଟକ ଅଫିସ, ୧୦।୬**

ମାଲଗୋଦାମ ଥାନା ଅନ୍ତର୍ଗତ ଯୋବ୍ରା ମାଟିଆ ମଙ୍ଗଳା ସାହିରେ ରବିବାର ରାତିରେ ଦୁଇଜଣ ଯୁବକଙ୍କୁ ଛୁରାମାଡ଼ ହୋଇଥିଲା। ଏଥିରେ ଗୁରୁତର ହୋଇ ଏସ୍‌ସିବିରେ ଚିକିତ୍ସିତ ହେଉଥିବା ତପନ ନାୟକଙ୍କର ସୋମବାର ମୃତ୍ୟୁ ଘଟିଛି। ତାଙ୍କ ଘର ମାଲଗୋଦାମ ଥାନା ଅଞ୍ଚଳରେ। ତେବେ ଉକ୍ତ ଘଟଣାକୁ ୨୪ ଘଣ୍ଟା ବିତିଯାଇଥିଲେ ମଧ ଛୁରାମାଡ଼ କରିଥିବା ବିଶ୍ୱଜିତ ମହାନ୍ତି ଓରଫ ହାପିଙ୍କୁ ଅଦ୍ୟାବଧି ପୋଲିସ ଗିରଫ କରିପାରିନାହିଁ। ହାପିଙ୍କୁ ୧୦ ଘଣ୍ଟା ମଧରେ ଗିରଫ କରାଯିବ ବୋଲି ଭାରପ୍ରାପ୍ତ ଡିସିପି ତ୍ରିନାଥ ପଟେଲ କହିଛନ୍ତି। ହାପିଙ୍କ ବିରୋଧରେ ପୂର୍ବରୁ ମାଲଗୋଦାମ ଥାନାରେ ବେଆଇନ ବନ୍ଧୁକ କାରବାର ଓ ଆକ୍ରମଣ ଭଳି ୩ଟି ମାମଲା ରହିଛି। ପୂର୍ବରୁ ମଧ ତାଙ୍କୁ ଆଇପିସି ଦଫା ୧୧୦ରେ ଗିରଫ କରାଯାଇଥିବା ପୋଲିସ ସୂଚନା ଦେଇଛି। ଅନ୍ୟପକ୍ଷରେ ତପନଙ୍କ ବିରୋଧରେ ମଧ ମାଲଗୋଦାମ ଥାନାରେ ମରଣାନ୍ତକ ଆକ୍ରମଣ, ବୋମାମାଡ, ଟେଣ୍ଡର ଫିକ୍ସିଂ, ଡକାୟତି, ବେଆଇନ ବନ୍ଧୁକ କାରବାର ଭଳି ୧୪ଟି ଆପରାଧିକ ମାମଲା ରହିଛି। ୨୦୧୭ ଡିସେମ୍ବରରେ ତପନଙ୍କୁ ମାଲଗୋଦାମ ପୋଲିସ ଏନ୍‌କାଉଣ୍ଟର କରିଥିଲା। ଏଥିରେ ତପନ ଗୁରୁତର ହୋଇଥିଲେ। ତେବେ ତପନ ଜଣେ ଗ୍ୟାଙ୍ଗଷ୍ଟରଙ୍କ ସହଯୋଗୀ ଭାବେ କାର୍ଯ୍ୟ କରୁଥିବାବେଳେ ହାପି ଅନ୍ୟଏକ ଗ୍ୟାଙ୍ଗଷ୍ଟରଙ୍କ ପାଇଁ କାମ କରୁଥିଲେ। ଟେଣ୍ଡର ଫିକ୍ସିଂ, ଦାଦାବଟି ଆଦି ଘଟଣାକୁ ନେଇ ପୂର୍ବରୁ ଉଭୟଙ୍କ ମଧରେ ଶତ୍ରୁତା ରହିଥିଲା। ରବିବାର ରାତି ୧୦ଟାରେ ତପନ ଏବଂ ତାଙ୍କର ସାଙ୍ଗ ସିଲୁ ବେହେରାଙ୍କ ସହିତ ଯୋବ୍ରା ମାଟିଆ ମଙ୍ଗଳାସାହି ଯାଇଥିଲେ।

**ଅଭିଯୁକ୍ତଙ୍କୁ ଧରିବାରେ ପୋଲିସ ବିଫଳ**

ସେଠାରେ ତାଙ୍କର ହାପିଙ୍କ ସହିତ ଯୁକ୍ତିତର୍କ ହୋଇଥିଲା। ପରେ ହାପି ଉତ୍ତ୍ୟକ୍ତ ହୋଇ ଉଭୟଙ୍କୁ ଛୁରିରେ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକେ ତପନ ଏବଂ ସିଲୁଙ୍କୁ ଉଦ୍ଧାର କରି ମେଡିକାଲ ପଠାଇଥିଲେ। ତେବେ ସୋମବାର ପୂର୍ବାହ୍ନ ୯ଟାରେ ଏସ୍‌ସିବିରେ ଚିକିତ୍ସାଧୀନ ଅବସ୍ଥାରେ ତପନଙ୍କ ମୃତ୍ୟୁ ହୋଇଥିଲା। ବେକ, ଛାତି ଏବଂ ପେଟରେ ଗଭୀର କ୍ଷତ ସୃଷ୍ଟି ହୋଇ ପ୍ରବଳ ରକ୍ତସ୍ରାବ ହେବା ଯୋଗୁ ତପନଙ୍କ ମୃତ୍ୟୁ ଘଟିଥିବା ତାଙ୍କୁ ଚିକିତ୍ସା କରୁଥିବା ଡାକ୍ତର କହିଛନ୍ତି। ଅନ୍ୟତମ ଆହତ ସିଲୁ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। ସୋମବାର ତପନଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ମାଲଗୋଦାମ ଥାନା ଅଧିକାରୀ ରବି ନାରାୟଣ ଭଞ୍ଜ କହିଛନ୍ତି। ତପନଙ୍କ ମୃତ୍ୟୁ ପରେ କଟକରେ ପୁଣି ଥରେ ଗ୍ୟାଙ୍ଗୱାର ଆଶଙ୍କା ଦେଖାଦେଇଛି। କାରଣ ହାପି ଏକ ଗ୍ୟାଙ୍ଗର ସଦସ୍ୟ ଥିବାବେଳେ ତପନ ମଧ ଅନ୍ୟ ଏକ ଗ୍ୟାଙ୍ଗର ସଦସ୍ୟ ଥିଲେ ବୋଲି ପୋଲିସ କହିଛି। ମୁଖ୍ୟତଃ ଉକ୍ତ ଘଟଣା ପରେ ପୁଣି ଥରେ ଟେଣ୍ଡର ଫିକ୍ସିଂ ଓ ଦାଦାବଟିକୁ ନେଇ କଟକରେ ଆତଙ୍କ ଖେଳିଛି। କାରଣ ଉଭୟ ଗୋଷ୍ଠୀ ଟେଣ୍ଡର ଫିକ୍ସିଂ ଓ ଦାଦାବଟି ଆଦାୟରେ ଲିପ୍ତ ଅଛନ୍ତି। ଧଳସାମନ୍ତ ଭ୍ରାତା ଗିରଫ ହେବା ପରେ କଟକରେ ଗ୍ୟାଙ୍ଗୱାର ଅନେକ ମାତ୍ରାରେ ହ୍ରାସ ପାଇଥିଲା। ଧଳସାମନ୍ତ ଭ୍ରାତାଙ୍କ ଅନୁପସ୍ଥିତିରେ ଅନ୍ୟ ଗ୍ୟାଙ୍ଗଗୁଡ଼ିକ ସକ୍ରିୟ ହୋଇ ଉଠିବା ସହିତ କଟକ ଅପରାଧ ଜଗତକୁ ହାତମୁଠାକୁ ନେବା ପାଇଁ ପ୍ରତିଯୋଗିତା ଚଳାଇଥିବା ଜଣେ ପୋଲିସ ଅଧିକାରୀ ନିଜ ପରିଚୟ ଗୋପନ ରଖି କହିଛନ୍ତି।

## ପୁସ୍ତକ ଲୋକାର୍ପଣ ଉତ୍ସବ




ଅତିଥିମାନେ ପୁସ୍ତକ ଲୋକାର୍ପଣ କରୁଛନ୍ତି।

**ଚୌଦ୍ୱାର, ୧୦।୬ (ଡି.ଏନ୍.ଏ.)**

ଚୌଦ୍ୱାର ଗାନ୍ଧୀଛକ ସ୍ଥିତ ଟାଉନ୍‌ହଲରେ ପୁସ୍ତକ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କବୟିତ୍ରୀ ସ୍ୱର୍ଣ୍ଣଲତା ଷଡଙ୍ଗୀଙ୍କ ରଚିତ ଦୁଇଟି କବିତା ସଙ୍କଳନ 'ଅଳସ ଅପରାହ୍ନ' ଏବଂ 'ଯୁଗ ଯନ୍ତ୍ରଣାର' ଲୋକାର୍ପିତ ହୋଇଥିଲା। ଚୌଦ୍ୱାର ସାହିତ୍ୟ ସଂସଦ ସଭାପତି ବିଶ୍ୱକଲ୍ୟାଣ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଔପନ୍ୟାସିକ ଡ. ପଦ୍ମଜା ପାଳ, ବିଜେବି କଲେଜ ଓଡ଼ିଆ ବିଭାଗ ମୁଖ୍ୟ ଡ. ପ୍ରେମାନନ୍ଦ ମହାପାତ୍ର, କବି ନାରାୟଣ ମୁଦୁଲି ଓ ଅଧ୍ୟାପକ ଗୋବିନ୍ଦ ଲେଙ୍କା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ସଂସଦର ସମ୍ପାଦକ ଦିବ୍ୟଜ୍ୟୋତି ପାଣି ଅତିଥି ପରିଚୟ ପ୍ରଦାନ, ଆବାହକ ଜନାର୍ଦ୍ଦନ ତ୍ରିପାଠୀ ସ୍ୱାଗତ ଭାଷଣ ଓ ଉପସଭାପତି ପଞ୍ଚାନନ ବେହେରା ଧନ୍ୟବାଦ ଦେଇଥିଲେ।

## ଗଳ୍ପପୁସ୍ତକ 'ସୁଲେରିର ସ୍ୱପ୍ନ ଓ ଅନ୍ୟାନ୍ୟ ଗଳ୍ପ' ଉନ୍ମୋଚିତ



କଟକ ସାରଳା ଭବନରେ ପ୍ରତାପ କିଶୋର ମହାନ୍ତିଙ୍କ ରଚିତ ପୁସ୍ତକ 'ସୁଲେରୀର ସ୍ୱପ୍ନ ଓ ଅନ୍ୟାନ୍ୟ ଗଳ୍ପ'ଙ୍କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

**କଟକ ଅଫିସ, ୧୦।୬**

କଟକ ସାରଳା ଭବନରେ ସୋମବାର କଥାକାର ପ୍ରତାପ କିଶୋର ମହାନ୍ତିଙ୍କ ରଚିତ ଗଳ୍ପ ପୁସ୍ତକ 'ସୁଲେରିର ସ୍ୱପ୍ନ ଓ ଅନ୍ୟାନ୍ୟ ଗଳ୍ପ'ର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସୁପ୍ରିମକୋର୍ଟର ପ୍ରାକ୍ତନ ପ୍ରଧାନ ବିଚାରପତି ଗୋପାଳ ବଲ୍ଲଭ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ପୁସ୍ତକକୁ ଉନ୍ମୋଚନ କରିଥିଲେ। ପ୍ରଫେସର ଇଂ. ପ୍ରଭାକର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସାହିତ୍ୟିକ ଦେବେନ୍ଦ୍ର ରାଉତ ବରେଣ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ମୁଖ୍ୟଅତିଥି ପଟ୍ଟନାୟକ ଉକ୍ତ ପୁସ୍ତକରେ ସ୍ଥାନିତ ସୁଲେରୀର ଚରିତ୍ର ଓ ବୈଶିଷ୍ଟ୍ୟ ଉପରେ ଆଲୋକପାତ କରିଥିଲେ। ସୁଲେରୀ କିପରି ଜୀବନ ସଂଘର୍ଷରେ ଗତିକରି ପରବର୍ତ୍ତୀ ସମୟରେ ବିଶ୍ୱର ଜଣେ ହକି ଖେଳାଳି ଭାବେ ପ୍ରତିଷ୍ଠା ଅର୍ଜନ କରିଛି ସେ ସମ୍ପର୍କରେ ମୁଖ୍ୟଅତିଥି ଆଲୋଚନା କରିଥିଲେ। ପ୍ରତାପ କିଶୋରଙ୍କ ରଚିତ ଗଳ୍ପ ସଂକଳନ ଓଡ଼ିଆ କଥା ସାହିତ୍ୟରେ ଏକ ମାଇଲସ୍ତମ୍ଭ ହେବ ବୋଲି ସେ ଆଶା ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଡ. ଅର୍ଚ୍ଚନା ନାୟକ କହିଲେ, କଥାକାର ପ୍ରତାପ କିଶୋର ତାଙ୍କ ଗଳ୍ପରେ ଚରିତ୍ରର ଉଚ୍ଚତା ଓ ଗଭୀରତାକୁ ସଫଳ ଭାବେ ଚିତ୍ରଣ କରିଛନ୍ତି। ନାଟ୍ୟକାର ସଞ୍ଜିତ କୁମାର ପଟ୍ଟନାୟକ ସ୍ୱାଗତ ଭାଷଣ ଓ ଶିକ୍ଷାବିତ୍ କୈଳାସ ଚନ୍ଦ୍ର ବରାଳ ଧନ୍ୟବାଦ ଦେଇଥିଲେ।

### ରାଜନୀତିଜ୍ଞ କାହ୍ନୁଚରଣ ଲେଙ୍କା ପାଇବେ ଅନ୍ନଦା ପ୍ରସାଦ ରାୟ ସେବା ସମ୍ମାନ

**କଟକ ଅଫିସ, ୧୦।୬**

ଓଡ଼ିଶା ପ୍ରତିଭା ପୂଜା ସଂସଦ ପକ୍ଷରୁ ୩ ଜଣ ଯଶସ୍ୱୀ ବ୍ୟକ୍ତିଙ୍କୁ ଅନ୍ନଦା ପ୍ରସାଦ ରାୟ ସ୍ମାରକୀ ସମ୍ମାନ ପ୍ରଦାନ କରାଯିବାକୁ ସ୍ଥିର ହୋଇଛି। ପ୍ରବୀଣ ରାଜନୀତିଜ୍ଞ କାହ୍ନୁଚରଣ ଲେଙ୍କାଙ୍କୁ 'ଅନ୍ନଦା ପ୍ରସାଦ ରାୟ ସେବା ସମ୍ମାନ', ପ୍ରଫେସର ବୈଷ୍ଣବ ଚରଣ ସାମଲଙ୍କୁ 'ଅନ୍ନଦା ପ୍ରସାଦ ରାୟ ସାରସ୍ୱତ ସମ୍ମାନ' ଓ ପ୍ରଫେସର ଡା. ହେମଲତା ସ୍ୱାଇଁଙ୍କୁ 'ଡ. ଭକ୍ତିଲତା ରାୟ ସ୍ୱାସ୍ଥ୍ୟ ସେବା ସମ୍ମାନ' ପ୍ରଦାନ କରାଯିବ। ଆସନ୍ତା ୧୪ ତାରିଖରେ ବଙ୍ଗାଳିସାହି ସ୍ଥିତ ରାମକୃଷ୍ଣ କୁଟୀରରେ ଅନୁଷ୍ଠିତ ହେବାକୁ ଥିବା ସ୍ୱର୍ଗତ ରାୟଙ୍କ ତୃତୀୟ ବାର୍ଷିକୀ ଶ୍ରଦ୍ଧାଞ୍ଜଳି ସଭାରେ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ସଂସଦ ସଭାପତି ଡ. ସତ୍ୟ ରାୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଏଥିରେ ସାଧାରଣ ସମ୍ପାଦକ ଦିଲ୍ଲୀପ କୁମାର ଦାସ, ଖବରଦାତା ସୌମ୍ୟକାନ୍ତ ସାମନ୍ତରାୟ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

■ ଗ୍ରୀଲ ତାଲା କାଟି କବାଟ ଭାଙ୍ଗିଲେ ଦୁର୍ବୃତ୍ତ

## ଲକ୍ଷାଧିକ ଟଙ୍କା, ଅଳଙ୍କାର ଚୋରି

**ଭୁବନେଶ୍ୱର, ୧୦।୬(ବ୍ୟୁରୋ)**

■ସିସିଟିଭି ଫୁଟେଜରେ ଚୋରିବେଳର ଦୃଶ୍ୟ

■ଏକାଧିକ ବ୍ୟକ୍ତିଙ୍କ ସମ୍ପୃକ୍ତି ସନ୍ଦେହ

ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ପ୍ରାଚୀବିହାର ଅଞ୍ଚଳରେ ରହୁଥିବା ସରୋଜ କୁମାର ପଣ୍ଡାଙ୍କ ଘରୁ ରବିବାର ରାତିରେ ଚୋରି ହୋଇଛି। ଦୁର୍ବୃତ୍ତମାନେ ଘର ତାଲା କାଟି କବାଟ ଭାଙ୍ଗି ଘରୁ ଲକ୍ଷାଧିକ ଟଙ୍କା ଓ ସୁନା ଅଳଙ୍କାର ନେଇଯାଇଛନ୍ତି। ସୋମବାର ସକାଳେ ଏ ସଂକ୍ରାନ୍ତରେ ସରୋଜ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ଦୁର୍ବୃତ୍ତମାନେ ଛାଡ଼ି ଯାଇଥିବା ଲୁହା ରଡ୍ ଓ ଶେଣିକୁ ଜବତ କରିଛି। ଏଥିସହ ସିସିଟିଭି ଫୁଟେଜକୁ ଆଧାର କରି ଅଭିଯୁକ୍ତଙ୍କୁ ଧରିବାକୁ ଉଦ୍ୟମ ଚଳାଇଛି।

ପୋଲିସ ସୂଚନାନୁସାରେ, ସରୋଜ ମେଡିକାଲ ମେଶିନାରୀ ସାମଗ୍ରୀ ହୋଲ୍‌ସେଲିଂ ସଂସ୍ଥାରେ କାର୍ଯ୍ୟ କରନ୍ତି। ପ୍ରାଚୀବିହାରରେ ଥିବା ତାଙ୍କ ସମ୍ପର୍କୀୟଙ୍କ ଘରେ ସେ ପରିବାର ସହ ରୁହନ୍ତି। ରବିବାର ସକାଳେ ସେ ତାଙ୍କ ସ୍ତ୍ରୀ ଓ କୁନି ଝିଅଙ୍କୁ ସାଙ୍ଗରେ ନେଇ ନିଜ ଗାଁ ବାଙ୍କୀ ବୁଲିବାକୁ ଚାଲିଯାଇଥିଲେ। ସୋମବାର ସକାଳେ ଫେରିବା ପରେ ଘରୁ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଗ୍ରୀଲ୍ କଟାଯାଇଥିବା ବେଳେ କବାଟ ତଡ଼ା ଯାଇଥିଲା। ଘର ଭିତରେ ଆଟାଚି ଓ ଆଲମିରା ଖୋଲା ପଡିଥିଲାବେଳେ ଜିନିଷପତ୍ର ଏଣେତେଣେ ପଡିଥିଲା। ଆଲମିରା ଭିତରେ ଥିବା ବ୍ୟାଗରୁ ୧ଲକ୍ଷ ୫୭ ହଜାର ଟଙ୍କା ସହ ସୁନା କାନଫୁଲ ଏବଂ ମୁଦି ଚୋରି ହୋଇଥିବା ଜଣାପଡିଥିଲା। ମିଳିଥିବା ସିସିଟିଭି ଫୁଟେଜରୁ ଜଣାପଡିଛି ଯେ, ଜଣେ ଯୁବକ ବିଳମ୍ବିତ ରାତିରେ ମୋବାଇଲ ଟର୍ଚ୍ଚ ଲାଇଟରେ ଲୁଚି ଲୁଚି ପାଚେରି କଡ଼ରେ ଯାଉଛନ୍ତି। ଯିବାବେଳେ ଆଖପାଖ ଘର ଉପରେ ନଜର ରଖି କାହାକୁ ଇସାରା ଦେଉଛନ୍ତି। ତେଣୁ ଏହି ଘଟଣାରେ ଏକାଧିକ ବ୍ୟକ୍ତିଙ୍କ ସମ୍ପୃକ୍ତି ଥିବା ପୋଲିସ ଅନୁମାନ କରୁଛି। ଉକ୍ତ ପରିବାରକୁ ଜାଣିଥିବା ସ୍ଥାନୀୟ ଅଞ୍ଚଳର ବ୍ୟକ୍ତି ଚୋରିରେ ସାମିଲ ଥିବା ସନ୍ଦେହ କରାଯାଉଛି।

## ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ ପାଇଁ ୨ ପ୍ରକାର ନିୟମ

**କଟକ ସଦର, ୧୦।୬(ଡି.ଏନ୍.ଏ.)**

ନିର୍ବାଚନ ଆଚରଣବିଧି ପ୍ରତ୍ୟାହାର ପରେ କଟକ ସଦର ବ୍ଲକ ଅଧୀନ ୨୩ଟି ପଞ୍ଚାୟତରେ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ ମାଧ୍ୟମରେ ବିଭିନ୍ନ ପ୍ରକଳ୍ପର ନିର୍ମାଣ କାମ ଆରମ୍ଭ ହୋଇଛି। ଏହି ସମସ୍ତ ପ୍ରକଳ୍ପ ନିର୍ମାଣ ପାଇଁ ଦୁଇ ପ୍ରକାରର ନିୟମ ଲାଗୁ କରାଯାଇଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। କେବଳ ନିଜସ୍ୱ ଜାଗାବାଡିରେ ଥିବା ଅନୁଷ୍ଠାନଗୁଡିକୁ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମରେ ସାମିଲ କରାଯାଇପାରିବ ବୋଲି ଗତ ଅକ୍ଟୋବରରେ ଅନୁଷ୍ଠିତ ଗ୍ରାମସଭାରେ ବ୍ଲକ କର୍ତ୍ତୃପକ୍ଷ ଘୋଷଣା କରିଥିଲେ। ତଦନୁଯାୟୀ, ୨୨ଟି ପଞ୍ଚାୟତରେ ୨୯୦ ପ୍ରକଳ୍ପ ପାଇଁ ୫ କୋଟି ୭୫ ଲକ୍ଷ ଟଙ୍କା ରାଜ୍ୟ ସରକାର ମଞ୍ଜୁର କରିଥିଲେ। ବର୍ତ୍ତମାନ କାର୍ଯ୍ୟ ଆରମ୍ଭ ବେଳେ ୮୦ରୁ ଊର୍ଦ୍ଧ୍ୱ ପ୍ରକଳ୍ପର ନିଜସ୍ୱ ଜାଗା ନ ଥିବା କେତେଜଣ ସରପଞ୍ଚ ପରିଚୟ ଗୋପନ ରଖି କହିଛନ୍ତି। ସେହି ସବୁ ପ୍ରକଳ୍ପ କିଶନ ନଗର ତହସିଲଦାରଙ୍କ ଏନ୍‌ଓସି ବଳରେ ସରକାରୀ ଜାଗାରେ ନିର୍ମାଣ କରାଯିବ ବୋଲି ବ୍ଲକ ପ୍ରଶାସନ ପକ୍ଷରୁ ନିଷ୍ପତି ଗ୍ରହଣ କରାଯାଇଛି। ବାକି ପ୍ରକଳ୍ପଗୁଡିକର ନିର୍ମାଣ ନିଜସ୍ୱ ଜାଗାରେ କରାଯିବ ବୋଲି ସିଦ୍ଧାନ୍ତ ଗ୍ରହଣ କରାଯାଇଛି। ଏହାଦ୍ୱାରା ପରମହଂସ ପଞ୍ଚାୟତ ଭଳି ଅନେକ ବଡ ବଡ ପଞ୍ଚାୟତ କ୍ଷତିଗ୍ରସ୍ତ ହୋଇଛି। କାରଣ ଏଠାରେ ସରକାରୀ ଜାଗାରେ ଗୃହ ନିର୍ମାଣ ପାଇଁ ଅନୁମତି ମିଳୁନାହିଁ। ସେଥିପାଇଁ ସରପଞ୍ଚମାନେ ସାହିରେ କୁହାବୋଲା କରି ଘରୋଇ ଜାଗାକୁ ବିଡିଓଙ୍କ ନାଁରେ କବଲା କରି କାର୍ଯ୍ୟ ଆରମ୍ଭ କରିବା ପାଇଁ ବାଧ ହେଉଛନ୍ତି। ଏଭଳି ଦୁଇ ପ୍ରକାରର ନିୟମକୁ ଅଧିକାଂଶ ସରପଞ୍ଚ ନିନ୍ଦା କରିଛନ୍ତି। ଏ ନେଇ କିଶନ ନଗର ତହସିଲଦାର ସୁଚେତା ମହାପାତ୍ରଙ୍କୁ ପଚାରିବାରୁ କାହାରିକୁ ଏନ୍‌ଓସି ବଳରେ ସରକାରୀ ଜାଗାରେ କାମ ପାଇଁ ଅନୁମତି ଦିଆଯାଇନାହିଁ ବୋଲି କହିଥିଲେ। ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମର ଅନୁଧ୍ୟାନ କରୁଥିବା କଟକ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସରୋଜକାନ୍ତ ମହାନ୍ତିଙ୍କୁ ପଚାରିବାରୁ ଦୁଇ ପ୍ରକାରର ନିୟମ କିପରି ଲାଗୁ ହେଲା ତାହାର ତଦନ୍ତ କରାଯିବ ବୋଲି କହିଥିଲେ।



ସଙ୍ଗୀତ ନିର୍ଦ୍ଦେଶକ ସ୍ୱର୍ଗତ ଅକ୍ଷୟ ମହାନ୍ତିଙ୍କ ସ୍ତ୍ରୀ ପ୍ରବୀଣା ମହାନ୍ତିଙ୍କ ଏକାଦଶାହ ଅବସରରେ ସୋମବାର କଟକ ୱାଇଏମ୍‌ସିଏ ସମ୍ମିଳନୀ କକ୍ଷରେ ଥିବା ତାଙ୍କ ଫଟୋଚିତ୍ରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିବା ବ୍ୟକ୍ତିବୃନ୍ଦ।

## ବିଭିନ୍ନ ଦାବି ନେଇ ବ୍ଲକ ସମ୍ମୁଖରେ ଧାରଣା



କଣ୍ଟାପଡା ବ୍ଲକ ସମ୍ମୁଖରେ ଭାଜପା କର୍ମୀଙ୍କ ଧାରଣା।

**କଣ୍ଟାପଡା, ୧୦।୬(ଡି.ଏନ୍.ଏ.)**

୧୫ ଦଫା ଦାବିନେଇ କଣ୍ଟାପଡା ବ୍ଲକ ସମ୍ମୁଖରେ ଭାଜପା ପକ୍ଷରୁ ସୋମବାର ସକାଳୁ ଧାରଣା ଦିଆଯାଇଥିଲା। କଣ୍ଟାପଡା ତହସିଲଦାର ଆର୍ତ୍ତତ୍ରାଣ ମଲ୍ଲିକ ଓ ବିଡିଓ କେ. ଅଶୋକ କୁମାର ଧାରଣାସ୍ଥଳରେ ପହଞ୍ଚି ଆସନ୍ତା ୧୦ଦିନ ଭିତରେ କଟକ ଜିଲାପାଳଙ୍କ ସହିତ ଆଲୋଚନା କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେବାପରେ ଅପରାହ୍ନରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ମିଳିଥିବା ସୂଚନା ଅନୁଯାୟୀ, ଫନୀ ପ୍ରଭାବରେ କଣ୍ଟାପଡା ବ୍ଲକ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ୧୪ଟି ପଞ୍ଚାୟତରେ ଘରଭଙ୍ଗା ତାଲିକା ପ୍ରସ୍ତୁତି କରାଯାଇ ଜିଓଟ୍ୟାଗ ଆରମ୍ଭ ହୋଇଥିଲା। ହେଲେ ଫନୀ ପ୍ରଭାବରେ ବିଭିନ୍ନ ଗ୍ରାମରେ ଆଦୌ କ୍ଷତି ହୋଇ ନ ଥିବା ପରିବାରଗୁଡିକୁ ଜିଓଟ୍ୟାଗ କରାଯାଉଥିବା ବେଳେ ପ୍ରକୃତ ହିତାଧିକାରୀ ଏଥିରୁ ବାଦ୍ ପଡିଥିବା ଜଣାପଡିଥିଲା। ଏହାକୁ ନେଇ ବିଭିନ୍ନ ଗ୍ରାମର ଗ୍ରାମବାସୀ କଣ୍ଟାପଡା ତହସିଲ ଅଫିସରେ ପାଟିତୁଣ୍ଡ କରୁଥିବା ଦେଖିବାକୁ ମିଳିଥିଲା। ଦଳୀୟ ଭିତିରେ ଏଭଳି କରାଯାଉଥିବା ଅଭିଯୋଗ କରି ୧୦ ତାରିଖରେ ଭାଜପା ପକ୍ଷରୁ ବ୍ଲକ ସମ୍ମୁଖରେ ଧାରଣା ଦିଆଯିବ ବୋଲି ଗତ ୬ତାରିଖରେ ବିଡିଓଙ୍କୁ ଦାବିପତ୍ର ଦିଆଯାଇଥିଲା। ଭାଜପା ନେତା ଛବି ମଲ୍ଲିକଙ୍କ ନେତୃତ୍ୱରେ ଆର୍ତ୍ତତ୍ରାଣ ମଲ୍ଲିକ, ରବିନାରାୟଣ ମହାପାତ୍ର, ବିଶ୍ୱମ୍ବର ଜେନା, ପ୍ରଭାତ ମହାପାତ୍ର, ଲଲାଟେନ୍ଦୁ ପ୍ରସାଦ ଦାଶ, ମାନୁ ଦାସ, ବିଭୂତି ଭୂଷଣ ସିଂହଙ୍କ ସମେତ ଶତାଧିକ ମହିଳାପୁରୁଷ ଧାରଣାରେ ବସିଥିଲେ।

■ ତତ୍ପରତା ଦେଖାଇ ଶୋଇଗଲା କମିଶନରେଟ ପୋଲିସ

# ବ୍ଲାକ୍ ସ୍ପଟ୍ ସ୍ଥାନରେ ବ୍ୟାରିକେଡ୍, ଇଣ୍ଟରସେପ୍ଟର କଥା ଭୁଲିଗଲେ ଅଧିକାରୀ

**ଭୁବନେଶ୍ୱର, ୧୦।୬(ବ୍ୟୁରୋ)**



■ପୁଣି ଦୁର୍ଘଟଣାରେ ମୁଣ୍ଡ ଗଡ଼ିଲେ ଚେତା ପଶିବ

■ସପ୍ତାହ ମଧରେ ବ୍ୟବସ୍ଥା କରାଯିବ: ଏସିପି

ରାଜଧାନୀ ଦେଇ ଯାଇଥିବା ୧୬ ନଂ. ଜାତୀୟ ରାଜପଥ ଉପରେ ବାରମ୍ବାର ଦୁର୍ଘଟଣା ଘଟି ଜୀବନ ଯାଉଛି। ମାସକ ମଧରେ ୧୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ଯାଇଥିବାବେଳେ ପୋଲିସ ପ୍ରଶାସନର ଖାମଖିଆଲ ମନୋଭାବ ପାଇଁ ଗୋଟିଏ ପରେ ଗୋଟିଏ ମୁଣ୍ଡ ଗଡ଼ିବାରେ ଲାଗିଛି। ଗତ ମାସ ଶେଷ ସପ୍ତାହରେ ଲଗାତାର ୫ ଜଣଙ୍କ ମୃତ୍ୟୁ ଘଟିବା ପରେ କମିଶନରେଟ ପୋଲିସର ଚେତା ପଶିଥିଲା। ତତ୍ପରତା ଦେଖାଇ ତୁରନ୍ତ ବ୍ଲାକ୍ ସ୍ପଟ୍ ଚିହ୍ନଟ ପାଇଁ ପୋଲିସ କମିଶନର ଟ୍ରାଫିକ ପୋଲିସକୁ ନିର୍ଦ୍ଦେଶ ଦେଲେ। ତରବରିଆ ଭାବେ ୫ଟି ସ୍ଥାନରେ ବ୍ଲାକ୍ ସ୍ପଟ୍ ଚିହ୍ନଟ କରାଗଲା। ଏହାପରେ ଉକ୍ତ ସ୍ଥାନରେ ଦୁର୍ଘଟଣା ରୋକିବାକୁ ତୁରନ୍ତ ବ୍ୟାରିକେଡ୍ ନିର୍ମାଣ ଓ ଇଣ୍ଟରସେପ୍ଟର ବ୍ୟବସ୍ଥା ସହ ନିୟମିତ ପାଟ୍ରୋଲିଂ କରିବାକୁ କୁହାଗଲା। ହେଲେ ଏହାପରଠାରୁ ପୁଣି ଶୋଇଗଲା କମିଶନରେଟ ପୋଲିସ। ପୁଣି ଦୁର୍ଘଟଣା ଘଟି ଜୀବନ ଗଲେ ପୋଲିସ ଅଧିକାରୀଙ୍କ ନିଦ ଭାଙ୍ଗିବ ବୋଲି କୁହାଯାଉଛି। ପୋଲିସର ଏଭଳି ଆଭିମୁଖ୍ୟ ସହରରେ ଅପରାଧ ଓ ଦୁର୍ଘଟଣା ବୃଦ୍ଧିର କାରଣ ପାଲଟିଛି।

ଦୁର୍ଘଟଣା ରୋକିବାକୁ ହୋଇଥିବା ନିଷ୍ପତ୍ତି ଅନୁସାରେ, ଚିହ୍ନଟ ବ୍ଲାକ୍ ସ୍ପଟ୍ ସ୍ଥାନରେ ସକାଳ ୭ଟାରୁ ରାତି ୯ଟା ପର୍ଯ୍ୟନ୍ତ ବ୍ୟାରିକେଡ୍ ରହିବ। ଏହାସହ ସେଠାରେ ଇଣ୍ଟରସେପ୍ଟର ରଖାଯିବା ସହ ପାଟ୍ରୋଲିଂ କଡାକଡି କରାଯିବ। ଦୁର୍ଘଟଣା ପ୍ରବଣ ଅଞ୍ଚଳ ସଂକ୍ରାନ୍ତରେ ସୂଚନା ଫଳକ ଲଗାଯିବ ବୋଲି ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି ସୂଚନା ଦେଇଥିଲେ। ଇତିମଧରେ ଦୁଇ ସପ୍ତାହ ବିତିବାକୁ ବସିଥିଲେ ମଧ କିଛି ବି ପଦକ୍ଷେପ ନିଆଯାଇ ନ ଥିବା ଦେଖିବାକୁ ମିଳୁଛି। ଅନ୍ୟପକ୍ଷରେ ଚିହ୍ନଟ ବ୍ଲାକ୍ ସ୍ପଟ୍‌କୁ ନେଇ ମଧ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଚିହ୍ନଟ ସ୍ଥାନ ହେଲା ଜାତୀୟ ରାଜପଥର ଭୁବନେଶ୍ୱର ଖୋର୍ଦ୍ଧା ମଧବର୍ତ୍ତୀ ବାଟଭୁଆଶୁଣୀ, ଖଣ୍ଡଗିରି ନିକଟ ଆଇଗିଣିଆ, ଆଚାର୍ଯ୍ୟବିହାର ଓଭରବ୍ରିଜ୍, କ୍ରାଉନ ହୋଟେଲ ସମ୍ମୁଖ ଏବଂ ପାହାଳ। ଏହାଛଡା ଜାତୀୟ ରାଜପଥ ଓଭରବ୍ରିଜ୍ ଉପର ଓ ଅନ୍ୟ କେତେକ ନିର୍ଦ୍ଦିଷ୍ଟ ସ୍ଥାନରେ ବାରମ୍ବାର ଦୁର୍ଘଟଣା ଘଟି ଜୀବନ ଯାଉଛି। ଅଭିଯୋଗ ଉଠିବା ପରେ ପରବର୍ତ୍ତୀ ସମୟରେ ସେସବୁ ସ୍ଥାନ ଚିହ୍ନଟ କରାଯିବ ବୋଲି କୁହାଗଲା। କିନ୍ତୁ ସେ ନେଇ ଏପର୍ଯ୍ୟନ୍ତ କୌଣସି ପ୍ରକ୍ରିୟା ଆରମ୍ଭ ହୋଇ ନ ଥିବା ଜଣାପଡିଛି। ଏପରିକି ଟ୍ରାଫିକ ପୋଲିସ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷଙ୍କ ସହ ବୈଠକ କରି ଉକ୍ତ ସ୍ଥାନରେ ବୈଷୟିକ ସମସ୍ୟାର ସମାଧାନ ପାଇଁ ତୁରନ୍ତ ପଦକ୍ଷେପ ନିଆଯିବା କଥା। କିନ୍ତୁ ତାହା ବି ଏପର୍ଯ୍ୟନ୍ତ ହେଲାନାହିଁ।

### ଓଭରବ୍ରିଜ ଉପରେ ସେଲ୍‌ଫି, ମଦ୍ୟପାନ ବିପଦ

ସବୁଠୁ ସ୍ୱର୍ଶକାତର ଘଟଣା ହେଲା, ରାଜଧାନୀର ବିଭିନ୍ନ ଓଭରବ୍ରିଜ ଉପରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଯୁବକମାନେ ବିପଦଶଙ୍କୁଳ ଅବସ୍ଥାରେ ସେଲ୍ଫି ନେଉଛନ୍ତି। ସାମାନ୍ୟ ଅସାବଧାନତା ହେଲେ ଜୀବନ ଚାଲିଯିବାର ଆଶଙ୍କା ରହିଛି। ଆଉ କେତେକ ସ୍ଥାନରେ ଡ୍ରାଇଭର ଓଭରବ୍ରିଜ୍ ଉପରେ ଗାଡ଼ି ପାର୍କିଂ କରି ମଦ ପିଉଛନ୍ତି। ପରେ ବୋତଲଗୁଡିକ ବ୍ରିଜ୍ ଉପରେ ଗଡେଇ ଦେଇ ଯାଉଛନ୍ତି। ପରବର୍ତ୍ତୀ ସମୟରେ ଏହା ଦୁର୍ଘଟଣାର କାରଣ ସାଜୁଛି। ଏଥିପ୍ରତି ପୋଲିସ ପ୍ରଶାସନର ନଜର ନାହିଁ କି କୌଣସି ପଦକ୍ଷେପ ବି ନାହିଁ।

### ଭାରିଯାନ ପାର୍କିଂ ଦୁର୍ଘଟଣାର ଅନ୍ୟତମ କାରଣ

ଓଭରବ୍ରିଜ୍ ଉପରେ କୌଣସି ଭାରିଯାନ ପାର୍କିଂ କରିବାର ନିୟମ ନାହିଁ। ଟ୍ରକ ଡ୍ରାଇଭର ଓଭରବ୍ରିଜ ଉପରେ ଗାଡିକୁ ପାର୍କିଂ କରି ଶୋଇ ଯାଉଛନ୍ତି। ଫଳରେ ବିଶେଷକରି ରାତି ସମୟରେ ଦ୍ରୁତଗତିରେ ଆସୁଥିବା ଅନ୍ୟ ଟ୍ରକ୍, କାର୍ କିମ୍ବା ବାଇକ୍ ଜାଣି ନ ପାରି ପାର୍କିଂ ଟ୍ରକ୍ ପଛରେ ପିଟି ହୋଇଯାଉଛି। ସ୍ଥାନୀୟ ପୋଲିସ ଓ ଟ୍ରାଫିକ ପୋଲିସ ଏହା ଉପରେ ଗୁରୁତ୍ୱ ଦେବା ଜରୁରୀ ହୋଇପଡିଛି।

ଏ ନେଇ ଟ୍ରାଫିକ୍ ଏସିପି କେ.କେ. ପାଣିଗ୍ରାହୀ କହିଛନ୍ତି, ବ୍ଲାକ୍ ସ୍ପଟ୍ ସ୍ଥାନରେ ଦୁର୍ଘଟଣା ରୋକିବାକୁ ଯେଉଁ ନିଷ୍ପତ୍ତି ହୋଇଛି ତାହା କେତେକ କାଗଜପତ୍ର କାମ ପାଇଁ ଅଟକି ରହିଛି। ଡିସିପି ରିପୋର୍ଟ ଦେବା ପରେ ସପ୍ତାହକ ମଧରେ ସମସ୍ତ ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି।



ସବୁଠାରୁ ଅଳ୍ପରେ ଯିଏ ସନ୍ତୁଷ୍ଟ ହୋଇପାରିଲା, ସେ ହିଁ ସଂସାରରେ ଶ୍ରେଷ୍ଠ ଧନୀ। କାରଣ ସନ୍ତୋଷ ହିଁ ପ୍ରକୃତ ସମ୍ପଦ।
- ସକ୍ରେଟିସ୍



## ସଂକ୍ଷେପରେ

### ଅଘୋଷିତ ବିଦ୍ୟୁତ୍ କାଟ୍, ଲୋକେ ହନ୍ତସନ୍ତ

**ଖୋର୍ଦ୍ଧା ଅଫିସ,୧୦।୬:** ଖୋର୍ଦ୍ଧା ସେସୁ ଜଙ୍କିଆ ସବଡିଭିଜନର ନରଣଗଡ ପଞ୍ଚାୟତର ଗଡ, ଭୋଗପୁର, କୁରୁମପଡା, ହାଡପଦା, ଧବଳପୁର, ବଳପୁର, ଓରିମି, ମାନପୁର, ଓରବରସିଂ ଅଞ୍ଚଳରେ ୧୩ରୁ ୧୮ ଘଣ୍ଟା ବିଦ୍ୟୁତ୍ କାଟ ହେଉଛି। ଅଘୋଷିତ ବିଦ୍ୟୁତ୍ କାଟ ନେଇ ଉପଭୋକ୍ତା ବାରମ୍ବାର ଅଭିଯୋଗ କଲେ ମଧ ସୁଫଳ ମିଳୁନି। ଏପଟେ ଦିନରେ ଗୁଲୁଗୁଲି ହେଉଥିବାବେଳେ ଉପଭୋକ୍ତମାନେ ହନ୍ତସନ୍ତ ହେଉଛନ୍ତି।

### ଟାଙ୍ଗୀରେ ମଧୁମଙ୍ଗଳ ଉଦ୍‌ଯାପିତ

**ଟାଙ୍ଗୀ(ଖୋର୍ଦ୍ଧା),୧୦।୬(ଡି.ଏନ୍.ଏ.)-** ମୁକ୍ତାକାଶ ରଙ୍ଗମଞ୍ଚରେ ପ୍ରଦର୍ଶିତ ଟାଙ୍ଗୀର ପ୍ରସିଦ୍ଧ ମଧୁମଙ୍ଗଳ ଉଦ୍‌ଯାପିତ ହୋଇଯାଇଛି। ଅଧର୍ମ ତଥା ଅହଙ୍କାରରେ ଉନ୍ମତ୍ତ କଂସ ମହାରାଜ ନିଜ ଶକ୍ତି ପ୍ରଦର୍ଶନ ନିମନ୍ତେ ବିଭିନ୍ନ ରାଜାଙ୍କୁ ନିମନ୍ତ୍ରଣ କରି ରଙ୍ଗସଭା କରିବା ଅବସରରେ ମନ୍ତ୍ରୀ ଅକ୍ରୁରଙ୍କ ଦ୍ୱାରା କୃଷ୍ଣ ବଳରାମଙ୍କୁ ହାଜର ହେବାକୁ ମଧ ନିର୍ଦ୍ଦେଶ ଦେଇଥିଲେ। ସେ ଭୁଲିଯାଇଥିଲେ ଯେ, ଦେବକୀଙ୍କ ଅଷ୍ଟମ ଗର୍ଭର ସନ୍ତାନ ହିଁ ତାଙ୍କ ମୃତ୍ୟୁର କାରଣ ପାଲଟିବ। ଏହା ସତ୍ୟ ହେଲା। ଅହଂକାରୀ ତାମସିକ ଶକ୍ତି କଂସକୁ ଭଗବାନ କୃଷ୍ଣ ବଧ କରିବା ପରେ ଟାଙ୍ଗୀର ମଧୁମଙ୍ଗଳ ଗୀତିନାଟ୍ୟ ଉଦ୍‌ଯାପିତ ହୋଇଥିଲା ।

### ବନ୍ଧୁମିଳନରେ ଗୁରୁ ପୂଜନ

**ଖୋର୍ଦ୍ଧା ଅଫିସ,୧୦।୬:** ବୋଲଗଡ ବ୍ଲକ ତାଳତୁମ୍ବ ପଶ୍ଚିମେଶ୍ୱର ବିଦ୍ୟାପୀଠ ୧୯୮୮ ବ୍ୟାଚର ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗଡ଼ମାଣତୀର ରାମଚଣ୍ଡୀ ପୀଠ ଠାରେ ବନ୍ଧୁ ମିଳନରେ ଗୁରୁ ପୂଜନ ଉତ୍ସବ ପାଳନ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତଥା ନୟାଗଡ଼ର ପୂର୍ବତନ ଡ଼ି.ଆଇ. ରଘୁନାଥ ଦଳବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ପୂର୍ବତନ ଶିକ୍ଷକ ସତ୍ୟବାଦୀ ବଳିଆରସିଂହ ମୁଖ୍ୟ ଅତିଥି, କବି ବଳରାମ ରଣସିଂହ ମୁଖ୍ୟ ବକ୍ତା ଓ କବି ରଘୁନାଥ ମହାନ୍ତି ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ପୁରାତନ ଛାତ୍ରୀଛାତ୍ରଙ୍କ ପକ୍ଷରୁ ହାଇସ୍କୁଲର ପ୍ରଧାନ ଶିକ୍ଷକ ପୁରୁଷୋତ୍ତମ ବେହେରା, ସତ୍ୟବାଦୀ ସାହୁ, ନାରାୟଣ ବେହେରା, ବସନ୍ତ ରଣସିଂହ, ସୁଶୀଲ ସାହୁ, ପଞ୍ଚାନନ ମହାନ୍ତି, ମୋକିମ୍ ଖାଁ, ପବିତ୍ର ବେହେରା, ବେଣୁଧର ରାଉତ, ରବୀନ୍ଦ୍ର ବେହେରା, ହରିହର ବେହେରା ଓ ବ୍ରଜ କିଶୋର ସାହୁ ପ୍ରମୁଖଙ୍କୁ ଗୁରୁ ପୂଜନ କରାଯାଇଥିଲା।

### ଶିକ୍ଷକଙ୍କ ପରିବାରକୁ ଆର୍ଥିକ ସହାୟତା

**ଖୋର୍ଦ୍ଧା ଅଫିସ,୧୦।୬:** ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଥିବା ଜଣେ ଶିକ୍ଷକଙ୍କ ପରିବାରକୁ ସ୍ଥାନୀୟ ଶିକ୍ଷକ ସଂଘ ପକ୍ଷରୁ ସୋମବାର ୭୫ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଛି। ଗତ ମେ'ରେ ବିବାହ ଉତ୍ସବରେ ଯୋଗଦେବାକୁ ବାଣପୁରରେ କାର୍ଯ୍ୟରତ ଦୁଇ ଶିକ୍ଷକ ସୁଶାନ୍ତ ପ୍ରଧାନ ଓ ଅସିତ କୁମାର ଶବର ବାଇକରେ ଫୁଲବାଣୀ ଯାଉଥିଲେ। ରାସ୍ତାରେ ଏକ ଟ୍ରକ ସହ ବାଇକର ଧକ୍କା ହେବାରୁ ସୁଶାନ୍ତଙ୍କ ମତ୍ୟୁ ହୋଇଥିଲା। ସୋମବାର ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଶିକ୍ଷା ଅଧିକାରୀ ସନାତନ ଜାଲି ଜମା ଟଙ୍କା ରଶିଦକୁ ସ୍ୱର୍ଗତ ଶିକ୍ଷକ ସୁଶାନ୍ତଙ୍କ ସ୍ତ୍ରୀ ସବିତା ପ୍ରଧାନଙ୍କୁ ପ୍ରଦାନ କରିଛନ୍ତି।

### ମଳିପଡାରେ କୃତଜ୍ଞତା ସଭା

**ଖୋର୍ଦ୍ଧା ଅଫିସ,୧୦।୬:** ଭାଜପା ପକ୍ଷରୁ ମଳିପଡା ଦୋଳପଡିଆରେ ଠାରେ କୃତଜ୍ଞତା ସଭା ଅନୁଷ୍ଠିତ ହୋଇଯାଇଛି । ଭୁବନେଶ୍ୱର ଲୋକ ସଭା ପ୍ରାର୍ଥୀ ଅପରାଜିତା ଷଡଙ୍ଗୀ ୯୦ହଜାର ଓ ବିଧାୟକ ପ୍ରାର୍ଥୀ କାଳୁ ଚରଣ ଖଣ୍ଡେଇତରାୟ ୭୫ହଜାର ଭୋଟ ପାଇଥିବାରୁ ଖୋର୍ଦ୍ଧା ନିର୍ବାଚନମଣ୍ଡଳୀର କର୍ମୀ, ସମର୍ଥକ, କାର୍ଯ୍ୟକର୍ତ୍ତା, ଶୁଭେଚ୍ଛୁଙ୍କ ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି। କାଳୁ ଚରଣ ଖଣ୍ଡେଇତରାୟଙ୍କ ଅଧକ୍ଷତାରେ ଅନୁଷ୍ଠିତ କୃତଜ୍ଞତା ସଭାରେମୁଖ୍ୟ ଅତିଥିଭାବେ ଭୁବନେଶ୍ୱର ଏମ୍‌ପ ଷଡଙ୍ଗୀ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧରେ ରାଜ୍ୟ କୃଷକ ମୋର୍ଚ୍ଚାର ଉପସଭାପତି ଶ୍ରୀରଞ୍ଜନ ମଙ୍ଗରାଜ, ଜିଲା ପରିଷଦ ସଦସ୍ୟା ମମତା ଜେନା, ବିଶିଷ୍ଟ ଶିକ୍ଷାବିତ୍ ପଦ୍ମନାଭ ବିଶ୍ୱାଳ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରଶ୍ମି ରଞ୍ଜନ ମହାପାତ୍ର ଓ କେଳୁ ଜଗଦ୍ଦେବ ପ୍ରମୁଖ ଯୋଗଦେଇଥିଲେ।

## ■ ତତ୍ପରତା ଦେଖାଇ ଶୋଇଗଲା କମିଶନରେଟ ପୋଲିସ

# ବ୍ଲାକ୍ ସ୍ପଟ୍ ସ୍ଥାନରେ ବ୍ୟାରିକେଡ୍, ଇଣ୍ଟରସେପ୍ଟର କଥା ଭୁଲିଗଲେ ଅଧିକାରୀ

**ଭୁବନେଶ୍ୱର,୧୦।୬(ବ୍ୟୁରୋ)**



■ପୁଣି ଦୁର୍ଘଟଣାରେ ମୁଣ୍ଡ ଗଡ଼ିଲେ ଚେତା ପଶିବ
■ସପ୍ତାହେ ମଧରେ ବ୍ୟବସ୍ଥା କରାଯିବ: ଏସିପି

ରାଜ୍ୟଧାନୀ ଦେଇ ଯାଇଥିବା ୧୬ ନଂ. ଜାତୀୟ ରାଜପଥ ଉପରେ ବାରମ୍ବାର ଦୁର୍ଘଟଣା ଘଟି ଜୀବନ ଯାଉଛି। ମାସକ ମଧରେ ୧୦ରୁ ଉର୍ଦ୍ଧ୍ୱ ଲୋକଙ୍କ ଜୀବନ ଯାଇଥିବାବେଳେ ପୋଲିସ ପ୍ରଶାସନର ଖାମଖିଆଲ ମନୋଭାବ ପାଇଁ ଗୋଟିଏ ପରେ ଗୋଟିଏ ମୁଣ୍ଡ ଗଡ଼ିବାରେ ଲାଗିଛି। ଗତ ମାସ ଶେଷ ସପ୍ତାହରେ ଲଗାତାର ୫ ଜଣଙ୍କ ମୃତ୍ୟୁ ଘଟିବା ପରେ କମିଶନରେଟ ପୋଲିସର ଚେତା ପଶିଥିଲା। ତତ୍ପରତା ଦେଖାଇ ତୁରନ୍ତ ବ୍ଲାକ୍ ସ୍ପଟ୍ ଚିହ୍ନଟ ପାଇଁ ପୋଲିସ କମିଶନର ଟ୍ରାଫିକ ପୋଲିସକୁ ନିର୍ଦ୍ଦେଶ ଦେଲେ। ତରବରିଆ ଭାବେ ୫ଟି ସ୍ଥାନରେ ବ୍ଲାକ୍ ସ୍ପଟ୍ ଚିହ୍ନଟ କରାଗଲା। ଏହାପରେ ଉକ୍ତ ସ୍ଥାନରେ ଦୁର୍ଘଟଣା ରୋକିବାକୁ ତୁରନ୍ତ ବ୍ୟାରିକେଡ୍ ନିର୍ମାଣ ଓ ଇଣ୍ଟରସେପ୍ଟର ବ୍ୟବସ୍ଥା ସହ ନିୟମିତ ପାଟ୍ରୋଲିଂ କରିବାକୁ କୁହାଗଲା। ହେଲେ ଏହାପରଠାରୁ ପୁଣି ଶୋଇଗଲା କମିଶନରେଟ ପୋଲିସ। ପୁଣି ଦୁର୍ଘଟଣା ଘଟି ଜୀବନ ଗଲେ ପୋଲିସ ଅଧିକାରୀଙ୍କ ନିଦ ଭାଙ୍ଗିବ ବୋଲି କୁହାଯାଉଛି। ପୋଲିସର ଏଭଳି ଆଭିମୁଖ୍ୟ ସହରରେ ଅପରାଧ ଓ ଦୁର୍ଘଟଣା ବୃଦ୍ଧିର କାରଣ ପାଲଟିଛି।

ଦୁର୍ଘଟଣା ରୋକିବାକୁ ହୋଇଥିବା ନିଷ୍ପତ୍ତି ଅନୁସାରେ, ଚିହ୍ନଟ ବ୍ଲାକ୍ ସ୍ପଟ୍ ସ୍ଥାନରେ ସକାଳ ୭ଟାରୁ ରାତି ୯ଟା ପର୍ଯ୍ୟନ୍ତ ବ୍ୟାରିକେଡ୍ ରହିବ। ଏହାସହ ସେଠାରେ ଇଣ୍ଟରସେପ୍ଟର ରଖାଯିବା ସହ ପାଟ୍ରୋଲିଂ କଡାକଡି କରାଯିବ। ଦୁର୍ଘଟଣା ପ୍ରବଣ ଅଞ୍ଚଳ ସଂକ୍ରାନ୍ତରେ ସୂଚନା ଫଳକ ଲଗାଯିବ ବୋଲି ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି ସୂଚନା ଦେଇଥିଲେ। ଇତିମଧରେ ଦୁଇ ସପ୍ତାହ ବିତିବାକୁ ବସିଥିଲେ ମଧ କିଛି ବି ପଦକ୍ଷେପ ନିଆଯାଇ ନ ଥିବା ଦେଖିବାକୁ ମିଳୁଛି। ଅନ୍ୟପକ୍ଷରେ ଚିହ୍ନଟ ବ୍ଲାକ୍ ସ୍ପଟ୍‌କୁ ନେଇ ମଧ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଚିହ୍ନଟ ସ୍ଥାନ ହେଲା ଜାତୀୟ ରାଜପଥର ଭୁବନେଶ୍ୱର ଖୋର୍ଦ୍ଧା ମଧବର୍ତ୍ତୀ ବାଟଭୁଆଶୁଣୀ, ଖଣ୍ଡଗିରି ନିକଟ ଆଇଗିଣିଆ, ଆଚାର୍ଯ୍ୟବିହାର ଓଭରବ୍ରିଜ୍, କ୍ରାଉନ ହୋଟେଲ ସମ୍ମୁଖ ଏବଂ ପାହାଳ। ଏହାଛଡା ଜାତୀୟ ରାଜପଥ ଓଭରବ୍ରିଜ୍ ଉପର ଓ ଅନ୍ୟ କେତେକ ନିର୍ଦ୍ଦିଷ୍ଟ ସ୍ଥାନରେ ବାରମ୍ବାର ଦୁର୍ଘଟଣା ଘଟି ଜୀବନ ଯାଉଛି। ଅଭିଯୋଗ ଉଠିବା ପରେ ପରବର୍ତ୍ତୀ ସମୟରେ ସେସବୁ ସ୍ଥାନ ଚିହ୍ନଟ କରାଯିବ ବୋଲି କୁହାଗଲା। କିନ୍ତୁ ସେ ନେଇ ଏପର୍ଯ୍ୟନ୍ତ କୌଣସି ପ୍ରକ୍ରିୟା ଆରମ୍ଭ ହୋଇ ନ ଥିବା ଜଣାପଡିଛି। ଏପରିକି ଟ୍ରାଫିକ ପୋଲିସ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷଙ୍କ ସହ ବୈଠକ କରି ଉକ୍ତ ସ୍ଥାନରେ ବୈଷୟିକ ସମସ୍ୟାର ସମାଧାନ ପାଇଁ ତୁରନ୍ତ ପଦକ୍ଷେପ ନିଆଯିବା କଥା। କିନ୍ତୁ ତାହା ବି ଏପର୍ଯ୍ୟନ୍ତ ହେଲାନାହିଁ।

**ଭାରିଯାନ ପାର୍କିଂ ଦୁର୍ଘଟଣାର ଅନ୍ୟତମ କାରଣ**

ଓଭରବ୍ରିଜ୍ ଉପରେ କୌଣସି ଭାରିଯାନ ପାର୍କିଂ କରିବାର ନିୟମ ନାହିଁ। ଟ୍ରକ ଡ୍ରାଇଭର ଓଭରବ୍ରିଜ ଉପରେ ଗାଡିକୁ ପାର୍କିଂ କରି ଶୋଇ ଯାଉଛନ୍ତି। ଫଳରେ ବିଶେଷକରି ରାତି ସମୟରେ ଦ୍ରୁତଗତିରେ ଆସୁଥିବା ଅନ୍ୟ ଟ୍ରକ୍, କାର୍ କିମ୍ବା ବାଇକ୍ ଜାଣି ନ ପାରି ପାର୍କିଂ ଟ୍ରକ୍ ପଛରେ ପିଟି ହୋଇଯାଉଛି। ସ୍ଥାନୀୟ ପୋଲିସ ଓ ଟ୍ରାଫିକ ପୋଲିସ ଏହା ଉପରେ ଗୁରୁତ୍ୱ ଦେବା ଜରୁରୀ ହୋଇପଡିଛି।

ଏ ନେଇ ଟ୍ରାଫିକ୍ ଏସିପି କେ.କେ. ପାଣିଗ୍ରାହୀ କହିଛନ୍ତି, ବ୍ଲାକ୍ ସ୍ପଟ୍ ସ୍ଥାନରେ ଦୁର୍ଘଟଣା ରୋକିବାକୁ ଯେଉଁ ନିଷ୍ପତ୍ତି ହୋଇଛି ତାହା କେତେକ କାଗଜପତ୍ର କାମ ପାଇଁ ଅଟକି ରହିଛି। ଡିସିପି ରିପୋର୍ଟ ଦେବା ପରେ ସପ୍ତାହକ ମଧରେ ସମସ୍ତ ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି।

**ଓଭରବ୍ରିଜ ଉପରେ ସେଲ୍‌ଫି, ମଦ୍ୟପାନ ବିପଦ**

ସବୁଠୁ ସ୍ୱର୍ଶକାତର ଘଟଣା ହେଲା, ରାଜଧାନୀର ବିଭିନ୍ନ ଓଭରବ୍ରିଜ ଉପରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଯୁବକମାନେ ବିପଦଶଙ୍କୁଳ ଅବସ୍ଥାରେ ସେଲ୍ଫି ନେଉଛନ୍ତି। ସାମାନ୍ୟ ଅସାବଧାନତା ହେଲେ ଜୀବନ ଚାଲିଯିବାର ଆଶଙ୍କା ରହିଛି। ଆଉ କେତେକ ସ୍ଥାନରେ ଡ୍ରାଇଭର ଓଭରବ୍ରିଜ୍ ଉପରେ ଗାଡ଼ି ପାର୍କିଂ କରି ମଦ ପିଉଛନ୍ତି। ପରେ ବୋତଲଗୁଡ଼ିକ ବ୍ରିଜ୍ ଉପରେ ଗଡେଇ ଦେଇ ଯାଉଛନ୍ତି। ପରବର୍ତ୍ତୀ ସମୟରେ ଏହା ଦୁର୍ଘଟଣାର କାରଣ ସାଜୁଛି। ଏଥିପ୍ରତି ପୋଲିସ ପ୍ରଶାସନର ନଜର ନାହିଁ କି କୌଣସି ପଦକ୍ଷେପ ବି ନାହିଁ।

### ଯାତ୍ରୀଙ୍କ ସେବାରେ ଲାଗୁନି ଏସ୍କାଲେଟର

**ଜଟଣୀ୧୦।୬(ଡି.ଏନ୍.ଏ.)**

ଖୋର୍ଦ୍ଧାରୋଡ ରେଳଷ୍ଟେଶନର ୧ନଂ. ପ୍ଲାଟଫର୍ମରେ ଯାତ୍ରୀଙ୍କ ସୁବିଧା ପାଇଁ ନୂତନ ଏସ୍କାଲେଟର ବ୍ୟବସ୍ଥାକୁ ଏକମାସ ବିତିଯାଇଥିଲେ ମଧ ଯାତ୍ରୀଙ୍କ ସେବାରେ ଏହା ଲାଗିପାରି ନାହିଁ। ଏପ୍ରିଲ ୨୨ରେ ଏହାକୁ ଯାତ୍ରୀଙ୍କ ଉଦ୍ଦେଶ୍ୟରେ ଲୋକାର୍ପିତ କରାଯାଇଥିଲା। ଏହା ଉଦ୍‌ଘାଟନ ଠାରୁ ବନ୍ଦ ହୋଇ ରହିଛି। ଉଦ୍‌ଘାଟନ ପରେ କାର୍ଯ୍ୟକ୍ଷମ ହୋଇ ନ ଥିବା ଏହି ନୂତନ ଏସ୍କାଲେଟର ଫନୀରେ କ୍ଷତିଗ୍ରସ୍ତ ହୋଇ ଅଚଳ ହୋଇଯାଇଛି। ବିଶେଷକରି ବରିଷ୍ଠ ନାଗରିକ ଓ ଅଧିକ ଲଗେଜ ଥିବା ଯାତ୍ରୀଙ୍କ ସୁବିଧା ଉଦ୍ଦେଶ୍ୟରେ ଏହାକୁ ସ୍ଥାପନ କରାଯାଇଥିଲା। ୧କୋଟି ୭୦ଲକ୍ଷ ଟଙ୍କା ବ୍ୟୟରେ ସ୍ଥାପିତ ଏସ୍କାଲେଟର କାର୍ଯ୍ୟକ୍ଷମ ନ ହେବା ନେଇ ଯାତ୍ରୀଙ୍କ ମଧରେ ଅସନ୍ତୋଷ ଦେଖାଦେଇଛି। ଏହାକୁ ତୁରନ୍ତ କାର୍ଯ୍ୟକ୍ଷମ କରାଯାଇ ଯାତ୍ରୀଙ୍କୁ ସେବା ପ୍ରଦାନ କରିବାପାଇଁ ପାସେଞ୍ଜର ଆମେନିଟି ୱେଲଫେୟାର ଆସୋସିଏଶନ୍‌ର ସମ୍ପାଦକ ଦେବନାରାୟଣ ସେଠୀ ଦାବି କରିଛନ୍ତି। ଖୋର୍ଦ୍ଧାରୋଡ ଡିଭିଜନର ବରିଷ୍ଠ ବାଣିଜ୍ୟିକ ଅଧିକାରୀ ପ୍ରତାପ କିଶୋର ସାମଲ କୁହନ୍ତି, ଉଦ୍‌ଘାଟନ ପରେ ଫନୀରେ ଏସ୍କାଲେଟର ସମେତ ଷ୍ଟେଶନର କ୍ଷତି ହୋଇଥିଲା। ସମସ୍ତ କାର୍ଯ୍ୟ ଯୁଦ୍ଧକାଳୀନଭିତ୍ତିରେ କରାଯାଉଛି। ରଥଯାତ୍ରା ପୂର୍ବରୁ ଏସ୍କାଲେଟର କାର୍ଯ୍ୟକ୍ଷମ ହେବ ବୋଲି କହିଥିଲେ।

## ନାଇଜରର ଅଷ୍ଟମ ସ୍ନାତକ ସମାରୋହ




ସମାରୋହରେ ଯୋଗ ଦେଇଥିବା ଅତିଥିବୃନ୍ଦ।

**ଜଟଣୀ୧୦।୬(ଡି.ଏନ୍.ଏ.)**

ବିଜ୍ଞାନ ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ଦେଶ ବହୁ ଆଗକୁ ଯିବା ସହ ନୂତନ ପରିଚୟ ସୃଷ୍ଟି କରିବାକୁ ଯାଉଛି। ଏହା ପଛରେ ଜାତୀୟ ବିଜ୍ଞାନ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ(ନାଇଜର)ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସୋମବାର ଜଟଣୀସ୍ଥିତ ନାଇଜରର ଅଷ୍ଟମ ସ୍ନାତକ ସମାରୋହରେ ମୁଖ୍ୟ ଅତିଥିଭାବେ ଟିଆଇଏଫଆର୍‌ର ପ୍ରାକ୍ତନ ନିର୍ଦ୍ଦେଶକ ମୁସ୍ତାନସିର ବର୍ମା ଯୋଗଦେଇ ଏହା କହିଛନ୍ତି। ଆହ୍ଲାବାଦ ହରିଶ୍ଚନ୍ଦ୍ର ଗବେଷଣା ପ୍ରତିଷ୍ଠାନର ନିର୍ଦ୍ଦେଶକ ପ୍ରଫେସର ପିନାକୀ ମୁଜମଦାର କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ବିଦ୍ୟାର୍ଥୀଙ୍କୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ନୋବେଲ ପୁରସ୍କାର ବିଜେତା ସୁବ୍ରମଣ୍ୟମ୍ ଚନ୍ଦ୍ରଶେଖର ଓ ପରମାଣୁ ଶକ୍ତିର ପ୍ରବର୍ତ୍ତକ ହୋମିଭାବାଙ୍କ ବ୍ୟକ୍ତିତ୍ୱ ଓ ଗବେଷଣାର ସଫଳତା ଉପରେ ସେ ଉଦାହରଣ ଦେଇଥିଲେ । ନାଇଜର ନିର୍ଦ୍ଦେଶକ ପ୍ରଫେସର ସୁଧାକର ପଣ୍ଡା ବିବରଣୀ ପାଠ କରିବା ସହ ସମାରୋହରେ ୯୪ଜଣ ଛାତ୍ରୀଛାତ୍ରଙ୍କୁ ଏମ୍‌ଏସି ଓ ୨୧ଜଣଙ୍କୁ ପିଏଚ୍‌ଡି ଡିଗ୍ରୀ ପ୍ରଦାନ କରାଯାଇଥିଲା। ସାମଗ୍ରିକ ଭାବେ ଶ୍ରେଷ୍ଠତ୍ୱ ଅର୍ଜନ କରିଥିବା ପଦାର୍ଥ ବିଜ୍ଞାନର ଛାତ୍ର ବିନୀତ କୁମାର ଦାସଙ୍କୁ ସ୍ୱର୍ଣ୍ଣପଦକ ପ୍ରଦାନ କରାଯାଇଥିଲା। ସେହିପରି ବିଭିନ୍ନ ବିଭାଗରେ ଶ୍ରେଷ୍ଠତ୍ୱ ଅର୍ଜନ କରିଥିବା ରସାୟନ ବିଜ୍ଞାନର ଅମନ କୁମାର ଅଗ୍ରୱାଲା, ଗଣିତରେ ଦିବ୍ୟଜ୍ୟୋତି ଧନଞ୍ଜୟ ଜେନା, ପ୍ରାଣୀ ବିଜ୍ଞାନର ଛାତ୍ର ତେଜସ୍ ଏସ୍‌ଙ୍କୁ ରୌପ୍ୟପଦକ ପ୍ରଦାନ କରାଯାଇଥିଲା। ଶ୍ରେଷ୍ଠ ସନ୍ଦର୍ଭ ପାଇଁ ରସାୟନ ବିଜ୍ଞାନର ଯୁଗଲ କିଶୋର, ପ୍ରାଣୀ ବିଜ୍ଞାନର ତେଜସ୍ ଏସ୍, ଗଣିତର ଗୌରୀଶ କୁରପାଲ ଓ ପଦାର୍ଥ ବିଜ୍ଞାନର ଛାତ୍ର ଶୁଭବ୍ରତ ଚାଟାର୍ଜୀ ପୁରସ୍କୃତ ହୋଇଥିଲେ। ପ୍ରତିଷ୍ଠାନ ରେଜିଷ୍ଟ୍ରର ଡ. ଅଭୟ କୁମାର ନାୟକ ସମାରୋହକୁ ପରିଚାଳନା କରିବା ସହ କହିଥିଲେ ଯ, ନାଇଜରରୁ ଉତ୍ତୀର୍ଣ୍ଣ ବିଦ୍ୟାର୍ଥୀ ଗବେଷଣା ଓ ପିଏଚ୍‌ଡି ପାଇଁ ବିଦେଶର ସୁନାମଧନ୍ୟ ବିଶ୍ୱବିଦ୍ୟାଳୟରେ ମନୋନୀତ ହୋଇଛନ୍ତି । ସମାରୋହରେ ଅନ୍ୟମାନଙ୍କ ମଧରେ ନାଇଜରର ଡିନ୍ ପ୍ରଫେସର ଡ. ବିନୋଦ କୁମାର ସାହୁ, ଡ. କାର୍ତ୍ତିକେଶ୍ୱର ସେନାପତି, ଡ. ଦେବସ୍ମିତା ପଙ୍କଜ ଉପସ୍ଥିତ ଥିଲେ।

### ଶିକ୍ଷାବିତ୍‌ଙ୍କ ଶ୍ରାଦ୍ଧବାର୍ଷିକୀ ଉତ୍ସବ

**ଖୋର୍ଦ୍ଧା ଅଫିସ,୧୦।୬**

ଶିକ୍ଷାବିତ୍ ତଥା ବିଶ୍ୱ ହିନ୍ଦୁ ପରିଷଦର ପୂର୍ବତନ ଖୋର୍ଦ୍ଧା ଜିଲା ସଭାପତି ବ୍ରଜନାଥ ଶତପଥୀଙ୍କ ୫ମ ଶ୍ରାଦ୍ଧ ବାର୍ଷିକୀ ଉତ୍ସବ ରବିବାର ଜାଗୁଳାଇପାଟଣାସ୍ଥିତ ଅନନ୍ତ ପୁରୁଷୋତ୍ତମ ଦେବଙ୍କ କ୍ଷେତ୍ରରେ ଅନୁଷ୍ଠିତ ହୋଇଯାଇଛି। ବ୍ରଜନାଥ ଶତପଥୀ ସ୍ମୃତି ସମିତି ପକ୍ଷରୁ ଆୟୋଜିତ ଉତ୍ସବରେ ବରିଷ୍ଠ ନାଗରିକ ବୈକୁଣ୍ଠ ନାଥ ମହାପାତ୍ର ପୌରୋହିତ୍ୟ କରିଥିଲେ। ଏଥିରେ ମୁଖ୍ୟ ଅତିଥିଭାବେ ପୂର୍ବତନ କେନ୍ଦ୍ରପଡ଼ା ଜିଲାପାଳ ଦେବରାଜ ସେନାପତି, ମୁଖ୍ୟବକ୍ତା ଶିକ୍ଷାବିତ୍ ମିହିର ବିଧାର ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧରେ ରାଷ୍ଟ୍ରିୟ ସ୍ୱୟଂ ସେବକ ସଂଘର ପୂର୍ବତନ ଜିଲା ସଂଘ ଚାଳକ ସତ୍ୟ ନାରାୟଣ ପାଣିଗ୍ରାହୀ, ଅନନ୍ତ ପୁରୁଷୋତ୍ତମ ଦେବ ମନ୍ଦିର ପରିଚାଳନା କମିଟିର କୋଷାଧକ୍ଷ ବୀରେନ୍ଦ୍ର ଛୋଟରାୟ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ସାମାଜିକକର୍ମୀ ସୋମନାଥ ପଟ୍ଟନାୟକ ଓ ଶିକ୍ଷାବିତ୍ ହରିହର ନନ୍ଦଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ଜିଲା ପ୍ରକଳ୍ପ ନିର୍ଦ୍ଦେଶକଙ୍କ କୃଷ୍ଣପ୍ରସାଦ ଗସ୍ତ



ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି ପ୍ରକଳ୍ପ ନିର୍ଦ୍ଦେଶକ।

**କୃଷ୍ଣପ୍ରସାଦ,୧୦।୬(ଡି.ଏନ୍.ଏ.)**

ପୁରୀ ଜିଲା ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକକୁ ସୋମବାର ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ନୃସିଂହ ଚରଣ ସ୍ୱାଇଁ ଗସ୍ତ କରିଛନ୍ତି । କୃଷ୍ଣପ୍ରସାଦ ବିଡିଓ ଅଭିମନ୍ୟୁ ମାଝି, ସହକାରୀ ଯନ୍ତ୍ରୀ ଇଂ.ପ୍ରସନ୍ନ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ଫନୀ ବାତ୍ୟାରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ଅରଖକୁଦା, ମାଣିକା, ସାତପଡ଼ା, ପଣସପଦା, ଗୋପୀନାଥପୁର ଆଦି ବିଭିନ୍ନ ସ୍ଥାନ ସ୍ୱାଇଁ ପରିଦର୍ଶନ କରିଥିଲେ । ସେ ବ୍ଲକ କାର୍ଯ୍ୟାଳୟରେ ଏକ ଜରୁରିକାଳୀନ ବୈଠକ ଡକାଇଥିଲେ । ଫନୀ ବାତ୍ୟାରେ ଗୃହ ହରାଇଥିବା ବାସହୀନ ପରିବାରଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଖୁବ୍ ଶୀଘ୍ର ଗୃହ ନିର୍ମାଣ ନିମନ୍ତେ କାର୍ଯ୍ୟାଦେଶ ପ୍ରଦାନ ପାଇଁ ପ୍ରକଳ୍ପ ନିର୍ଦ୍ଦେଶକ ବିଡିଓ, ସହକାରୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସୂଚନାଯୋଗ୍ୟ, ଏହି ବ୍ଲକରେ ଫନୀ ଯୋଗୁ ୮୭ଟି ବିଦ୍ୟାଳୟ ଗୃହ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବାବେଳେ ସେଥିମଧରୁ ୨୧ଟି ବିଦ୍ୟାଳୟ ଗୃହ କାର୍ଯ୍ୟଶେଷ ହୋଇଥିବା ବିଡିଓ ମାଝି ପ୍ରକାଶ କରିଛନ୍ତି । ଆଉ କିଛି ଦିନ ପରେ ବିଦ୍ୟାଳୟଗୁଡ଼ିକ ଖୋଲାଯିବ। ଏଣୁ ମରାମତି କାର୍ଯ୍ୟ ତୁରନ୍ତ ସାରିବାକୁ ପ୍ରକଳ୍ପ ନିର୍ଦ୍ଦେଶକ ଗୁରୁତ୍ୱାରୋପ କରିଛନ୍ତି।

### ମାସିକ ଆସରରେ ସ୍ମୃତିଚାରଣ

**ଖୋର୍ଦ୍ଧା ଅଫିସ,୧୦।୬**

ଖୋର୍ଦ୍ଧା ସାହିତ୍ୟ ସଂସଦର ମାସିକ ଆସର ରବିବାର ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି ପ୍ରାଧ୍ୟାପକ ଗୋପାଳ କୃଷ୍ଣ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଐତିହାସିକ ପ୍ରଫେସର ନାରାୟଣ ରାଓ, ବୈକୁଣ୍ଠ ନାଥ ରାଜଗୁରୁ, ବୃନ୍ଦାବନ ପଣ୍ଡା, ପ୍ରାଧ୍ୟାପକ ଅଶୋକ ରାୟସିଂ ଓ ପ୍ରଫୁଲ୍ଲ ସାମନ୍ତରାୟ ପ୍ରମୁଖ ଯୋଗଦେଇଥିଲେ। ଖୋର୍ଦ୍ଧାର ଶିକ୍ଷାବିତ, ସମାଲୋଚକ, ଶିଶୁ ଲେଖକ, ବକ୍ତା, ଗ୍ରନ୍ଥକାର ଓ ସାମ୍ୟବାଦୀ ଲକ୍ଷ୍ମୀନାରାୟଣ ରାୟସିଂହଙ୍କ ବିୟୋଗରେ ସ୍ମୃତିଚାରଣ କରାଯାଇଥିଲା।

**ଶିଶୁପୁତ୍ର ମୃତ୍ୟୁକୁ ନେଇ ଉତ୍ତେଜନା ଘଟଣା**

### କାର୍ଯ୍ୟରେ ଯୋଗଦେଲେ ଆଶା, ମହିଳା ସ୍ୱାସ୍ଥ୍ୟକର୍ମୀ

**ନିରାକାରପୁର,୧୦।୬(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତ ମଞ୍ଜାରିଆ ପାଟଣା ଗ୍ରାମର ଏକ ଦଳିତ ପରିବାରରେ ରବିବାର ଅପରାହ୍ନରେ ଏକ ଦୁଃଖଦ ଘଟଣା ଦେଖିବାକୁ ମିଳିଥିଲା। ଗତ ମେ ରେ ଜନ୍ମିତ ଶିଶୁର ତଦାରଖ ହେଉ ନ ଥିବା ନେଇ ପରିବାର ପକ୍ଷରୁ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଅଭିଯୋଗ ହୋଇଥିଲା। ଶିଶୁର ମୃତ୍ୟୁପରେ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇବା ସହ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କୁ ଘରେ ତାଲା ପକାଇ ଦେଇଥିଲେ। ପରେ ପ୍ରଶାସନ କ୍ଷତିପୂରଣ ଓ ବୁଝାଶୁଝା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ଶେଷରେ ଆଶା କର୍ମୀ ଓ ମହିଳା ସ୍ୱାସ୍ଥ୍ୟ କର୍ମୀଙ୍କୁ ଟାଙ୍ଗୀ ଗୋଷ୍ଠୀକେନ୍ଦ୍ରରେ ଯୋଗଦେଇଥିଲେ।

### ଅହମଦୀୟା ମୁସଲିମ ସିନିୟର ଚାମ୍ପିୟନ

**ଖୋର୍ଦ୍ଧା ଅଫିସ, ୧୦।୬**

ଖୋର୍ଦ୍ଧା ଉପକଣ୍ଠ କେରଙ୍ଗ ଅହମଦୀୟା ମୁସଲିମ କ୍ରିକେଟ ଆସୋସିଏଶନ ଆନୁକୁଲ୍ୟରେ କେରଙ୍ଗ ସରକାରୀ ଚିକିତ୍ସାଳୟ ପଡ଼ିଆ ଠାରେ ଦ୍ୱିତୀୟ ଏକଦିବସୀୟ କେରଙ୍ଗ ପ୍ରେମିୟମ ଲିଗ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଅହମଦୀୟା ମୁସଲିମ ସିନିୟର ବିଜୟୀ ହୋଇଛି। ଟସ୍ ଜିତି ପ୍ରଥମେ ଅହମଦୀୟା ମୁସଲିମ ସିନିୟର ଦଳ ନିର୍ଦ୍ଧାରିତ ୭ ଓଭରରେ ୯୦ ରନ ସଂଗ୍ରହ କରିଥିଲେ। ଜବାବରେ ରେଡ଼ ବ୍ଲୁ ଦଳ ୬୦ରନ କରି ଅଲଆଉଟ ହୋଇଯାଇଥିଲେ। ଏହି ଟୁର୍ନାମେଣ୍ଟରେ ମଗଫୁର ହୁସେନ ମ୍ୟାନ ଅଫ ଦି ମ୍ୟାଚ୍ ଏବଂ ମ୍ୟାନ୍ ଅଫ୍ ଦ ସିରିଜ ହୋଇଥିଲେ। ଚାମ୍ପିୟନ ଦଳକୁ ୫ହଜାର ଟଙ୍କା ଏବଂ ଟ୍ରଫି ପ୍ରଦାନ କରାଯାଇଥିବା ବେଳେ ରନର୍ସ ଅପ ଦଳକୁ ୩ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଅସଗର ଅଲ୍ଲୀ ଏବଂ ସେକ ସାବୁଜାନ ଖେଳ ପରିଚାଳନା କରିଥିଲେ। ଏହି କେପିଏଲରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ।



ଅତିଥିଙ୍କ ଗହଣରେ ବିଜୟୀ ଦଳ।

■ ଘରଭଙ୍ଗା ତାଲିକାରେ ନାଁ ନ ଥିବା ଅଭିଯୋଗ

# ତହସିଲ ଅଫିସ ଘେରାଉ କଲେ ବିପନ୍ନ

**ଖୋର୍ଦ୍ଧା ଅଫିସ,୧୦।୬**



ତହସିଲ କାର୍ଯ୍ୟାଳୟ ଘେରାଉ।

ବାତ୍ୟା 'ଫନୀ'ରେ ବଦଳିଗଲା ଖୋର୍ଦ୍ଧା ଜିଲାର ଚିତ୍ର। ବାତ୍ୟାରେ ଜିଲାର ବହୁ ଲୋକଙ୍କ ଘର ଭାଙ୍ଗିଥିଲେ ମଧ ଘରଭଙ୍ଗା ତାଲିକାରେ ନାଁ ନାହିଁ। ଫଳରେ ବିପନ୍ନଙ୍କ ମଧରେ ଅସନ୍ତୋଷ ଦେଖାଯାଇଛି। ଏନେଇ ସୋମବାର ନରଣଗଡ, ମାନପୁରର ବାତ୍ୟା ବିପନ୍ନମାନେ ସୋମବାର ଖୋର୍ଦ୍ଧା ତହସିଲ କାର୍ଯ୍ୟାଳୟକୁ ଘେରାଉ କରିଥିଲେ। ତହସିଲଦାରଙ୍କ ଅନୁପସ୍ଥିତିରେ ଅତିରିକ୍ତ ତହସିଲଦାରଙ୍କୁ ଏକ ସ୍ମାରକପତ୍ର ଦେଇଛନ୍ତି। ଘର ଭାଙ୍ଗିଥିଲେ ସହାୟତା ମିଳିବ ବୋଲି ଆଶ୍ୱସନା ମିଳିଛି। ଘରଭଙ୍ଗା ସର୍ଭେ କରୁଥିବା କର୍ମଚାରୀ ସ୍ଥାନୀୟ ନେତାଙ୍କ ପ୍ରଭାବରେ ଘରେ ବସି ରିପୋର୍ଟ କରୁଥିବା ଅଭିଯୋଗ ହେଉଛି। ଜିଲାର ଅଧିକାଂଶ ବିପନ୍ନ ଚାଉଳ ଓ ୨ହଜାର ଟଙ୍କା ପାଇଛନ୍ତି। ହେଲେ ସେମାନଙ୍କୁ ପଲିଥିନ୍ କି ବଦଳରେ ୫୦୦ଟଙ୍କା ମିଳି ନାହିଁ। ନରଣଗଡର ପ୍ରକାଶ କାଣ୍ଡି କୁହନ୍ତି, ମୋ ଘର ଭାଙ୍ଗଛି। ସରକାର ଘର ଉପରେ ପଲିଥିନ ପକାଇବାକୁ ଦେଲେ ନାହିଁ। ମାତ୍ର ୨ ହଜାର ଟଙ୍କା ଓ ୫୦କେଜି ଚାଉଳ ମିଳିଛି। ଘର ଭାଙ୍ଗିଛି କି ନାହିଁ ତଦନ୍ତ କରାଯାଇ ସହାୟତା ଦିଆଯାଉ ବୋଲି ସେ କହିଛନ୍ତି। ମାନପୁରର ଶିବ ମାଟି କୁହନ୍ତି, ଘର ଭାଙ୍ଗିଥିବା ପରିବାରର ଘରଭଙ୍ଗା ତାଲିକାରେ ନାଁ ନାହିଁ। ଯେଉଁମାନଙ୍କର ଘର ଭାଙ୍ଗିନି ସେମାନଙ୍କର ନାଁ ସାମିଲ କିପରି ହେଉଛି। ଯାହାକି ଘରଭଙ୍ଗା ତାଲିକାର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ବାଣପୁରର ସୁଦାମା ସାହୁ କୁହନ୍ତି, ଘରଭଙ୍ଗା ତାଲିକା ପ୍ରସ୍ତୁତି ପାଇଁ ରାଜନୀତି ହେଉଛି। ଲବି କି ହାତଗୁଞ୍ଜା ନ ଦେଲେ ନାଁ ସାମିଲ ହେଉନି। ଏହାର ତଦନ୍ତ କରାଯାଉ ବୋଲି ସାଧାରଣରେ ଦାବି ହେଉଛି।

**ରାଶନକାର୍ଡ ନ ଥିବା ବିପନ୍ନ ହନ୍ତସନ୍ତ**

ରାଶନ କାର୍ଡ ନ ଥିବାରୁ ମିଳିଲା ନାହିଁ ୨ହଜାର ଟଙ୍କା ଓ ୫୦କେଜି ଚାଉଳ। ପୁଣି ପଲିଥିନ୍ କି ବଦଳରେ ୫୦୦ଟଙ୍କା ମିଳିଲା ନାହିଁ । ରିଲିଫ୍ ପାଇବା ପାଇଁ ବିଡିଓ, ତହସିଲଦାର, ଉପଜିଲାପାଳ, ଜିଲାପାଳଙ୍କ କାର୍ଯ୍ୟାଳୟକୁ ବିପନ୍ନମାନେ ଯାଉଥିଲେ ମଧ ପ୍ରତିକାର ହେଉନାହିଁ। ଘର ଭାଙ୍ଗିଥିଲେ ମଧ ଘରଭଙ୍ଗା ତାଲିକାରେ ନାଁ ରହିଲା ନାହିଁ। କେତେଜଣ ରାଶନ କାର୍ଡ ନ ଥିବା ବିପନ୍ନଙ୍କୁ ସହାୟତା ଦେବାକୁ ପ୍ରଶାସନ ଉଦ୍ୟମ ଆରମ୍ଭ କରିଛି। ଯେଉଁମାନେ

**■ମିଳିଲାନି ପଲିଥିନ୍ କି ବଦଳରେ ୫୦୦ଟଙ୍କା**

ପିଠା ଯୋଜନାରେ ରାଶନ କାର୍ଡ ପାଇବା ପାଇଁ ଆବେଦନ କରିଥିଲେ ସେମାନେ ଉପକୃତ ହେବେ ବୋଲି ଜଣାପଡିଛି। ଏ ସମ୍ପର୍କରେ ନରଣଗଡର ଭାସ୍କର ଗୁମାନ ସିଂ କୁହନ୍ତି, ରାଶନ କାର୍ଡ ନ ଥିବାରୁ ଆମେ ଅବହେଳିତ ଓ ଉପେକ୍ଷିତ। ଘର ଭାଙ୍ଗିବା ପରେ ଅଭିଶପ୍ତ ଜୀବନଯାପନ କଟାଉଛୁ। ନରଣଗଡର ଶୁଭ୍ରଭାନୁ ନରେନ୍ଦ୍ର ସିଂ କୁହନ୍ତି, ବାତ୍ୟା ଧନୀ, ଗରିବ ଭେଦଭାବ କରିନଥିଲା। ବାତ୍ୟା ପରେ ପ୍ରଶାସନ ଧନୀ, ଗରିବରେ ପାତର ଅନ୍ତର କରୁଛନ୍ତି। ଫଳରେ ପ୍ରକୃତ କ୍ଷତିଗ୍ରସ୍ତ ଦୁର୍ଦ୍ଦିନରେ ଜୀବନଯାପନ କରୁଛନ୍ତି। ବେଗୁନିଆର ସିତା ପ୍ରଧାନ କୁହନ୍ତି, ରାଶନ କାର୍ଡ ନ ଥିବା ବିପନ୍ନଙ୍କୁ ବାତ୍ୟା ସହାୟତା ନ ଦେବା କେଉଁ ଆଇନରେ ଲେଖା ଅଛି। ବାତ୍ୟା କ'ଣ କେବଳ ରାଶନ କାର୍ଡଧାରୀଙ୍କ ଘରକୁ ଭାଙ୍ଗିଛି। ସରକାର ରାଶନ କାର୍ଡଧାରୀଙ୍କ ପାଇଁ ପ୍ୟାକେଜ କଲେ ଅନ୍ୟମାନଙ୍କୁ ଭୁଲିଗଲେ। ନିର୍ବାଚନ ପୂର୍ବରୁ ବାତ୍ୟା ହୋଇଥିଲେ ସରକାରଙ୍କୁ ବିପନ୍ନମାନେ ଭୋଟରେ ଜବାବ ଦେଇଥାନ୍ତେ।



ସବୁଠାରୁ ଅଳ୍ପରେ ସିଏ ସନ୍ତୁଷ୍ଟ ହୋଇପାରିଲା, ସେ ହିଁ ସଂସାରରେ ଶ୍ରେଷ୍ଠ ଧନୀ। କାରଣ ସନ୍ତୋଷ ହିଁ ପ୍ରକୃତ ସମ୍ପଦ।
- ସକ୍ରେଟିସ୍



## ସଂକ୍ଷେପରେ

### ଜାଗାକୁ ନେଇ ଉତ୍ତୁଙ୍ଗି ବିବାଦ ଉପଜିଲାପାଳଙ୍କ ଦ୍ୱାରସ୍ଥ ବାଲିପଡ଼ିଆବାସୀ

**ପୁରୀ ଅଫିସ,୧୦।୬:** ପୁରୀ ସଦର ଥାନା ଅଧୀନ ଗୋରୁଆଳ ପଞ୍ଚାୟତର ବାଲିପଡ଼ିଆ ଓ ଗୋରୁଆଳ ଗ୍ରାମ ମଧ୍ୟରେ ଅନାବାଦୀ ଜାଗାକୁ ନେଇ ବିବାଦ ଲାଗିରହିଛି। ଏବେ ସେହି ଅନାବାଦୀ ଜାଗାରୁ ଗଛକଟା ଆଶଙ୍କାରେ ଉଭୟ ଗ୍ରାମବାସୀ ମୁହାଁମୁହିଁ ହୋଇଛନ୍ତି। ବାଲିପଡ଼ିଆ ଗ୍ରାମବାସୀ ସୋମବାର ଉପଜିଲାପାଳଙ୍କୁ ଭେଟି ଏ ସଂକ୍ରାନ୍ତରେ ଅଭିଯୋଗ ଜଣାଇବା ସହ ବିବାଦ ସମାଧାନ ପାଇଁ ପ୍ରଶାସନର ହସ୍ତକ୍ଷେପ ଲୋଡ଼ିଛନ୍ତି। ଅଭିଯୋଗରେ ଦର୍ଶାଯାଇଛି ଯେ, ଗୋରୁଆଳ ରାଜସ୍ୱ ଗ୍ରାମର ଏକ ପଡ଼ା ଗ୍ରାମ ହେଉଛି ବାଲିପଡ଼ିଆ। ଏହି ଗାଁ ନିକଟ ସରକାରୀ ଅନାବାଦୀ ଖାତା ନଂ. ୧୨୫୫, ପ୍ଲଟ ନଂ. ୨୮୫୬ ଏବଂ ଖାତା ନଂ.୧୨୮୫ରେ ପ୍ଲଟ ନଂ. ୬୭୫ର ସମ୍ପତ୍ତିକୁ ଗ୍ରାମବାସୀ ବ୍ୟବହାର କରୁଛନ୍ତି। ଏଥିରେ ସେମାନେ ହଜାର ହଜାର ଆକାଶିଆ, ଝାଉଁ ଆଦି ଗଛ ଲଗାଇଥିଲେ। ଉକ୍ତ ଜମିକୁ ନେଇ ଦୀର୍ଘଦିନ ହେଲା ଉଭୟ ଗ୍ରାମ ମଧ୍ୟରେ ବିବାଦ ଲାଗି ରହିଛି। ଏ ନେଇ ସଦର ଥାନାରେ କେସ୍ ନଂ. ୯୯/୧୫ ରୁଜୁ ହୋଇଥିଲା। ପୋଲିସ ଉକ୍ତ ମାମଲାରେ ଗୋରୁଆଳ ଗ୍ରାମର ପ୍ରାୟ ୮୦ଜଣଙ୍କୁ ଗିରଫ କରି ଜେଲ୍ ପଠାଇଥିଲା। ଆଜି ପର୍ଯ୍ୟନ୍ତ ବିବାଦର ସମାଧାନ ହୋଇପାରିନାହିଁ। ଗତ ବାତ୍ୟାରେ ସେହି ଜମିରେ ଲାଗିଥିବା ଲକ୍ଷାଧିକ ଟଙ୍କାର ଗଛ ଭାଙ୍ଗିଯାଇଛି। ସେଗୁଡ଼ିକୁ ଗୋରୁଆଳ ଗ୍ରାମବାସୀ ନେଇଯାଇପାରନ୍ତି। ଏଥିଯୋଗୁ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି। ତେଣୁ ଜିଲା ପ୍ରଶାସନ ଏଥିରେ ହସ୍ତକ୍ଷେପ କରିବାକୁ ବାଲିପଡିଆ ଗ୍ରାମବାସୀ ନିବେଦନ କରିଛନ୍ତି।

### ଛାତ୍ରୀଛାତ୍ରଙ୍କୁ ଓଏନଜିସି ଦେଲା ସୌର ଲଣ୍ଠନ

**ବ୍ରହ୍ମଗିରି, ୧୦।୬(ଡି.ଏନ୍.ଏ.):** ଫନୀ ପରେ ବ୍ରହ୍ମଗିରି ଅଞ୍ଚଳରେ ବିଦ୍ୟୁତ୍ ସେବା ବିପର୍ଯ୍ୟସ୍ତ ହୋଇପଡିଛି। ଏବେ ବି ଅନେକ ଗାଁ ଅନ୍ଧାରରେ ରହିଛି। ଏଥିଯୋଗୁ ଛାତ୍ରୀଛାତ୍ରଙ୍କ ପାଠ ପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଛି। ଓଏନଜିସି ପକ୍ଷରୁ ବ୍ରହ୍ମଗିରି ବ୍ଲକ ଆମ୍ବପଡା ପଞ୍ଚାୟତରେ ତୋରଣ ଭୋଇସାହି, ବାମୁଣ୍ଡି, କଣ୍ଟିକେରା ଗ୍ରାମରେ ସୌର ଲଣ୍ଠନ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ଓଏନଜିସିର ଅତିରିକ୍ତ ନିର୍ଦ୍ଦେଶକ ଶ୍ରୀବତ୍ସ କୁମାର ଦାସ, ଜେନେରାଲ ମ୍ୟାନେଜର ଶିବାଜୀ ସେନ ଗୁପ୍ତା, ପ୍ରଦୀପ୍ତ କୁମାର ଦାସ, ଗ୍ରାମ ଉତ୍ଥାନର ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ଦାସ, ମିଶନ ଓଡ଼ିଶାର ସମ୍ପାଦକ ମଧୁସୂଦନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ୧୪ରୁ ରଜ ମହୋତ୍ସବ

**ପୁରୀ ଅଫିସ, ୧୦।୬:** ନୀଳାଦ୍ରି କଲଚୁରାଲ ଏକାଡେମୀ ପକ୍ଷରୁ ସ୍ଥାନୀୟ ମୁକ୍ତାକାଶ ରଙ୍ଗମଞ୍ଚରେ ଆଗାମୀ ୧୪ତାରିଖଠାରୁ ୩ଦିନ ବ୍ୟାପୀ ରଜ ମହୋତ୍ସବ ଆୟୋଜନ ହେବ। ଏଥିଲାଗି ପୋଲିସ ଲାଇନ ସ୍କୁଲ ପରିସରରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏକାଡେମୀ ସଭାପତି ପ୍ରଦ୍ୟୁମ୍ନ ମିଶ୍ର, ସମ୍ପାଦକ ପ୍ରମୋଦ ଜେନା, କାର୍ଯ୍ୟକାରୀ ସଭାପତି ଷ୍ଟାଲିନ ପରିଜା, ସାଂସ୍କୃତିକ ସମ୍ପାଦକ ଯୋଗେନ୍ଦ୍ର ପାତ୍ର ଓ ସହସମ୍ପାଦକ ମନୋଜ ମଣ୍ଡଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ମହୋତ୍ସବରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ଦିଆଯିବା ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି ସଙ୍ଗଠନ ପକ୍ଷରୁ କୁହାଯାଇଛି।

# ନିରାମୟ ଯୋଜନା ପାଲଟିଛି ପ୍ରହସନ

**ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟ**
- ରୋଗୀ ବାହାରୁ କିଣୁଛନ୍ତି ଔଷଧ
- ଖାଲିପଡ଼ିଛି ବହୁ ଡାକ୍ତର ପଦବୀ




**ପୁରୀ ଅଫିସ, ୧୦।୬**

ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ପାନୀୟଜଳ, ଡାକ୍ତର ଅଭାବ ସମେତ ନାନା ସମସ୍ୟା ଲାଗିରହିଛି। ଏଠାରେ ଉପଯୁକ୍ତ ସେବା ମିଳୁନି। ନିରାମୟ ଯୋଜନା ପ୍ରହସନ ପାଲଟିଛି। ରୋଗୀଙ୍କୁ ଅଯଥା ଖର୍ଚ୍ଚାନ୍ତ ହୋଇ ବାହାରୁ ଔଷଧ କିଣିବାକୁ ପଡୁଛି। ସେହିପରି ଦଲାଲଙ୍କ ପ୍ରାଦୁର୍ଭାବ ଯୋଗୁ ରୋଗୀ ଅନେକ ସମୟରେ ଶୋଷଣର ଶିକାର ହେଉଛନ୍ତି।

ଆଇଏସ୍‌ଓ ମାନ୍ୟତାପ୍ରାପ୍ତ ଏହି ଚିକିତ୍ସାଳୟ ଉପରେ ଜିଲାବାସୀ ନିର୍ଭର କରନ୍ତି। ତେବେ ଆବଶ୍ୟକ ସଂଖ୍ୟକ ଡାକ୍ତର ଓ କର୍ମଚାରୀ ନ ଥିବାରୁ ରୋଗୀ ଉପଯୁକ୍ତ ସେବା ପାଇପାରୁନାହାନ୍ତି। ଅନ୍ୟପଟେ ଓପିଡିରେ ଅନେକ ସମୟରେ ଡାକ୍ତର ଅନୁପସ୍ଥିତ ରହୁଛନ୍ତି। ଫଳରେ ଗୁରୁତର ରୋଗୀ ହଇରାଣ ହେଉଛନ୍ତି। ଡାକ୍ତରମାନେ ନାମକୁ ମାତ୍ର ଗୋଟିଏ କିମ୍ବା ଦୁଇଟି ନିରାମୟ ଔଷଧ ଲେଖୁଥିବାବେଳେ ବହୁ ଔଷଧ ବାହାରୁ କିଣିବାକୁ କହୁଛନ୍ତି। ଫଳରେ ରୋଗୀ ଅଧିକ ଖର୍ଚ୍ଚାନ୍ତ ହେଉଛନ୍ତି। ଏହି ଚିକିତ୍ସାଳୟରେ ନିରାମୟ ଯୋଜନା ଏକପ୍ରକାର ପ୍ରହସନ ପାଲଟିଛି ବୋଲି ସାମାଜିକ କର୍ମୀ ପ୍ରସନ୍ନ ଦାଶ ଅଭିଯୋଗ କରିଛନ୍ତି। ସେହିପରି ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ସନ୍ଧ୍ୟା ପରେ ଏକ୍ସରେ, ପାଥୋଲୋଜି ଓ ସିଟି ସ୍କାନ ସେବା ମିଳୁନାହିଁ। ବାହାରୁ ଚଢ଼ା ଦରରେ ସିଟି ସ୍କାନ କରିବାକୁ ବାଧ୍ୟ ହେଉଛନ୍ତି ରୋଗୀ। ଖାଲି ପଡ଼ିଥିବା ଡାକ୍ତର ପଦବୀ ପୂରଣ ପାଇଁ ସ୍ୱାସ୍ଥ୍ୟ ବିଭାଗ ଗୁରୁତ୍ୱ ଦେଉନାହିଁ ବୋଲି ମାନବାଧିକାର କର୍ମୀ ଚନ୍ଦ୍ରଶେଖର ମିଶ୍ର କହିଛନ୍ତି।

୨୦୧୫ ନବକଳେବର ସମୟରେ ସାତମହଲା ବିଶିଷ୍ଟ ପ୍ରସୂତିକାଳୀନ ଏବଂ ଶିଶୁ ସୁରକ୍ଷା କେନ୍ଦ୍ର(ଏମ୍‌ସିଏଚ୍) ନିର୍ମାଣ ହୋଇଥିଲା। ଏହି କୋଠାରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଅନେକ ସମୟରେ ଶୌଚାଳୟ ପାଣି ବିଭିନ୍ନ ୱାର୍ଡରେ ପଶୁଛି। ନିମ୍ନମାନର ଯନ୍ତ୍ରାଂଶ ଯୋଗୁ ଏମ୍‌ସିଏଚ୍ କୋଠାରେ ଥିବା ଦୁଇଟି ଲିଫ୍ଟ ବାରମ୍ବାର ଅଚଳ ହେଉଛି। ଗତ ଏକବର୍ଷ ମଧ୍ୟରେ ୬୦ରୁ ଊର୍ଦ୍ଧ୍ୱ ଥର ଲିଫ୍ଟ ଅଚଳ ହେଲାଣି। ଅନେକ ସମୟରେ ଶର୍ଟ ସର୍କିଟ ହେବାର ଆଶଙ୍କା ରହୁଛି। ଗର୍ଭବତୀ ଓ ପ୍ରସୂତି ମହିଳାମାନଙ୍କୁ କଷ୍ଟେମଷ୍ଟେ ସାତମହଲା କୋଠାର ଶିଡ଼ି ଚଢ଼ି ଯାତାୟତ କରିବାକୁ ପଡୁଛି। ସେହିପରି ଚିକିତ୍ସାଳୟରେ ପାନୀୟଜଳ ସମସ୍ୟା ଦୂର ହୋଇପାରିନାହିଁ। ଏସବୁ ସମସ୍ୟା ପ୍ରତି କର୍ତ୍ତୃପକ୍ଷ ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହେଉଛି। ଏ ନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଅମରେନ୍ଦ୍ର ମହାନ୍ତି କହିଛନ୍ତି, ଚିକିତ୍ସାଳୟର ସ୍ୱାସ୍ଥ୍ୟସେବାରେ ସୁଧାର ଆଣିବା ଲାଗି ସମସ୍ତ ପ୍ରୟାସ ଜାରି ରହିଛି। ପାନୀୟଜଳ ଓ ପରିମଳ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଉଛି।



ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାସ ହିତାଧିକାରୀଙ୍କୁ ଭତ୍ତା ବାଣ୍ଟୁଛନ୍ତି।

## ହିତାଧିକାରୀଙ୍କୁ ଭତ୍ତା ବାଣ୍ଟିଲେ ଗଣଶିକ୍ଷା ମନ୍ତ୍ରୀ

**ଗୋପ, ୧୦।୬(ଡି.ଏନ୍.ଏ.)**

ନିମାପଡ଼ା ବିଧାୟକ ତଥା ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଗୋପ ବ୍ଲକ୍‌ର ବିଭିନ୍ନ ପଞ୍ଚାୟତର ୧୬୦ ଜଣ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରିଛନ୍ତି। ବିଭିନ୍ନ ଭତ୍ତା ଯୋଜନାରେ ନୂତନ ଭାବେ ସାମିଲ ହିତାଧିକାରୀଙ୍କୁ ମନ୍ତ୍ରୀ ଦାଶ ଭତ୍ତା ଟଙ୍କା ସହ ଭତ୍ତା ବହି ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବିଡିଓ ଦୀପ୍ତିରାଣୀ ଦାସ, ସୁକାନ୍ତ କୁମାର ମହାନ୍ତି, ତ୍ରୈଲୋଚନ ସାହୁ, ମନଦୀପ୍ ପାଇକରାୟ, ପ୍ରତାପ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

## ଆଜି ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ

**ପୁରୀ ଅଫିସ,୧୦।୬**

ଶ୍ରୀମନ୍ଦିର ପରିଚାଳନା କମିଟିର ବୈଠକ ମଙ୍ଗଳବାର ଅନୁଷ୍ଠିତ ହେବ। ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ପୂର୍ବାହ୍ନ ୧୧ଟାରେ ହେବାକୁ ଥିବା ଏହି ବୈଠକରେ ଗଜପତି ମହାରାଜା ଅଧ୍ୟକ୍ଷତା କରିବେ। ଏଥିରେ ସ୍ନାନଯାତ୍ରା, ରଥଯାତ୍ରା, ବାହୁଡ଼ା, ସୁନାବେଶ, ଅଧରପଣା, ନିଳାଦ୍ରୀବିଜେର ନୀତି ନିର୍ଘଣ୍ଟ ଚୂଡ଼ାନ୍ତ ହୋଇ ଅନୁମୋଦନ କରାଯିବ। ଏଥିସହ ସ୍ନାନଯାତ୍ରା, ରଥଯାତ୍ରା, ବାହୁଡ଼ା ଯାତ୍ରା ବ୍ୟବସ୍ଥାବଳୀ ସମ୍ପର୍କରେ ବିସ୍ତୃତ ଭାବେ ତର୍ଜମା କରାଯିବ। ଗତ ୫ତାରିଖରେ ଅନୁଷ୍ଠିତ ନୀତି ସବ୍‌କମିଟି ଏବଂ ୯ତାରିଖରେ ହୋଇଥିବା ଛତିଶା ନିଯୋଗ ବୈଠକରେ ଉପରୋକ୍ତ ନୀତି ନିର୍ଘଣ୍ଟ ହୋଇଥିଲା।



ପୁରୀ ବେଳାଭୂମିରେ ନିୟୋଜିତ ଲାଇଫ୍ ଗାର୍ଡମାନଙ୍କୁ ସୋମବାର ଧାମରା ପୋର୍ଟ, ପୁରୀ ପୋଲିସ ଓ ଓଡ଼ିଶା ଇକୋଟୁରିଜିମ୍ ଫାଉଣ୍ଡେଶନ ପକ୍ଷରୁ ଚେୟାର ବଣ୍ଟନ କରାଯାଉଛି।

■ ବିନା ରେକର୍ଡରେ ବାଳାଶ୍ରମରେ ରହୁଛନ୍ତି ନାବାଳକ

## ଥାନାରେ ଗଡୁଛି ନିଖୋଜ ମାମଲା

**ପୁରୀ ଅଫିସ, ୧୦।୬**

ପୁରୀସ୍ଥିତ ଉତ୍କଳ ବାଳାଶ୍ରମରେ ସୁରକ୍ଷିତ ନୁହନ୍ତି ଅନ୍ତେବାସୀ। ବିଭିନ୍ନ ସମୟରେ ବାଳାଶ୍ରମରୁ ଅନ୍ତେବାସୀ ଚମ୍ପଟ ମାରୁଥିବା ଅଭିଯୋଗ ହେଉଛି। କିଛିଦିନ ତଳେ ଜଣେ ନାବାଳିକା ସ୍କାଏ ଲାଇଟ ଭାଙ୍ଗି ଫେରାର ହୋଇଯାଇଥିଲେ। ପରେ ତାଙ୍କୁ କୁମ୍ଭାରପଡ଼ା ଥାନା ପୋଲିସ ଉଦ୍ଧାର କରି ଚାଇଲ୍ଡ ଲାଇନକୁ ହସ୍ତାନ୍ତରିତ କରିଥିଲା। ଜିଲା ଶିଶୁ କଲ୍ୟାଣ କମିଟି (ସିଡବ୍ଲ୍ୟୁସି) ସହାୟତାରେ ତାଙ୍କୁ ବାଳାଶ୍ରମକୁ ଫେରାଇ ଅଣାଯାଇଥିଲା। ଏଭଳି ଘଟଣା ପ୍ରତି ଜିଲା ପ୍ରଶାସନ ବିଶେଷ ଗୁରୁତ୍ୱ ଦେଉଥିବା ମନେ ହେଉନାହିଁ। ଅନ୍ୟପଟେ ବିନା ରେକର୍ଡପତ୍ରରେ ଜଣେ ନାବାଳକ ବାଳାଶ୍ରମରେ ରହୁଥିବା ଜଣାପଡ଼ିଛି। ଏ ନେଇ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନାହିଁ।

ସୂଚନା ଅନୁଯାୟୀ, ଜିଲା ଶିଶୁ ମଙ୍ଗଳ କମିଟି (ସିଡବ୍ଲ୍ୟୁସି) ନିର୍ଦ୍ଦେଶ କ୍ରମେ ବାଳାଶ୍ରମରୁ ଜନୈକ ନାବାଳକଙ୍କୁ ଭୂଦାନ ଅଞ୍ଚଳରେ ଥିବା ଶିଶୁ ଯତ୍ନ ୟୁନିଟ 'ଆଦୃତା'କୁ ପଠାଯାଇଥିଲା। ଏହାର ପରଦିନ ସମ୍ପୃକ୍ତ ନାବାଳକ ସେଠାରୁ ଚମ୍ପଟ ମାରିଥିଲେ। ଏ ନେଇ ଆଦୃତା କର୍ତ୍ତୃପକ୍ଷ ତାଳବଣିଆ ଥାନାରେ ନିଖୋଜ ଅଭିଯୋଗ କରିଥିଲେ। ପରେ ନାବାଳକ ଜଣକ ବାଳାଶ୍ରମକୁ ଫେରିଯାଇଥିଲେ। ଏ ସଂକ୍ରାନ୍ତରେ ସିଡବ୍ଲ୍ୟୁସି ଚେୟାରମ୍ୟାନ ରୁଦ୍ର ମହାବୀର ନାରାୟଣ ସାହୁ କହିଛନ୍ତି, ସମର କ୍ୟାମ୍ପରେ ଚିତ୍ରାଙ୍କନ ଶିକ୍ଷା ଗ୍ରହଣ ଲାଗି ଉକ୍ତ ନାବାଳକଙ୍କୁ ସେଠାକୁ ପଠାଯାଇଥିଲା। ସେ ବାଳାଶ୍ରମକୁ ଫେରିଯାଇଥିବା ଖବର ପାଇ ବାଳାଶ୍ରମ ତତ୍ତ୍ୱାବଧାରକ ସାରଙ୍ଗଧର ମହାପାତ୍ରଙ୍କ ସହ ଆଲୋଚନା କରିଥିଲି। ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ତାଙ୍କୁ ସେଠାରେ ରଖାଯାଇଛି। ତେବେ କାହିଁକି ଏ ସଂକ୍ରାନ୍ତରେ ସିଡବ୍ଲ୍ୟୁସିକୁ ଅବଗତ କରାଯାଇନାହିଁ ବୋଲି ତାଙ୍କୁ ପଚାରିବାରେ ସେ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିବା କହିଥିଲେ। ଅନ୍ୟପକ୍ଷରେ ଏ ନେଇ ବାଳାଶ୍ରମ ତତ୍ତ୍ୱାବଧାରକଙ୍କ ମୋବାଇଲ୍‌କୁ ଫୋନ୍ କରାଯିବା ସତ୍ତ୍ୱେ ସେ କିଛି ଉତ୍ତର ଦେଇ ନ ଥିଲେ। ବାଳାଶ୍ରମରେ ପିଲାମାନଙ୍କୁ ପ୍ରଶାସନ ପକ୍ଷରୁ ସମସ୍ତ ସୁବିଧା ସୁଯୋଗ ଦିଆଯାଉଛି। ତାହା ସତ୍ତ୍ୱେ ପିଲା ଚାଲିଯିବାକୁ ଉଦ୍ୟମ କରିବା ଯୋଗୁ ବିଭିନ୍ନ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ବାଳାଶ୍ରମରେ ଆବଶ୍ୟକତାଠାରୁ କମ୍‌ସଂଖ୍ୟକ କର୍ମଚାରୀ ରହିଛନ୍ତି। ଗୋଟିଏ କ୍ୟାମ୍ପସରେ ପୁଅ ଓ ଝିଅ ରହୁଛନ୍ତି। ଏଣୁ କୌଣସି ଅଘଟଣକୁ ସହଜେ ଏଡ଼ାଇ ଦିଆଯାଇ ନ ପାରେ। ଏ ନେଇ ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ ତ୍ରିପାଠୀ କହିଛନ୍ତି, ସମ୍ପୃକ୍ତ ନାବାଳକ ଅନ୍ୟତ୍ର ରହିବାକୁ ଅନିଚ୍ଛା ପ୍ରକାଶ କରି ଫେରିଆସିଥିବା ମୋତେ ଜଣାଇଥିଲେ। ତେଣୁ ତାଙ୍କୁ ବାଳାଶ୍ରମରେ ରଖିବା ଲାଗି ତତ୍ତ୍ୱାବଧାରକଙ୍କୁ ମୌଖିକ ଭାବେ କହିଥିଲି। ମୁଁ ନିୟମିତ ବ୍ୟବଧାନରେ ପିଲାଙ୍କ ସହ ସେମାନଙ୍କ ସୁବିଧା ଅସୁବିଧା ସମ୍ପର୍କରେ ଆଲୋଚନା କରୁଛି। ବାଳାଶ୍ରମରେ କର୍ମଚାରୀ ଆବଶ୍ୟକତା ସଂକ୍ରାନ୍ତରେ ଖୁବ୍‌ଶୀଘ୍ର ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବି।

## 'ପ୍ରାଚ୍ୟ-ପାଶ୍ଚାତ୍ୟ ଓ ପ୍ରାଦେଶିକ ସାହିତ୍ୟତତ୍ତ୍ୱ' ପୁସ୍ତକ ଲୋକାର୍ପିତ



ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

**ପୁରୀ ଅଫିସ, ୧୦।୬**

ସମାଲୋଚନା ସାହିତ୍ୟ ଯୋଗୁ ଗୋଟିଏ ଭାଷାର ସର୍ଜନଶୀଳ ସାହିତ୍ୟର ମୂଲ୍ୟବୃଦ୍ଧି ହୋଇଥାଏ। ଜଣେ ସଫଳ ସମାଲୋଚକ ହେବା ପାଇଁ ବିସ୍ତୃତ ଅଧ୍ୟୟନ ସହିତ ଗଭୀର ଅନୁଶୀଳନ ଓ ହୃଦୟବତ୍ତାର ଆବଶ୍ୟକତା ରହିଛି ବୋଲି ଡକ୍ଟର ଦିଲୀପ କୁମାର ସ୍ୱାଇଁଙ୍କ ସମାଲୋଚନା ପୁସ୍ତକ 'ପ୍ରାଚ୍ୟ-ପାଶ୍ଚାତ୍ୟ ଓ ପ୍ରାଦେଶିକ ସାହିତ୍ୟତତ୍ତ୍ୱ'ର ଲୋକାର୍ପଣ ଅବସରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ବଳଗଣ୍ଡି ରାୟବାହାଦୂର ଲେନ୍‌ର ବିଷ୍ଣୁପ୍ରିୟା ନିବାସଠାରେ ଏହି ପୁସ୍ତକକୁ ଲୋକାର୍ପଣ କରିଥିଲେ ଗାଳ୍ପିକ ତଥା ସାହିତ୍ୟ ପତ୍ରିକା 'ଜନସୁଧା'ର ସମ୍ପାଦକ ଦିଲୀପ କୁମାର ବେଉରା। ପୁସ୍ତକର ପ୍ରଶଂସା କରି ଓଡ଼ିଆ ଭାଷା ଓ ସାହିତ୍ୟରେ ସ୍ନାତକ ଓ ସ୍ନାତକୋତ୍ତର ଅଧ୍ୟୟନ କରୁଥିବା ସମସ୍ତ ବିଦ୍ୟାର୍ଥୀଙ୍କ ପାଇଁ ଏହା ଏକ ଉପଯୋଗୀ ସମାଲୋଚନା ଗ୍ରନ୍ଥ ବୋଲି କହିଥିଲେ। ଓଡ଼ିଆ ସାହିତ୍ୟର ନିଜସ୍ୱ ଚିନ୍ତନଧାରା ଓ ଓଡ଼ିଆ ଆଧୁନିକତା ସମ୍ପର୍କରେ ଏହି ପୁସ୍ତକରେ ଆଲୋଚନା କରାଯାଇଥିବାରୁ ପୁସ୍ତକଟି ଆଦୃତ ହେବ ବୋଲି ସେ କହିଥିଲେ। ସୌଭାଗିନୀ ସ୍ୱାଇଁ, ରଘୁନାଥ ଓଝା, ଅଭିନନ୍ଦିକା ସମ୍ପାଦକ ଶ୍ୟାମ ପ୍ରକାଶ ସେନାପତି, ଅଧ୍ୟାପକ ଶଙ୍କର୍ଷଣ ପ୍ରଧାନ, ଉମେଶ ଚନ୍ଦ୍ର ବେହେରା, ସତ୍ୟପ୍ରକାଶ ପଟ୍ଟନାୟକ ପୁସ୍ତକ ସମ୍ପର୍କରେ ନିଜ ନିଜ ମତ ଉପସ୍ଥାପନ କରିଥିଲେ।

## ବୋଲେରୋ ଧକ୍କାରେ ବାଇକ୍ ଆରୋହୀ ଗୁରୁତର

**ନିମାପଡ଼ା,୧୦।୬(ଡି.ଏନ୍.ଏ.)**

ନିମାପଡ଼ା-କୋଣାର୍କ ରାସ୍ତାର ପାଞ୍ଚମାଣିଆ ଛକ ନିକଟରେ ସୋମବାର ବୋଲେରୋ ଧକ୍କାରେ ଜଣେ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି। ସେ ହେଲେ ନିମାପଡ଼ା ଥାନା ଅଧୀନ ଦିଘାଲୋ ମୁସଲିମ ବସ୍ତିର ଶେଖ୍ ସନାଉଲ୍ଲା। ଚିକିତ୍ସା ପାଇଁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ସନାଉଲ୍ଲା ବାଇକ୍(ଓଆର ୧୩ଇ ୯୧୦୯)ରେ ଘରୁ ନିମାପଡ଼ା ଅଭିମୁଖେ ଆସୁଥିବା ବେଳେ ନିମାପଡ଼ାରୁ କୋଣାର୍କ ଅଭିମୁଖେ ଯାଉଥିବା ବୋଲେରୋ(ଓଡି ୩୩ଆର ୦୩୬୭) ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଗୁରୁତର ଅବସ୍ଥାରେ ସନାଉଲ୍ଲାଙ୍କୁ ସ୍ଥାନୀୟଲୋକେ ନିମାପଡ଼ା ମେଡିକାଲରେ ଭର୍ତ୍ତି କରିଥିଲେ। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଖବରପାଇ ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବାଇକ୍ ଓ ବୋଲେରୋକୁ ଜବତ କରି ତଦନ୍ତ ଚଳାଇଛି। ଅନ୍ୟପକ୍ଷରେ ଦୁର୍ଘଟଣା ପରେ ବୋଲେରୋ ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ପୋଲିସ ସୂତ୍ରରୁ ଜଣାପଡିଛି।

■ ରାଜ୍ୟସ୍ତରୀୟ ଆଲୋଚନାଚକ୍ର, ସାରସ୍ୱତ ସମ୍ବର୍ଦ୍ଧନା ଉତ୍ସବ

## ଭାଗବତ ହିଁ ଭକ୍ତିମାର୍ଗର ସର୍ବଶ୍ରେଷ୍ଠ ଗ୍ରନ୍ଥ

**ହରିହର ମିଶ୍ରଙ୍କୁ ଅତିବଡ଼ୀ ସାହିତ୍ୟ ସମ୍ମାନ**

**ପୁରୀ ଅଫିସ,୧୦।୬**

ବଡଦାଣ୍ଡସ୍ଥିତ ଭକ୍ତ ସାଲବେଗ ସ୍ମୃତିପୀଠରେ ରାଜ୍ୟସ୍ତରୀୟ ଭାଗବତ ତତ୍ତ୍ୱ ଆଲୋଚନା ଚକ୍ର, ପୁସ୍ତକ ସମୀକ୍ଷା, କବିତା ପାଠୋତ୍ସବ, ସାରସ୍ୱତ ସମ୍ବର୍ଦ୍ଧନା ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଅତିବଡ଼ି ଚେତନା ଚକ୍ର ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ବିଜୟଲକ୍ଷ୍ମୀ ସାହୁ ଉଦ୍‌ଘାଟନ କରିଥିଲେ। ଏଥିରେ ପର୍ଶୁରାମ ପାତ୍ର ସଭାପତିତ୍ୱ କରିଥିବାବେଳେ ଶିକ୍ଷାବିତ୍ ଯୁଗୋଳ କିଶୋର ମହାପାତ୍ର ମୁଖ୍ୟ ଅତିଥି, ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ହରିହର ମିଶ୍ର ବିଶିଷ୍ଟ ଅତିଥି, କବି ପ୍ରଦୀପ୍ତ କୁମାର ପ୍ରଧାନ ସମ୍ମାନିତ ଅତିଥି, କଥାବାଚକ ବାଣୀଭୂଷଣ ଶାସ୍ତ୍ରୀ ମୁଖ୍ୟବକ୍ତା, ଶିକ୍ଷକ ରଘୁନାଥ ମହାନ୍ତି ସମ୍ମାନିତ ବକ୍ତା ଭାବେ ଯୋଗଦେଇଥିଲେ। ଭାଗବତ ହିଁ ଭକ୍ତିମାର୍ଗର ସର୍ବଶ୍ରେଷ୍ଠ ଗ୍ରନ୍ଥ ବୋଲି ଏଥିରେ ମତ ପ୍ରକାଶ ପାଇଥିଲା। ପୁସ୍ତକ ସମୀକ୍ଷା କାର୍ଯ୍ୟକ୍ରମରେ କବି ରଘୁନାଥ ମହାନ୍ତିଙ୍କ ରଚିତ 'କବିତାଞ୍ଜଳି' ପୁସ୍ତକର ସମୀକ୍ଷା କରିଥିଲେ ଅଧ୍ୟାପିକା ସୁଚେତା ମିଶ୍ର। କଣ୍ଠଶିଳ୍ପୀ ମୀରା ମହାନ୍ତିଙ୍କ ସଂଯୋଜନାରେ ଆୟୋଜିତ କବିତା ଆସରରେ ବହୁ କବି ସ୍ୱରଚିତ କବିତା ପାଠ କରିଥିଲେ। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ସାହିତ୍ୟ ଏକାଡେମୀ ସଭାପତି ହରିହର ମିଶ୍ରଙ୍କୁ ଅତିବଡ଼ି ସାହିତ୍ୟ ସମ୍ମାନ, ପ୍ରାଧ୍ୟାପିକା ବସନ୍ତ କୁମାରୀ ନିଳିମା ଦାସଙ୍କୁ ଅତିବଡ଼ି ମାତୃ ସମ୍ମାନ, ପ୍ରଦୀପ୍ତ କୁମାର ପ୍ରଧାନଙ୍କୁ ଅତିବଡ଼ି କବି ସମ୍ମାନ ଏବଂ ପ୍ରତିମା ସୂପକାରଙ୍କୁ ଅତିବଡ଼ି ଶିକ୍ଷୟିତ୍ରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସମ୍ପାଦକ ପବିତ୍ର କୁମାର ମହାନ୍ତି ପରିଚାଳନା କରିଥିବାବେଳେ ପ୍ରବଚକ ପ୍ରଦୀପ କୁମାର ନାୟକ ଧନ୍ୟବାଦ ଦେଇଥିଲେ।

■ ଦୁଇ ବିଭାଗ ମଧ୍ୟରେ ସମନ୍ୱୟ ଅଭାବ

## ଘରଭଙ୍ଗା ତାଲିକାରେ ଅନିୟମିତତା ଅଭିଯୋଗ

**ଗୋପ,୧୦।୬(ଡି.ଏନ୍.ଏ.)**

ଗୋପ ବ୍ଲକ ପ୍ରଶାସନ ଓ ତହସିଲ କାର୍ଯ୍ୟାଳୟ ମଧ୍ୟରେ ସମନ୍ୱୟ ଅଭାବ ଯୋଗୁ ଘରଭଙ୍ଗା ତାଲିକାରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ ଅଭିଯୋଗ ହୋଇଛି। ବ୍ଲକ ପ୍ରଶାସନ ପକ୍ଷରୁ ପ୍ରତ୍ୟେକ ପଞ୍ଚାୟତରେ ଲାଗିଥିବା ତାଲିକାରେ ୬୦ଭାଗ ବିପନ୍ନଙ୍କ ନାଁ ନ ଥିବାରୁ ଏବେ ବିପନ୍ନମାନେ ଘରଭଙ୍ଗା ତାଲିକାରେ ନାମ ଲଗାଇବା ପାଇଁ ତଣ୍ଡ ଦେଉଥିବା ଅଭିଯୋଗ ହୋଇଛି। ଜଣେ ଜଣେ ବିପନ୍ନ ଉଚ୍ଚ ଦାମ୍‌ରେ ଫର୍ମ କିଣିବା ଓ ଫର୍ମପୂରଣ ସହ ଦରଖାସ୍ତ ଲେଖିବା ଲାଗି ୧୦୦ରୁ ଊର୍ଦ୍ଧ୍ୱ ଟଙ୍କା ଦେଉଥିବା କୁଆଁପଡା ପଞ୍ଚାୟତର ସୁଜାନଗର ଗ୍ରାମର ଚୁନିମଣି ଦେଇ ଓ ଲକ୍ଷ୍ମୀପ୍ରିୟା ମୁଦୁଲି କହିଛନ୍ତି। ଏପରି କି ବିପନ୍ନମାନେ ତହସିଲ ଓ ବ୍ଲକ୍‌ରେ ଏହି ଅଭିଯୋଗ ଦେବାକୁ ପଡୁଛି। କାରଣ କେଉଁଠି ଘରଭଙ୍ଗା ତଦନ୍ତ ହେବ ତାହା ଏପର୍ଯ୍ୟନ୍ତ ଏମାନେ ଜାଣିପାରିନାହାନ୍ତି। ବିଡିଓ ଦୀପ୍ତିରାଣୀ ଦାସ ବ୍ଲକରେ ଅଭିଯୋଗପତ୍ର ଦେବାକୁ କହୁଥିବାବେଳେ ତହସିଲଦାର ପୃଥ୍ୱୀରାଜ ମଣ୍ଡଳ ତହସିଲରେ ଅଭିଯୋଗପତ୍ର ଦିଅ ବୋଲି ବିପନ୍ନମାନଙ୍କୁ କହୁଛନ୍ତି। ବାଧ୍ୟହୋଇ ବିପନ୍ନମାନେ ଦୁଇଗୋଟି କାର୍ଯ୍ୟାଳୟରେ ଏଭଳି ଅଭିଯୋଗପତ୍ର ଦେଉଛନ୍ତି।

ପ୍ରକାଶ ଯେ, ସାମୁଦ୍ରିକ ଝଡ଼ ଫନୀରେ ଗୋପ ବ୍ଲକର ହଜାରରୁ ଊର୍ଦ୍ଧ୍ୱ ଘର ଭାଙ୍ଗିଥିବାବେଳେ ସରକାରଙ୍କ ନିର୍ଦ୍ଦେଶମତେ ଭଙ୍ଗାଘରକୁ ତଦନ୍ତ କରାଯାଇଥିଲା। ଦୁଇ କାର୍ଯ୍ୟାଳୟ ପକ୍ଷରୁ ମିଳିତ ତଦନ୍ତ କରାଯାଇଥିବାବେଳେ ଗତ ୪ ତାରିଖ ବ୍ଲକ୍ ପକ୍ଷରୁ ପ୍ରତ୍ୟେକ ପଞ୍ଚାୟତ କାର୍ଯ୍ୟାଳୟରେ ଏହାର ଏକ ତାଲିକା ଲଗାଯାଇଥିଲା। ହେଲେ ଏହି ତାଲିକାରେ ୬୦ ପ୍ରତିଶତ ଘର ଭାଙ୍ଗିଥିବା ବିପନ୍ନଙ୍କ ନାମ ନ ଥିବାବେଳେ ଧନୀଶ୍ରେଣୀ ବ୍ୟକ୍ତି, କୋଠାଘର ଥିବା ବ୍ୟକ୍ତି ଏପରି କି ମୃତକ ବ୍ୟକ୍ତିଙ୍କର ନାମ ପ୍ରକାଶ ପାଇଥିଲା। ଏହି ତାଲିକା ଲାଗିବା ପରେ ଭାଙ୍ଗିଥିବା ଲୋକଙ୍କ ନାମ ନ ଥିବାରୁ ଶେଷରେ ବିପନ୍ନମାନେ ଉକ୍ତ ତାଲିକାରେ ସାମିଲ ହେବା ପାଇଁ ଏପରି ଅଭିଯୋଗ କରିଥିବା ଜଣାପଡ଼ିଛି। ଫନୀରେ ସର୍ବସ୍ୱ ହରାଇଥିବା ବିପନ୍ନମାନେ ବାଧ୍ୟ ହୋଇ ଅଭିଯୋଗପତ୍ର ପାଇଁ ତଣ୍ଡ ଦେଉଥିବାରୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏଭଳି ଅଭିଯୋଗ ଆସିଥିବା ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ନିମାପଡ଼ା ବିଧାୟକ ତଥା ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଥିବାବେଳେ ଜିଲାପାଳଙ୍କୁ ଏ ସମ୍ପର୍କରେ ଅବଗତ କରାଯାଇଥିବା ସେ ମଧ୍ୟ କହିଛନ୍ତି। ଏ ନେଇ ବିଡିଓ ଦାସ ଓ ତହସିଲଦାର ମଣ୍ଡଳଙ୍କୁ ପଚାରିବାରେ ବିପନ୍ନମାନଙ୍କଠାରୁ ଅଭିଯୋଗ ପତ୍ର ଗ୍ରହଣ କରାଯାଉଛି। ଏହାପରେ ଠିକ୍ ଭାବେ ତଦନ୍ତ କରାଯାଇ ବିପନ୍ନଙ୍କୁ ସରକାରୀ ସହାୟତା ଦିଆଯିବ ବୋଲି କହିଥିଲେ।

■ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଫାଟକ ନିର୍ମାଣ କାର୍ଯ୍ୟ ମନ୍ଥର

## ବାରମ୍ବାର ଦୁର୍ଘଟଣା, ଅଧିକାରୀଙ୍କ ନିଘା ନାହିଁ

**କଣାସ, ୧୦।୬(ସ୍ୱ.ପ୍ର.)**



ତିଆରି ଚାଲିଥିବା କଣାସ ଡାକ୍ତରଖାନା ମୁଖ୍ୟ ଫାଟକ।

କଣାସ ବ୍ଲକ ଅନ୍ତର୍ଗତ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଫାଟକ ନିର୍ମାଣ କାର୍ଯ୍ୟ ମନ୍ଥର ଗତିରେ ଚାଲୁଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଥିବା ରୋଗୀ ତଥା ତାଙ୍କ ସମ୍ପର୍କୀୟମାନେ ନିର୍ମାଣ ପାଇଁ ଖୋଳାଯାଇଥିବା ଗାତରେ ପଡ଼ି ଅନେକ ସମୟରେ ଦୁର୍ଘଟଣାର ଶିକାର ହେଉଛନ୍ତି। ୩ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଅର୍ଥ ବରାଦ କରାଯାଇ ଦୀର୍ଘ ୧ ମାସ ହେଲା ଫାଟକ ନିର୍ମାଣ କାର୍ଯ୍ୟ ପାଇଁ ନିଯୁକ୍ତ ହୋଇଥିବା ଠିକାଦାର କାର୍ଯ୍ୟ ଆରମ୍ଭ କରିଥିଲେ। ଫାଟକ ନିର୍ମାଣ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ଯନ୍ତ୍ରୀ ସରୋଜ କୁମାର ପଣ୍ଡାଙ୍କୁ ପଚାରିବାରେ ଉକ୍ତ କାମକୁ ଆମେ ଏନ୍‌ଏଚ୍‌ଆର ବିଭାଗକୁ ଦେଇଦେଇଛୁ। ଏନଏଚଆର କନିଷ୍ଠ ଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ବେହେରାଙ୍କୁ ପଚାରିବାରୁ ସେ କୁହନ୍ତି, କାର୍ଯ୍ୟାଦେଶ ପାଇଥିବା ଠିକାଦାର କାର୍ଯ୍ୟ କରିବାରେ ବିଳମ୍ବ କରୁଛନ୍ତି। ଏନେଇ ଆମେ ଦୃଷ୍ଟି ଦେବୁ ବୋଲି କହିଥିଲେ।